

ପାଡିକଲ୍‌ଙ୍କ ପ୍ରଥମ ଟେଷ୍ଟ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-53 ♦MONDAY ♦17 AUGUST 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୪ ♦ସଂଖ୍ୟା-୫୩ ♦ସୋମବାର ♦୧୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ନାଳ ଖୋଳୁଥିବା ବେଳେ ମିଳିଲା ୮୬ କୋଟିର ସୁନା

■ ଡେଣ୍ଡରମୋଣ୍ଡ, ୧୬।୮ (ଏଜେନ୍ସି): ବେଲଜିୟମରେ ନାଳ ନିର୍ମାଣ ପାଇଁ ମାଟି ଖୋଳୁଥିବା ବେଳେ ୧୮ ବର୍ଷୀୟ ଛାତ୍ରଙ୍କୁ ପ୍ରାୟ ୮୫ କୋଟି ୯୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଭଣ୍ଡାର ମିଳିଛି । ଏଥିରେ ସୁନା ମୁଦ୍ରା, ସୁନା ଖଣ୍ଡ ଓ ଚିହ୍ନିତ ସୁନା ବାର ରହିଛି । ଡେଣ୍ଡରମୋଣ୍ଡ ଅଞ୍ଚଳର ଏକ ପୁରୁଣା ମଦଭାଟି ସ୍ଥଳରେ ନାଳା ପାଇଁ ଖନନ କରୁଥିବା ସମୟରେ ଛାତ୍ର କୋବେ ଓ ତାଙ୍କ ସହକର୍ମୀମାନେ ପ୍ରଥମେ କିଛି ମୁଦ୍ରା ଭଳି ଜିନିଷ ଦେଖିଥିଲେ । ଅଧିକ ଖୋଳିବା ପରେ ଏକ ସୁନା ବାର ମିଳିବାରୁ ସେମାନେ ଚକିତ ହୋଇଥିଲେ । ଏକ ପୁରୁଣା ଭବନର ଇଟାରେ ବନ୍ଦ ତଳଘର କାନ୍ଥ ଭିତରେ ଏହି ସୁନା ଏକ ବ୍ୟାଗରେ ଲୁଚାଇ ରଖାଯାଇଥିଲା । ଭଣ୍ଡାରଟି ପୂର୍ବତନ ମଦଭାଟି ମାଲିକଙ୍କ ପରିବାର ସହ ଜଡ଼ିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ଛାତ୍ର ଓ ସହକର୍ମୀମାନେ ତୁରନ୍ତ ପୁଲିସକୁ ଖବର ଦେବା ପରେ ସୁନାକୁ ବ୍ରସେଲ୍ସର ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ସୁନା ଚୋରି ହୋଇଥିବା କିମ୍ବା ▶ପୃଷ୍ଠା-୭



## ୧୩ ହଜାର ଫୁଟରେ ତ୍ରିରଙ୍ଗା ଉଡ଼ାଇ ବିଶ୍ୱ ରେକର୍ଡ



■ ଦୁବାଇ, ୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ଲିବ୍ୟାର ବେଙ୍ଗାଜୀରେ ଏକ ଅନନ୍ୟ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି । ଏକକାଳୀନ ୬୫ ଜଣ ସ୍କାଏଡାଇଭର୍‌ଙ୍କ ମଧ୍ୟରେ ୟୁଏଇରେ ବାସ କରୁଥିବା ତିନି ଜଣ ଭାରତୀୟ ୧୩,୦୦୦ ଫୁଟ ଉଚ୍ଚତାରୁ ବିମାନରୁ ଡେଇଁ ଆକାଶରେ ଭାରତୀୟ ଜାତୀୟ ପତାକା ଉଡ଼ାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି । ଗତ ୭ ତାରିଖରେ ଅନୁଷ୍ଠିତ ଏହି ଅଭିଯାନରେ ବିଶ୍ୱର ପ୍ରାୟ ୩୮ଟି ଭିନ୍ନଭିନ୍ନ ଦେଶର ଖେଳାଳି ସାମିଲ ହୋଇଥିଲେ । ଏହି ତିନିଜଣ ଭାରତୀୟ ପ୍ରତିନିଧି ହେଲେ କେରଳମ୍‌ର ଜାମସୀର ଥାନାଲୋଟ୍, ଉତ୍ତରପ୍ରଦେଶର ଅଭିଷେକ ରାୱତ ଏବଂ ବିହାରର ଇଶା ରାଜ୍ । ଏତେ ଉଚ୍ଚତାରୁ ବଡ଼ ବଡ଼ ଜାତୀୟ ପତାକା ଧରି ଖସିବା ଏବଂ ପାରାଚୁଟ୍ ସହିତ ପତାକା ଅଲଗା ରଖି ନିର୍ଦ୍ଦିଷ୍ଟ କ୍ୟାମେରା ଜୋନ୍‌ରେ ସୁରକ୍ଷିତ ଅବତରଣ କରିବା ଅତ୍ୟନ୍ତ କଠିନ ଥିଲା । କଠିନ ପ୍ରଶିକ୍ଷଣ ଏବଂ ପରୀକ୍ଷାମୂଳକ ଜମ୍ପ ପରେ ଏମାନେ ଏହି ସଫଳତା ହାସଲ କରିଥିଲେ, ଯାହାର ସ୍ୱୀକୃତି ସ୍ୱାଧୀନତା ଦିବସ ପୂର୍ବରୁ ମିଳିଥିଲା । ବିଦେଶରେ ରହି ମଧ୍ୟ ଦେଶର ଗୌରବ ବୃଦ୍ଧି କରିଥିବା ▶ପୃଷ୍ଠା-୭

**ଲଘୁଚାପ ଘନୀଭୂତ**

# ଦୁଇ ଦିନ ବଡ଼ ବର୍ଷା

■ ଭୁବନେଶ୍ୱର, ୧୬।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି । ଏହା ଆହୁରି ଶକ୍ତିଶାଳୀ ହୋଇ ସୋମବାର ସୁଦ୍ଧା ଅବପାତର ରୂପ ନେବ । ଏବେ ଏହା ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପ୍ରଭାବରେ ଆହୁରି ୨ ଦିନ ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା କରାଯାଇଛି । ଅନ୍ୟପଟେ ଗୋଟିଏ ଲଘୁଚାପ ନ ଯାଉଣୁ ପଛକୁ ପଛ ଲଘୁଚାପ ଆଶଙ୍କା ଜାରି ରହୁଥିବାରୁ ମାସ ଶେଷ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାବାସୀ ବନ୍ୟା ଦାଉରୁ ରକ୍ଷା ପାଇବାର ସମ୍ଭାବନା କ୍ଷୀଣ ରହିଛି । କାରଣ ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ ଆଶଙ୍କା ରହିଥିବାରୁ ରାଜ୍ୟରେ ବର୍ଷାର ଆଶଙ୍କା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି ।

ପାଣିପାଗ କେନ୍ଦ୍ର କହିଛି ଆସନ୍ତାକାଲି ଅର୍ଥାତ ଅଗଷ୍ଟ ୧୭ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି । ଲଘୁଚାପ ଅବପାତର ରୂପ ନେବା ହେତୁ ଅତି ଭୀଷଣ ବର୍ଷା ପାଇଁ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଭଦ୍ରକ, ଢେଙ୍କାନାଳ,

### ଆଜି ଉତ୍ତର ଓଡ଼ିଶାର ୩ ଜିଲ୍ଲାକୁ ରେଡ୍ ଆଲର୍ଟ

### ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ

ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ପାଇଁ ଜଗତସିଂହପୁର, ଖୋରଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କତା ଜାରି କରିଛି । ▶ପୃଷ୍ଠା-୭

## ବିପଦ ସଙ୍କେତ ଟପିଲା ବୈତରଣୀ, ସାଳନ୍ଦୀ



■ ଭଦ୍ରକ, ୧୬।୮ (ସମିସ): ଭଦ୍ରକ ଜିଲ୍ଲାରେ ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗତ ଶନିବାର ରାତିରୁ ଉଭୟ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି । ରବିବାର ସକାଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ରାଜଘାଟଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି । ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ ରବିବାର ଅପରାହ୍ଣ ୧ଟା ସୁଦ୍ଧା ନଦୀର ଜଳସ୍ତର ୧୮.୩୬ ମିଟର ରହିଛି । ଫଳରେ ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଅଧିକ ରହିଛି । ସେହିପରି ରାଜଘାଟଠାରେ ସାଳନ୍ଦୀ ନଦୀର ବିପଦ ସଙ୍କେତ ୧୭ ଫୁଟ୍ ରହିଥିବାବେଳେ ଅପରାହ୍ଣ ୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୬.୯୦ ଫୁଟ୍‌ରେ ପ୍ରବାହିତ ହେଉଥିଲା । ରାତିରୁ ବର୍ଷା ଲାଗି ରହିଥିବାରୁ ଉଭୟ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ବୈତରଣୀ ନଦୀରୁ କଣ୍ଟିଘାଇ ଏସ୍କେପ୍, ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍କେପ୍ ▶ପୃଷ୍ଠା-୭

**ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ**

## ପୂର୍ବତନ ମନ୍ତ୍ରୀଙ୍କ ଆତ୍ମହତ୍ୟା

■ କୋଲକାତା, ୧୬।୮ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଯାଇଛି ପ୍ରତିଶୋଧର ଖେଳ । ପ୍ରଥମ ଥର ଲାଗି କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମୁଖ୍ୟ ବିରୋଧୀ ଦଳ ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ଟାର୍ଗେଟ କରି ଚାଲିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ମମତାଙ୍କ ସମେତ ଅନେକ ଦଳୀୟ ନେତାଙ୍କୁ ଆକ୍ରମଣ କରାଯାଉଛି । ଟିଏମ୍‌ସିରେ ବିଭାଜନ ପରେ ଏବେ ଏହାର ନେତାଙ୍କୁ ବିଭିନ୍ନ ମାମଲାରେ ଗିରଫ କରାଯାଉଛି । ଏହାକୁ ନେଇ ରାଜ୍ୟରେ ଆତଙ୍କଜନକ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟିଏମ୍‌ସିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀ ଆଜି ଆତ୍ମହତ୍ୟା କରିଛନ୍ତି । ସେ କେବେହେଲେ ଦୁର୍ନୀତି କରିନାହାନ୍ତି ଏବଂ ସେ ନିର୍ଦ୍ଦୋଷ ବୋଲି ତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ମିଳିଛି । ଏହାକୁ ନେଇ ରାଜ୍ୟ ରାଜନୀତିରେ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୋଇଛି । ଜଣେ ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କରିବା ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ବାନାର୍ଜୀଙ୍କ ଆତ୍ମହତ୍ୟା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଦାୟୀ କରି ତାଙ୍କ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ । ସେ ଜଣେ ସଚ୍ଚୋଟ ବ୍ୟକ୍ତି ଥିଲେ ଏବଂ ପ୍ରଶାସନିକ ଅତ୍ୟାଚାର ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ▶ପୃଷ୍ଠା-୭



### ଟିଏମ୍‌ସି କାର୍ଯ୍ୟାଳୟରୁ ମିଳିଲା ଝୁଲନ୍ତା ମୃତଦେହ

### ବିଜେପି ସରକାରକୁ ଦାୟୀକଲେ ମମତା

**ବର୍ଷା ଓ ବନ୍ୟା ତାଣ୍ଡବ**

# ସୁଅ ମୁହଁରେ ଉତ୍ତର ଓଡ଼ିଶା

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତରଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସମୟରେ ପୁଣି ଲଘୁଚାପ ଜନିତ ବର୍ଷା କେନ୍ଦୁଝର,ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ବିପଦ ସୃଷ୍ଟି କରିଛି । ୩ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି । ଏହି ସମୟରେ ପୁଣି ଲଘୁଚାପଜନିତ ବର୍ଷା ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଛି । ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟି ରଖି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ସବୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ସେହିପରି ସବୁ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି । ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି ଏବଂ ପ୍ରଶାସନକୁ ସତର୍କ ରହିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ସରକାର ୩ ଜିଲ୍ଲାକୁ ୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ବନ୍ୟା ପରିଚାଳନା ଓ ରିଲିଫ୍ ଆଦିର ତଦାରଖ ପାଇଁ ▶ପୃଷ୍ଠା-୭

- ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ
- ଅନ୍ଧାରରେ ୭୫୦୦୦ ବିଜୁଳି ଉପଭୋକ୍ତା
- ୪ ଜିଲ୍ଲାରେ ସବୁ ସ୍କୁଲକୁ ଛୁଟି ଘୋଷଣା
- ତଦାରଖ କରିବାକୁ ଗଲେ ୩ ଆଇଏଏସ୍
- ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ
- ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

### ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଟି ଜିଲ୍ଲାରେ ବନ୍ୟା ସ୍ଥିତି ସମୀକ୍ଷା କରିବେ । ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଅନ୍ୟପଟେ ସୋମବାର ଲଘୁଚାପଟି ଅବପାତର ରୂପ ନେବାକୁ ଥିବାରୁ ଏହି ଜିଲ୍ଲାରେ ପାଗ ଖରାପ ରହିବାର ଆଶଙ୍କା ରହିଛି । ତେଣୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ମାଧ୍ୟମରେ ଗସ୍ତ କରିବେ କି ସ୍ଥଳପଥରେ ଯେବି ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ପାଗ ଦେଖି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

## ୧୦୦ ମିଟର ଧସିଲା ଜାତୀୟ ରାଜପଥ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୬।୮ (ସମିସ): ଲଗାଣ ବର୍ଷାରେ ଧସିଲା ଚଣ୍ଡିଖୋଲ- ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ । ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ଛକ ନିକଟରେ ରବିବାର ସକାଳ ୮ଟା ସମୟରେ ନିର୍ମାଣାଧୀନ ରାଜପଥର ଏକ ବଡ଼ ଅଂଶ ହଠାତ୍ ଧସିଯାଇଥିଲା । ରାସ୍ତାକଡ଼ରେ ଠିଆ ହୋଇଥିବା ତିନୋଟି ଖାଲି ଟ୍ରକ୍ ମଧ୍ୟ ମାଟି ଧସିବା ସହ ଚାଷଜମି ଭିତରକୁ ଗଳିପଡ଼ିଛି । ଧସିଥିବା ଟ୍ରକ୍‌ଗୁଡ଼ିକ ମଧ୍ୟରେ ଗୋଟିଏ ୧୨ ଚକିଆ, ଗୋଟିଏ ୧୪ ଚକିଆ ଏବଂ ଗୋଟିଏ ୧୬ ଚକିଆ ଟ୍ରକ୍ ରହିଛି । ଟ୍ରକ୍‌ଗୁଡ଼ିକରେ ସେତେବେଳେ କେହି ନଥିବାରୁ ଏକ ବଡ଼ ଧରଣର ଜୀବନହାନି ଅଘଟଣରୁ ବର୍ତ୍ତିଯାଇଛି ।

ସ୍ଥାନୀୟ ସୂଚନା ଅନୁସାରେ, ନୀଳାଞ୍ଚଳ ଛକ ନିକଟରେ ପ୍ରାୟ ୫୦ରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଧସିଥିବା ବେଳେ ନବନିର୍ମିତ ପିଚୁ ରାସ୍ତାର ପ୍ରାୟ ଅଢ଼େଇରୁ ୩ ମିଟର ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଛି । ଫଳରେ ଏହି ▶ପୃଷ୍ଠା-୭

### ଚାଷଜମିକୁ ଖସିପଡ଼ିଲା ୩ ଟ୍ରକ୍

### ୮୦୦ କୋଟିର ପ୍ରକଳ୍ପ ମାନକୁ ନେଇ ଉଠିଲା ପ୍ରଶ୍ନ

### ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଅଟକ



## ଜଗା ଦର୍ଶନ ବେଳେ ଟଳିପଡ଼ିଲେ ବୃଦ୍ଧ

■ ପୁରୀ, ୧୬।୮ (ସମିସ): ଜଗନ୍ନାଥ ଦର୍ଶନ ହିଁ ହୋଇଗଲା ଶେଷ ଦର୍ଶନ । ମହାପ୍ରଭୁଙ୍କୁ ନୟନ ଭରି ଦେଖିବା ପରେ ଶ୍ରୀକ୍ଷେତ୍ରରେ ଚାଲିଗଲା ଜଣେ ୭୫ ବର୍ଷୀୟ ଶ୍ରଦ୍ଧାଳୁଙ୍କ ଜୀବନ । ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବିଞ୍ଝାରପୁରର ନୀଳକଣ୍ଠ ଦାସ । ବର୍ତ୍ତମାନ ସେ କୋଲକାତା ଚାନ୍ଦିନୀ ମାର୍କେଟ୍ ନିକଟରେ ପରିବାର ସହ ରହୁଥିଲେ । ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସେ ପୁରୀ ଆସିଥିଲେ । ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ନୀଳକଣ୍ଠ ତାଙ୍କ ପତ୍ନୀ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ବାହାର କାଠ ଦର୍ଶନ କରି ହୁଣ୍ଡି ନିକଟରେ ଠାକୁରଙ୍କୁ ପ୍ରଣାମ କରୁଥିବାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ଟଳି ପଡ଼ିଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ ଓ ଶ୍ରଦ୍ଧାଳୁମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ନୀଳକଣ୍ଠଙ୍କର ପୂର୍ବରୁ ହୃଦ୍‌ଘାତଜନିତ ସମସ୍ୟା ରହିଥିଲା ଏବଂ ସେ ଔଷଧ ଖାଉଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରିବା ତାଙ୍କର ବହୁଦିନର ଇଚ୍ଛା ଥିଲା । ଏହି ଖବର ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଅନ୍ୟପଟେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହେଉଛି ଯେ ମହାପ୍ରଭୁଙ୍କ ଦର୍ଶନ ପରେ ଦେହ ତ୍ୟାଗ କରିବା ତାଙ୍କ ପାଇଁ ସବୁଠୁ ବଡ଼ ସୌଭାଗ୍ୟ । ଘଟଣା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ମୃତଦେହ ପରିବାରକୁ ହସ୍ତାନ୍ତର କରିଛି ।

**ହସ୍ପିଟାଲରେ ମୃତ ଘୋଷଣା କଲେ ଡାକ୍ତର**

## ବିଦ୍ୟୁତ୍ ତାରରେ ପତାକା ଖୁଣ୍ଟ ଲାଗି ଶିକ୍ଷକ ମୃତ

■ ସିମୁଳିଆ, ୧୬।୮ (ସମିସ): ସ୍ୱାଧୀନତା ଦିବସ ପାଳନବେଳେ ଶନିବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏଥିସହ ୩ଜଣ ଛାତ୍ର ଆହତ ହୋଇଛନ୍ତି । ମୃତ ଶିକ୍ଷକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତ ବେହେରା (୨୪) ।

ସିମୁଳିଆ ବ୍ଲକ ମଇତାପୁରଠାରେ ଥିବା ରୟାଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପତାକା ଉତ୍ତୋଳନ ପାଇଁ ଶିକ୍ଷକ ପ୍ରିୟବ୍ରତ ବେହେରା (୨୪) ପତାକା ଷ୍ଟାଣ୍ଡରେ ଲୁହା ପାଇପ୍ ପୋତିବା ପାଇଁ ଆଣୁଥିବାବେଳେ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ଲାଗିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ବିଦ୍ୟୁତ୍ ଆଘାତରେ ତିନ ଜଣ ଛାତ୍ର ନବମ ଶ୍ରେଣୀର ମୃତ୍ୟୁଞ୍ଜୟ ସାହୁ ଓ ଅଷ୍ଟମ ଶ୍ରେଣୀର ଚିରାଗ ନାୟକ, ଗୌରବ ମଲ୍ଲିକ, ଦଶମ ଶ୍ରେଣୀ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଶିକ୍ଷକ ପ୍ରିୟବ୍ରତ ବେହେରାଙ୍କର ଘର ବାଲିଆପାଳ ଅଞ୍ଚଳର ବୋଲି ଜଣାପଡ଼ିଛି ।

# ଓଡ଼ିଶାରୁ ହଜିଯିବ ଜଙ୍ଗଲ ଅସ୍ତିତ୍ୱ

## ୩ ବର୍ଷରେ ୧୦,୦୦୦ ହେକ୍ଟର ଜଙ୍ଗଲ ଜମି ଲିଜ୍

■ ଭୁବନେଶ୍ୱର, ୧୬।୮ (ସମିସ): ସାରା ବିଶ୍ୱ ପରି ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବରେ ପ୍ରଭାବିତ । ପ୍ରଚଣ୍ଡ ଖରା, ବାଦଲଫଟା ବର୍ଷା, ସାମୁଦ୍ରିକ ଝଡ଼ ଆଦି ଓଡ଼ିଶା ପାଇଁ ସବୁବେଳେ ଆହ୍ୱାନ ସୃଷ୍ଟି କରି ଆସିଛି । ଏଥିପାଇଁ ପ୍ରକୃତି ଓ ପରିବେଶ ସଂରକ୍ଷଣ ପାଇଁ ସବୁବେଳେ ପରିବେଶବିତ୍ ଓ ବୈଜ୍ଞାନିକମାନେ ପରାମର୍ଶ ଦେଇ ଆସୁଛନ୍ତି । ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶା ଉପରେ ଏହି ପରାମର୍ଶର କୌଣସି ପ୍ରଭାବ ପଡ଼ିନାହିଁ । ରାଜ୍ୟର ପ୍ରାକୃତିକ ସମ୍ପଦ ଓ ଜଙ୍ଗଲକୁ ବଞ୍ଚାଇବା ପାଇଁ ହେଉଥିବା ସମସ୍ତ ଦାବି ଏବଂ ଆହ୍ୱାନ ଭିତରେ ଜଙ୍ଗଲ ଉପରେ ବଢୁଥିବା ଭୟାବହ ଚାପର ପ୍ରକୃତ ଚିତ୍ର ସାମ୍ନାକୁ ଆଣିଛି କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଏକ ତଥ୍ୟ । ଏହି ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୋଟ ୧୦,୦୯୮.୯୯ ହେକ୍ଟର ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅନୁମୋଦନ ମିଳିଛି । ଏହାମଧ୍ୟରୁ ୯୦ ପ୍ରତିଶତ କେବଳ ଖଣି ଓ ଶିଳ୍ପ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି । ବିଡ଼ମ୍ବନା ହେଉଛି, ଏହି ଜଙ୍ଗଲ ଜମି ଲିଜ୍ କେବଳ ଏକ ପରିସଂଖ୍ୟାନଗତ ତଥ୍ୟ ନୁହେଁ; ବରଂ ରାଜ୍ୟର ପରିବେଶ ଏବଂ ଜୈବ ବିବିଧତା ଉପରେ ସବୁଠାରୁ ବଡ଼ ଆଘାତ ବୋଲି ମନେ କରାଯାଉଛି ।

**ଲିଜ୍ ପ୍ରଦାନରେ ସାରା ଦେଶରେ ଓଡ଼ିଶା ୨ୟ**

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଗତ ୩ ବର୍ଷ ମଧ୍ୟରେ ସାରା ଦେଶରେ ୮୨,୮୧୭.୯୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି । ଏହାମଧ୍ୟରୁ କେବଳ ଓଡ଼ିଶାର ଅଂଶ ରହିଛି ପ୍ରାୟ ୧୨.୨ ପ୍ରତିଶତ । ମଧ୍ୟପ୍ରଦେଶରେ ୨୨,୦୨୭.୦୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକୁ ଯାଇଥିବାବେଳେ ଓଡ଼ିଶା ୧୦,୦୯୮.୯୯ ହେକ୍ଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛି । ଅରୁଣାଚଳ ପ୍ରଦେଶ (୭,୮୨୮.୩୧ ହେକ୍ଟର), ଝାଡ଼ଖଣ୍ଡ (୬,୧୯୯.୪୧ ହେକ୍ଟର) ଏବଂ ମହାରାଷ୍ଟ୍ର (୫,୨୮୨.୧୮ ହେକ୍ଟର) ଭଳି ବଡ଼ ବଡ଼ ଜଙ୍ଗଲ ସମୃଦ୍ଧ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାର ଶୀର୍ଷରେ ପହଞ୍ଚିବା ରାଜ୍ୟବାସୀଙ୍କ ପାଇଁ ଏକ ଚିନ୍ତାଜନକ ଓ ନକାରାତ୍ମକ । ▶ପୃଷ୍ଠା-୭

## ନିଷିଦ୍ଧ ପାନ ମସଲା ବିଜ୍ଞାପନ

# ଶାହରୁଖ, ଅଜୟ, ଟାଇଗରଙ୍କୁ ନୋଟିସ



ମୁମ୍ବଇ,୧୬ ।୮ (ଏଜେନ୍ସି): ନିଷିଦ୍ଧ ପାନ ମସଲାର ପରୋକ୍ଷ ପ୍ରଚାର କରୁଥିବା ଅଭିଯୋଗରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ପକ୍ଷରୁ ଲୋକପ୍ରିୟଅଭିନେତା ଅଜୟଦେବଗନ, ଶାହରୁଖ ଖାନ ଏବଂ ଟାଇଗର ଶ୍ରଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଳେଇଚ ନାମରେ ଏହି ଅଭିନେତାମାନେ ଏକ ବାରଣ ହୋଇଥିବା ପାନ ମସଲା ବ୍ରାଣ୍ଡର ପ୍ରଚାର କରୁଥିବା ବିଭାଗ ଅଭିଯୋଗ କରିଛି । ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ଆସନ୍ତା ପନ୍ଦର ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର କହିବା ଅନୁଯାୟୀ, ଏହି ବିଜ୍ଞାପନ ଦର୍ଶକଙ୍କୁ ବିଭ୍ରାନ୍ତ କରୁଛି ଏବଂ ପରୋକ୍ଷ ଭାବରେ ରାଜ୍ୟରେ ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟକୁ ପ୍ରୋତ୍ସାହନ ଦେଉଛି । ବିଭ୍ରାନ୍ତିକର ଖାଦ୍ୟ ବିଜ୍ଞାପନ ପ୍ରସାରଣ କଲେ ଆଇନ ଅନୁଯାୟୀ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି । ଏହି କାରଣରୁ ପ୍ରଶାସନ ପକ୍ଷରୁ ଅଭିନେତାମାନଙ୍କ ଚୁକ୍ତିନାମା, ପାରିଶ୍ରମିକ ବିବରଣୀ ଏବଂ ପ୍ରଚାର ସମ୍ବନ୍ଧୀୟ ସମସ୍ତ କାଗଜପତ୍ରର ନକଲ ମାଗିବା ସହ ଘଟଣାର କଡ଼ା ତଦନ୍ତ କରାଯାଉଛି ।

# ବାରାଣସୀ ବିମାନଘାଟୀରେ ଯାଞ୍ଚ ବେଳେ ଯାତ୍ରୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି

ବାରାଣସୀ,୧୬ ।୮ (ଏଜେନ୍ସି): ରବିବାର ଦିନ ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ବିମାନବନ୍ଦରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅସ୍ତ୍ରଶସ୍ତ୍ର ଯାଞ୍ଚ କରାଯାଉଥିବା ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଯିବାରୁ ଦୁଇ ଜଣ ବିମାନବନ୍ଦର କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜମଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ଏକ ଯାତ୍ରୀବାହୀ ବିମାନ ଯୋଗେ ମୁମ୍ବାଇ ଯିବାକୁ ପ୍ରସ୍ତୁତ ହେଉଥିଲେ । ସେ ନିଜ ପାଖରେ ଏକ ପିସ୍ତଲ ଏବଂ ମାଗାଜିନ୍ ରଖିଥିଲେ, ଯାହା ବିଷୟରେ ସେ ବିମାନରେ ବସିବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଘୋଷଣା ମାଧ୍ୟମରେ ଜଣାଇଥିଲେ । ବାରାଣସୀ ବିମାନବନ୍ଦରର ନିର୍ଦ୍ଦେଶକ ପୁନୀତ ଗୁପ୍ତାଙ୍କ କହିବା ଅନୁସାରେ, ସକାଳ ପ୍ରାୟ ସାଢେ ନଅଟା ସମୟରେ ବନ୍ଧୁକ ଏବଂ ଏହାର କାଗଜପତ୍ରର ଯାଞ୍ଚ ପ୍ରକ୍ରିୟା ଚାଲିଥିଲା । ସେହି ସମୟରେ ଅସ୍ତ୍ରଶସ୍ତ୍ରର ମାଲିକ ଏବଂ ବିମାନବନ୍ଦର କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ । ଯାଞ୍ଚ ବେଳେ ଯାତ୍ରୀଙ୍କ ହାତରୁ ଅସାବଧାନତାବଶତଃ ଗୁଳି ଫୁଟି ଯାଇଥିଲା । ଗୁଳିଟି ପ୍ରଥମେ ତଳ ଚଟାଣରେ ବାଜିବା ପରେ ପାଖରେ ଛିଡ଼ା ହୋଇଥିବା ଦୁଇ ଜଣ ସୁରକ୍ଷା ଯାଞ୍ଚ କର୍ମଚାରୀଙ୍କ ଦେହରେ ବାଜିଥିଲା । ଏହି ଦୁର୍ଘଟଣାରେ ଜଣେ ମହିଳା କର୍ମଚାରୀଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣେ ପୁରୁଷ କର୍ମଚାରୀଙ୍କ ହାତରେ ଆଘାତ ଲାଗିଛି । ଘଟଣା ପରେ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରାଯାଇ ପାଖରେ ଥିବା ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟର ନାମକ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଉଭୟ ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଡାକ୍ତରମାନେ ସେମାନଙ୍କର ଉପଯୁକ୍ତ ଚିକିତ୍ସା କରୁଛନ୍ତି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ବ୍ରିଟେନ ରାଜାଙ୍କ ରୟାଲ ଗାର୍ଡେନ୍ ପାର୍ଟିକୁ ଆମନ୍ତ୍ରିତ ହେଲେ ବିହାରୀ ରୋଷେୟା

ଲଣ୍ଡନ,୧୬ ।୮ (ଏଜେନ୍ସି): ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିବା ପ୍ରସିଦ୍ଧ ରୋଷେୟା ନନ୍ଦ କିଶୋର ଯାଦବ ବ୍ରିଟେନର ଏଡିନବରେ ରାଜା ଚାର୍ଲ୍ସ ତୃତୀୟ ଏବଂ ରାଣୀ କାମିଲାଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ରୟାଲ ଗାର୍ଡେନ୍ ପାର୍ଟିରେ ଯୋଗଦେଇଛନ୍ତି । ସ୍କଟଲ୍ୟାଣ୍ଡର ପାଲେସ୍ ଅଫ୍ ହୋଲିରୁଡ୍ ହାଉସ୍‌ରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ରୋଷେଇ କଳା, ଭାରତୀୟ ମୂଳଦୁଆ ଏବଂ ବ୍ରିଟେନରେ ସମାଜସେବା ପାଇଁ ତାଙ୍କୁ ଏହି ନିମନ୍ତ୍ରଣ ମିଳିଛି । ୧୯୯୯ ମସିହାରୁ ନିଜର ରୋଷେଇ ଯାତ୍ରା ଆରମ୍ଭ କରିଥିବା ନନ୍ଦ ଭାରତ, ଆମେରିକା ଏବଂ ବ୍ରିଟେନର ବିଭିନ୍ନ ବିଶ୍ୱବିଖ୍ୟାତ ରୋଷେଇଘର ତଥା ଗର୍ଡନ୍ ରାମସେଙ୍କ ସହିତ କାମ କରିସାରିଛନ୍ତି । ବର୍ତ୍ତମାନ ସେ ଲଣ୍ଡନ ନିକଟସ୍ଥ ହୋଲିପୋର୍ଟରେ 'ଦି ହ୍ୱାଇଟ୍ ହାର୍ଟ' ନାମକ ଏକ ପ୍ରସିଦ୍ଧ ପବ୍ ଏବଂ 'ନିନାୟା କ୍ୟାଟରିଂ' ପରିଚାଳନା କରିବା ସହ ନିଜର 'ମିଶନ ପସିବଲ୍' ମାଧ୍ୟମରେ ବିଭିନ୍ନ ସମାଜସେବା ଏବଂ ଚାରିଟି କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି । ବିହାରର ଏକ ସାଧାରଣ ପରିବାରରୁ ଆସି ବ୍ରିଟେନର ରାଜପରିବାରଠାରୁ ସମ୍ମାନିତ ହେବା ତାଙ୍କର ଦୀର୍ଘ ୨୫ ବର୍ଷର କଠିନ ପରିଶ୍ରମ ଏବଂ ଭାରତୀୟ ସଂସ୍କୃତି ପାଇଁ ଏକ ଗୌରବର ବିଷୟ ଅଟେ ।

## ହଙ୍ଗେରୀରେ ଓଲଟିଲା ପର୍ଯ୍ୟଟକ ବସ୍, ୧୨ ମୃତ

ବୁଦାପେଷ୍ଟ,୧୬ ।୮ (ଏଜେନ୍ସି): ହଙ୍ଗେରୀର ପୂର୍ବ ପ୍ରାନ୍ତରେ ଏକ ପୁଲିସ ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣରୁ ଅଧିକ ଆହତ ହୋଇଛନ୍ତି । ରବିବାର ସକାଳେ ହଙ୍ଗେରୀର ମେଜୋକେରେସ୍ଟ୍ ସହର ନିକଟସ୍ଥ ଏମ୍-୩ ମେନ୍ ରୋଡ୍‌ରେ ପୁଲିସ ପଞ୍ଜିକୃତ ଏକ ବସ୍ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ଏକ ଗାତ ଭିତରକୁ ଖସି ପଡ଼ିଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗାଡ଼ି ଚାଳକଙ୍କୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଛି । ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଏବଂ ଦୁଇ ଜଣ ଡ୍ରାଇଭର ଥିଲେ । ଏହି ଦୁର୍ଘଟଣାକୁ ନେଇ ପୋଲାଣ୍ଡ ଏବଂ ହଙ୍ଗେରୀର ଶୀର୍ଷ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୁଲିସ ବସ୍ ଡ୍ରାଇଭରକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି ।

## ପତ୍ନୀଙ୍କୁ ଯବାନଙ୍କ ହତ୍ୟା

ହୋସିଆରପୁର,୧୬ ।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁର ଜିଲ୍ଲାରେ ଛୁଟିରେ ଆସିଥିବା ଜଣେ ସୀମା ସୁରକ୍ଷା ବଳ ଯବାନ ନିଜ ପତ୍ନୀଙ୍କୁ ନିର୍ମମ ଭାବେ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ପତ୍ନୀ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ନେଇ ଯବାନ ଜଣକ ଜାଲ ରଚି ପରିବାରକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ । ପ୍ରାୟ ୧୨ ବର୍ଷ ପୂର୍ବେ ବିବାହ କରିଥିବା ରମା ନାମକ ମହିଳାଙ୍କ ସ୍ୱାମୀ ଅମରଜିତ ସିଂହ ବିଏସଏଫରେ ଯବାନ ଅଛନ୍ତି । ଅଗଷ୍ଟ ୧୩ ରାତିରେ ସେ ଘରକୁ ଆସିବା ପରେ ପତ୍ନୀଙ୍କୁ ମାଡ଼ପିଟ୍ କରିଥିଲେ । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା । ପରଦିନ ଭୋର ସମୟରେ ରମାଙ୍କ ପରିବାରକୁ ସେ ଛାତରୁ ଖସିପଡ଼ିଥିବା କଥା କହି ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତରଖାନାରେ ପହଞ୍ଚି ମୃତଦେହରେ ଅନେକ ଆଘାତ ଚିହ୍ନ ଦେଖିବା ପରେ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା । ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅମରଜିତ ସିଂହଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଜଣ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି ।

## ଭାରତ ଗସ୍ତ ଲାଗି ବାଂଲା ପ୍ରଧାନମନ୍ତ୍ରୀଙ୍କ ସର୍ତ୍ତ

# ପ୍ରଥମେ ହସିନାଙ୍କୁ ହସ୍ତାନ୍ତର କର



ଢାକା,୧୬।୮ (ଏଜେନ୍ସି): ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ପ୍ରସ୍ତାବିତ ଭାରତ ଗସ୍ତକୁ ନେଇ କୂଟନୈତିକ ସ୍ତରରେ ଅନିଶ୍ଚିତତା ଦେଖାଦେଇଛି । ବାଂଲାଦେଶ ସରକାର ରବିବାର ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ଆବଶ୍ୟକ ଏବଂ ଏହି ପରିବେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ସହ ସିଧାସଳଖ ଜଡ଼ିତ । ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ ଓ ୧୩ରେ ଭାରତରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହମାନଙ୍କୁ ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ତେବେ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଶାହିଦୁଲ କରିମ କହିଛନ୍ତି ଯେ, ଗତ ଅଗଷ୍ଟ ୫ରେ ନୂଆଦିଲ୍ଲୀରୁ ଶେଖ୍ ହାସିନାଙ୍କ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଛି । ଢାକା ଅଭିଯୋଗ କରିଛି ଯେ, ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବୟାନବାଜି କରିବାକୁ ସୁଯୋଗ ମିଳିବା ଦୁର୍ଭାଗ୍ୟଜନକ । ୨୦୨୪ ଅଗଷ୍ଟରେ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ଶେଖ୍ ହାସିନା ଭାରତକୁ ପଳାଇ ଯାଇଥିଲେ । ୨୦୨୫ ନଭେମ୍ବରରେ ବାଂଲାଦେଶର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହା ସହିତ ଛାତ୍ର ନେତା ଓସମାନ ହାଦିଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମଧ୍ୟ ଫେରାଇ ଆଣିବାକୁ ବାଂଲାଦେଶ ଦାବି କରିଛି । ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ହାସିନାଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଆନୁଷ୍ଠାନିକ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି । ହାସିନାଙ୍କ ସାମ୍ବାଦିକ ସମ୍ମିଳନୀରେ ଭାରତ ସରକାରଙ୍କ କୌଣସି ଭୂମିକା ନଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି । ପ୍ରଧାନମନ୍ତ୍ରୀ ରହମାନଙ୍କ ଭାରତ ଗସ୍ତକୁ ନେଇ ବାଂଲାଦେଶ ଭିତରେ ମଧ୍ୟ ରାଜନୈତିକ ବିରୋଧ ଦେଖାଦେଇଛି ।

# ଯବାନ ଓ ପରିବାରର ୪ ସଦସ୍ୟଙ୍କ ସନ୍ଦେହଜନକ ମୃତ୍ୟୁ

ମୁମ୍ବଇ,୧୬ ।୮ (ଏଜେନ୍ସି): ମୁମ୍ବଇର କୋଲାବା ସ୍ଥିତ ନୌସେନା ନଗର ପରିସରରୁ ଜଣେ ଭାରତୀୟ ନୌସେନା କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ସମେତ ଦୁଇଟି କଅଁଳ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପ୍ରାଥମିକ ତଥ୍ୟ ଅନୁଯାୟୀ ଏହା ଏକ ହତ୍ୟା ଓ ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି । ୩୦ ବର୍ଷୀୟ ନୌସେନା କର୍ମଚାରୀ ପୂରଣମଲ୍ଲ ଶମ୍ଭୁଲାଲ ମେହେଡ଼ାଙ୍କ ଝୁଲନ୍ତା ମୃତଦେହ ଘରୁ ମିଳିଥିବା ବେଳେ ତାଙ୍କ ପତ୍ନୀ ଏବଂ ତିନି ବର୍ଷର ପୁଅ ଓ ଦୁଇ ମାସର ଶିଶୁ କନ୍ୟା ଶେଯରେ ମୃତ ଅବସ୍ଥାରେ ପଡ଼ିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ନୌସେନା କର୍ମଚାରୀ ଜଣକ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ପତ୍ନୀ ଏବଂ ପିଲାମାନଙ୍କୁ ବିଷ ପ୍ରୟୋଗ କରାଯାଇ ମାରିଦିଆଯାଇଛି । ସମସ୍ତ ମୃତଦେହକୁ ଉଦ୍ଧାର କରାଯାଇ ଜେଜେ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।



## ୮୦ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରତିଶ୍ରୁତି


# ବିକଶିତ ଭାରତ, ଆତ୍ମନିର୍ଭରଶୀଳତା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା

ନୂଆଦିଲ୍ଲୀ,୧୬ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ କ୍ରମାଗତ ୧୩ ଥର ଦେଶକୁ ସମ୍ବୋଧିତ କରିଛନ୍ତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା । ୭୫ ମିନିଟ୍‌ର ଅଭିଭାଷଣରେ ମୁଖ୍ୟତଃ 'ବିକଶିତ ଭାରତ ୨୦୪୭', ଆତ୍ମନିର୍ଭରଶୀଳତା, ଯୁବଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ସେଥିପାଇଁ ପ୍ରଧାନମନ୍ତ୍ରୀ ୭-ମୁଖୀ ଢାଞ୍ଚା ଘୋଷଣା କରିଛନ୍ତି । ସେଥିରେ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀ ଯୁବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ସରକାର ଆଗାମୀ ବର୍ଷ ମଧ୍ୟରେ ୧ କୋଟି ଯୁବକଯୁବତିଙ୍କୁ ଏଆଇ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଆଗାମୀ ୭ ରୁ ୮ ବର୍ଷ ମଧ୍ୟରେ ଦେଶରେ ୫ ରୁ ୭ଟି ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ସେହିପରି ଦେଶର ଶକ୍ତି ସୁରକ୍ଷା ଦିଗରେ ଭାରତ ୨୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା ହାସଲ କରିବାକୁ ୫ଟି ନୂତନ ପରମାଣୁ ରିଆକ୍ଟର ସ୍ଥାପନ କରାଯିବ ।

# ପଶ୍ଚିମବଙ୍ଗରେ କଂଗ୍ରେସ ନେତା, ପୁଅଙ୍କୁ ଗୁଳିକରି ହତ୍ୟା

କୋଲକାତା,୧୬ ।୮ (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ପୁଅକୁ ଅଜଣା ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ରାଜନୈତିକ ମହଲରେ କ୍ଷୋଭ ଦେଖାଦେଇଛି । ପଶ୍ଚିମବଙ୍ଗ କଂଗ୍ରେସ କମିଟିର ସଦସ୍ୟ ତଥା ନଦିଆ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଅନିସୁର ରହମାନ ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ଅବୁ ସୁଫିଆନ୍ ବେଥୁଆଡ଼ହରୀରୁ କାର୍‌ରେ ନିଜ ଘରକୁ ଫେରୁଥିଲେ । ସେହି ସମୟରେ ନାଗାଡ଼ି ରେଳ ଫାଟକ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ । ଗୁଳିମାଡ଼ ପରେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିଛି । ଏଭଳି ହିଂସାକାଣ୍ଡ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ନାଲ୍‌ସାର୍ ବିବାଦ: କ୍ଷମା ମାଗିଲେ ବାର୍ କାଉନସିଲ୍ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୧୬ ।୮ (ଏଜେନ୍ସି): ଭାରତୀୟ ବାର କାଉନସିଲ୍ (ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ର ନାଲସାର ଆଇନ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣକୁ ନେଇ ଜାରି ହୋଇଥିବା ବିବାଦୀୟ ନିର୍ଦ୍ଦେଶ ପ୍ରତ୍ୟାହାର କରିବା ପରେ ଦେଶର ଆଇନ ଛାତ୍ରଛାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ଏକ ବିବୃତ୍ତି ଜାରି କରି ମିଶ୍ର କହିଛନ୍ତି ଯେ ସାମ୍ପ୍ରତିକ ଘଟଣାକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା ଏବଂ ତାଙ୍କର କୌଣସି ଶବ୍ଦ କିମ୍ବା ଚିଠି ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ସେ ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରୁଛନ୍ତି । ଛାତ୍ରଛାତ୍ରୀଙ୍କ ଭାବନା ଏବଂ ଚିନ୍ତାକୁ ସମ୍ମାନ ଜଣାଇବା କୌଣସି ଅହଙ୍କାରର ବିଷୟ ନୁହେଁ ବୋଲି ସେ ମତ ଦେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ନାଲସାର ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବା ନେଇ କିଛି ଛାତ୍ରଛାତ୍ରୀ ବିରୋଧ କରିବା ପରେ, ବିସିଆଇ ପକ୍ଷରୁ ପ୍ରଥମେ ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ଆଇନଜୀବୀ ପଞ୍ଜୀକରଣ ନ କରିବାକୁ ଆଦେଶ ଜାରି କରାଯାଇଥିଲା । ତେବେ ଏହାକୁ ନେଇ ଦେଶବ୍ୟାପୀ ବ୍ୟାପକ ସମାଲୋଚନା ହେବା ପରେ କିଛି ଘଣ୍ଟା ମଧ୍ୟରେ ସେହି ଆଦେଶ ପ୍ରତ୍ୟାହାର କରାଯାଇଥିଲା । ମୁଖ୍ୟ ବିଚାରପତି ମଧ୍ୟ ଏହି ଆଦେଶକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଆଇନ ଛାତ୍ରଛାତ୍ରୀ ଦେଶର ସବୁଠାରୁ ସଚେତନ ନାଗରିକ ବୋଲି ପ୍ରଶଂସା କରିବା ସହ ମିଶ୍ର ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ସାମ୍ବିଧାନିକ ଗଣତନ୍ତ୍ରର ଅଂଶ ବୋଲି କହିଛନ୍ତି । ସମ୍ବେଦନଶୀଳ ପ୍ରସଙ୍ଗରେ ବାହାର ପ୍ରଭାବରେ କୌଣସି ରାଜନୈତିକ ରଙ୍ଗ ନ ଦେଇ ଏହାର ସମାଧାନ କରିବାକୁ ସେ ଆହ୍ୱାନ କରିଛନ୍ତି ।

## କ୍ଷମା ମାଗନ୍ତୁ ସୋନିଆ: ଅମିତ ଶାହ

ନୂଆଦିଲ୍ଲୀ,୧୬ ।୮ (ଏଜେନ୍ସି): ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ଅଧାରେ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି ।



ଏହି ଅପମାନ ପାଇଁ ସେ କଂଗ୍ରେସ ଦଳକୁ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ଦାବି କରିଛନ୍ତି । ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ସୋନିଆ ଗାନ୍ଧୀ ଜାତୀୟ ଗୀତ ଚାଲିଥିବା ସମୟରେ ଏହାକୁ ଅଧାରେ ବନ୍ଦ କରିବାକୁ କହିଥିଲେ । ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ କଂଗ୍ରେସ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ଭୁଲିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ଚୌକି ବ୍ୟବସ୍ଥା କରିବାକୁ ସୋନିଆ ଗାନ୍ଧୀ ସେହି ସମୟରେ ଇଙ୍ଗିତ କରିଥିଲେ, ଜାତୀୟଗୀତ ବନ୍ଦ କରିବାକୁ ନୁହେଁ । ଏହା ଏକ ମିଥ୍ୟା ବିବାଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ଓ ପୋଖରାନ ପରୀକ୍ଷଣର ପ୍ରଶଂସା କରିଥିଲେ ।



# ଇଣ୍ଡୋନେସିଆରେ ଭୟଙ୍କର ଭୂକମ୍ପ; ୫୧ ମୃତ

ଜାକର୍ତ୍ତା,୧୬ ।୮ (ଏଜେନ୍ସି): ଇଣ୍ଡୋନେସିଆରେ ଘଟିଥିବା ଏକ ଭୟଙ୍କର ୭.୭ ତୀବ୍ରତାର ଭୂକମ୍ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୧ ରେ ପହଞ୍ଚିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରାୟ ୫,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପୂର୍ବ ନୁସା ତେଙ୍ଗାରା ପ୍ରଦେଶରେ ଶନିବାର ସକାଳେ ଏହି ଭୂକମ୍ପ ଘଟିଥିଲା, ଯାହା ପରେ ପ୍ରାୟ ୩୪୧ ଟି ପରବର୍ତ୍ତୀ ଭୂକମ୍ପ (ଆଫ୍ଟର ସକ୍) ଅନୁଭୂତ ହୋଇଛି । ଗତ କିଛି ବର୍ଷ ଭିତରେ ଦେଶରେ ଘଟିଥିବା ଏହା ସବୁଠାରୁ ବଡ଼ ଭୂକମ୍ପ ବୋଲି କୁହାଯାଉଛି । ଏହି ଦୁର୍ଘଟଣାରେ ୩୬ ଜଣ ଗୁରୁତର ଆହତ ହୋଇଥିବାବେଳେ ୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି । ସିକ୍କା ଅଞ୍ଚଳରେ ୩,୩୦୦ ରୁ ଅଧିକ ସ୍ଥାନୀୟ ବାସିନ୍ଦା ନିଜଆଡୁ ଘରୁ ବାହାରି ଆସି ଖେଳ ପଡ଼ିଆ କିମ୍ବା ତମ୍ବୁରେ ଆଶ୍ରୟ ନେଇଛନ୍ତି । ଭୂକମ୍ପ ଯୋଗୁଁ ୧,୩୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଭୂସ୍ଖଳନ କାରଣରୁ ଅନେକ ରାସ୍ତା ଅବରୋଧ ହୋଇରହିଛି । ଉଦ୍ଧାର କାର୍ଯ୍ୟ ପାଇଁ ୩,୫୦୦ ରୁ ଅଧିକ ସେନା ଏବଂ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

# ୟୁକ୍ରେନୀୟ ଗୁପ୍ତଚରଙ୍କୁ ହତ୍ୟା; ମହିଳା ଗିରଫ

ମସ୍କୋ,୧୬ ।୮ (ଏଜେନ୍ସି): ରୁଷିଆ ନିୟନ୍ତ୍ରଣାଧୀନ କ୍ରିମିଆରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି, ଯେଉଁଥିରେ ଜଣେ ଉଚ୍ଚପଦସ୍ଥ ୟୁକ୍ରେନୀୟ ପଳାତକ ତଥା ରୁଷୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ହୋଇଛି । ଏହି ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ରୁଷୀୟ କର୍ତ୍ତୃପକ୍ଷ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ଗିରଫ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନିହତ ବ୍ୟକ୍ତି ଜଣକ ହେଉଛନ୍ତି ୪୯ ବର୍ଷୀୟ ରବର୍ଟ ଶାଗେଭ, ଯିଏକି ପୂର୍ବରୁ ଜଣେ ୟୁକ୍ରେନୀୟ ନୌସେନା ଅଧିକାରୀ ଥିଲେ ଏବଂ ପରେ ରୁଷିଆର କ୍ରେମଲିନର 'ବ୍ଲାକ୍ ସି' ଫ୍ଲିଟ୍‌ରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଏହି ଆକ୍ରମଣ ମାର୍ଗାରିଟା ରେଉଟ୍ ନାମକ ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ହୋଇଛି ।



# ମସ୍କୋ ଉପରେ ୬୦୦ ଡ୍ରୋନ୍ ଆକ୍ରମଣ

ମସ୍କୋ, ୧୬।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ରାତିସାରା ଏକ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି । ରୁଷ କର୍ତ୍ତୃପକ୍ଷଙ୍କ ଦାବି ମୁତାବକ, ରାଜଧାନୀ ଉପରେ ପ୍ରାୟ ୬୦୦ଟି ଡ୍ରୋନ୍ ମାଡ଼ ହୋଇଛି, ଯେଉଁଥିରେ ତିନିଜଣ ଆହତ ହୋଇଛନ୍ତି । ଗତ କିଛି ସପ୍ତାହ ହେବ ୟୁକ୍ରେନ ପକ୍ଷରୁ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି । ରବିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣ ସମୟରେ ମସ୍କୋ ଅଞ୍ଚଳରେ ୨୦୦ରୁ ଅଧିକ ଡ୍ରୋନକୁ ନଷ୍ଟ କରିଦିଆଯାଇଥିବା ମେୟର ସର୍ଗେଇ ସୋବିଆନିନ ସୂଚନା ଦେଇଛନ୍ତି । ଏହି ଆକ୍ରମଣ ଯୋଗୁଁ ରାଜଧାନୀର ରିଙ୍ଗ ରୋଡ୍ ନିକଟବର୍ତ୍ତୀ ଅଞ୍ଚଳରେ ତିନିଜଣ ଆହତ ହୋଇଛନ୍ତି । ସେପଟେ ୟୁକ୍ରେନ ସୀମାକୁ ଲାଗି ରହିଥିବା ରୁଷର ଦକ୍ଷିଣ ରୋଷ୍ଟୋଭ୍ ଅଞ୍ଚଳରେ ମଧ୍ୟ ଭୀଷଣ ଆକ୍ରମଣ ହୋଇଛି, ଯେଉଁଠାରେ ତିନିଜଣଙ୍କର ମୃତ୍ୟୁ ଘଟିଥିବା ଏବଂ ଅନେକ କୋଠାବାଡ଼ି ଓ ରେଳଷ୍ଟେସନ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଦେଶିକ ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ଷ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ୟୁକ୍ରେନ ଏବେ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରି ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛି । ରୁଷର ପ୍ରତିରକ୍ଷା ବାହିନୀ ଏଭଳି ବ୍ୟାପକ ଆକ୍ରମଣର ମୁକାବିଲା ପାଇଁ ସତର୍କ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

## ବୁଢ଼ାବଳଙ୍ଗରେ ବନ୍ୟା

# ଟ୍ରକ୍, ଟ୍ରାକ୍ଟର ଡାଲାରେ ସଂସାର

### ବିପନ୍ନଙ୍କୁ ମିଳୁନି ଖାଦ୍ୟ, ପାନୀୟଜଳ





ବାଲେଶ୍ୱର,୧୬।୮ (ସମିସ): ବାଲେଶ୍ୱରରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଛି ଏକ ବିଭୀଷିକାମୟ ପରିସ୍ଥିତି। ବୁଢ଼ାବଳଙ୍ଗ ନଦୀର ବର୍ଦ୍ଧିତ ଜଳରାଶି ଆଜି ଶହ ଶହ ପରିବାରକୁ ବିପନ୍ନ କରିଛି। ଚାରିଆଡ଼େ କେବଳ ପାଣି। ନିଜର ଭିଟାମାଟି, ବର୍ଷ ବର୍ଷର ଝାଳବୁହା ସଜଡ଼ା ଘରଦ୍ୱାର ଆଜି ପାଣିରେ ବୁଡ଼ି ରହିଥିବାବେଳେ ଟିକିଏ ଆଶ୍ରୟ ଆଶାରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରାକ୍ଟର ଟ୍ରଲି ଓ ଟ୍ରକ୍ ଡାଲା ହିଁ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଦହପଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇବା ଯୋଗୁଁ ସମଗ୍ର ଗାଁ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ। ଲଗାତାର ଜଳସ୍ରୋତରେ ଏକାଧିକ କଚ୍ଚା ଘର ଭାଙ୍ଗି ଲୋଟିପଡ଼ିଥିବାବେଳେ ଜୀବନ ବିକଳରେ ବିପନ୍ନମାନେ ନିଜ ଗୃହପାଳିତ ପଶୁଙ୍କୁ ଧରି ବାଲେଶ୍ୱର-ଫୁଲାଡ଼ି ରାସ୍ତା ପାର୍ଶ୍ୱକୁ ଚାଲିଆସିଛନ୍ତି। ଖୋଲା ଆକାଶ ତଳେ, ରାସ୍ତା କଡ଼ରେ ରଖାଯାଇଥିବା ଟ୍ରାକ୍ଟର ଟ୍ରଲି ଉପରେ ଖଣ୍ଡିଏ ଖଣ୍ଡିଏ ପ୍ଲାଷ୍ଟିକ୍ ତାରପାଲି ଟାଣି ଜୀବନ ବଞ୍ଚାଇବାର କଠୋର ସଂଘର୍ଷ କରୁଛନ୍ତି। ସେହି ଅତି କ୍ଷୁଦ୍ର ଓ ସଂକୀର୍ଣ୍ଣ ଲୁହା ଟ୍ରଲି ଭିତରେ ବନ୍ଧା ହୋଇଛି ବାସନକୁସନ, ବିସ୍କୁଟ୍ କାର୍ଟୁନ ଆଉ କୋମଳମତି ଶିଶୁଙ୍କ ଅଧାଭିଜା ଲୁଗାପଟା। ଘରର ଚାଳ ଉପରୁ ଗୃହପାଳିତ ପଶୁଙ୍କୁ ବଞ୍ଚାଇ ଆଣିବାଠାରୁ ଆରମ୍ଭ କରି ରୋଗିଣା, ବୃଦ୍ଧ ବାପା-ମା'ଙ୍କୁ ସୁରକ୍ଷିତ ରଖିବା ପର୍ଯ୍ୟନ୍ତ ସବୁକିଛି ଆଜି ଏହି ଚକା ଲଗା ଡାଲା ମଧ୍ୟରେ ସୀମିତ ହୋଇରହିଛି। ରାତିର କାଳ ଅନ୍ଧାର, ମଶାଙ୍କ ପ୍ରାଦୁର୍ଭାବ, ସାପ-ବିଛାଙ୍କ ଭୟ ଏବଂ ପେଟର ଭୋକ ମଧ୍ୟରେ ସମୟ ସେମାନଙ୍କ ପାଇଁ ଯେପରି ସ୍ଥାଣୁ ପାଲଟିଯାଇଛି। ଶୁଖିଲା ଖାଦ୍ୟ ଗଣ୍ଡିଏ, ଟୋପାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ଚାହିଁ ରହିଥିବାବେଳେ ତାହା ତାଙ୍କୁ ମିଳିପାରୁନାହିଁ। ନଦୀରୁ କିପରି ପାଣି ଖସିବ, ସେ ନେଇ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି। ପ୍ରଶାସନ ପକ୍ଷରୁ ସମୟସୀମା ଭିତରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅସ୍ଥାୟୀ ତାରପାଲି ଯୋଗାଇ ଦିଆଯାଉ ନଥିବା ନେଇ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଆସୁଛି ବଡ଼ ଲଘୁଚାପ ବର୍ଷା

# ମୟୂରଭଞ୍ଜକୁ ରେଡ୍ ୱାର୍ଣ୍ଣିଂ

ବାରିପଦା,୧୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଗତ

- ଆଜି ଜିଲ୍ଲାର ସମସ୍ତ ଅଙ୍ଗନବାଡି ଓ ସ୍କୁଲ ଛୁଟି ଘୋଷଣା
- ୧୯ ତାରିଖ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ଯଶିପୁର, ବାରିପଦା, ମୋରଡ଼ା, ବଡ଼ସାହି, ଖୁଣ୍ଟା, ରରୁଆଁ, କରଞ୍ଜିଆ, ଜାମଦା ଓ ଶୁକ୍ରୁଳି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ/ କର୍ମଚାରୀଙ୍କ ଛୁଟି ୧୯ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ଶିକ୍ଷାଧିକାରୀ ସୋମବାର ଦିନ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ବନ୍ଦ ରହିବାକୁ ଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷଣ କର୍ମଚାରୀ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହି ନିଜର ଦାୟିତ୍ୱ ତୁଲାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡିଏସଡବ୍ଲୁଓ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ଘୋଷଣା କରିଛନ୍ତି। ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଜଳବନ୍ଦୀ ସ୍ଥିତିକୁ ଏଡ଼ାଇବା ପାଇଁ ସାଧାରଣ ଲୋକଙ୍କୁ ସତର୍କ ରହିବା ସହ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଭାରି ବର୍ଷା ଓ ବନ୍ୟାର ପ୍ରଭାବରେ ବିସ୍ତୃତ କ୍ଷତି ହୋଇଛି।

ଜିଲ୍ଲା ପ୍ରଶାସନରୁ ମିଳିଥିବା ସୂଚନା ମୁତାବକ, ୧୬ ଅଗଷ୍ଟ ସନ୍ଧ୍ୟା ୫ଟା ସୁଦ୍ଧା ୨୨ଟି ବ୍ଲକ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିରେ ୫୪ଟି ଗ୍ରାମ ପଞ୍ଚାୟତ ଓ ୧୨୬ଟି ଗାଁ ପ୍ରଭାବିତ ହୋଇଛି। ସହରାଞ୍ଚଳରେ ବାରିପଦା ମ୍ୟୁନିସିପାଲିଟିର ୮ଟି ୱାର୍ଡ ପ୍ରଭାବିତ ହୋଇଛି। ଘରବାଡ଼ି କ୍ଷତି ଦିଗରେ ୫୩୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ୨୨ଟି ଝୋପଡ଼ି ଓ ୨୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ରବିବାର ୪ଟି ମାଗଣା ଭୋଜନାଳୟରେ ୫୯୦ ଜଣ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଛି ଓ ଆବଶ୍ୟକ ସାହାଯ୍ୟ କାର୍ଯ୍ୟ ଜାରି ରହିଛି।

## ରାଉରକେଲା ସର୍କିଟ୍ ହାଉସ୍‌ରୁ ୨ ମାଉଜର ଜବତ ମାମଲା

# ବିଜେପି ଯୁବନେତାଙ୍କ ନାମରେ ବୁକ୍ ହୋଇଥିଲା ରୁମ୍

### ୭ ଗିରଫ, ୪ଟି ପିସ୍ତଲ ଓ ୧୦ ରାଉଣ୍ଡ ଗୁଳି ଜବତ

ରାଉରକେଲା,୧୬।୮ (ସମିସ): ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅନ୍ତରଙ୍ଗଙ୍କ ନାମରେ ବୁକ୍ ହୋଇଥିବା ସରକାରୀ ଗେଷ୍ଟହାଉସ୍‌ରୁ ରଘୁନାଥପାଲି ଥାନା ପୁଲିସ ୩ ଜଣ ଅପରାଧୀଙ୍କୁ ଗିରଫ କରି ପ୍ରଥମେ ୨ଟି ମାଉଜର ଜବତ କରିବା ପରେ ତାକୁ ଆଧାର କରି ଏକ ଚୋରା ବନ୍ଧୁକ କାରବାର ରାକେଟର ପର୍ଦ୍ଦାଫାଶ କରିଛି। ମୋଟ ୭ ଜଣ ଅପରାଧୀଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ ତରବରିଆ ଭାବେ କୋର୍ଟ ଚାଲାଣ କରିଥିବା ବେଳେ ମୋଟ ୪ଟି ମାଉଜର ସହ ୧୦ ରାଉଣ୍ଡ ଗୁଳି ଜବତ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ପାନପୋଷ ସ୍ଥିତ ସର୍କିଟ ହାଉସ୍‌ର ୧୦୭ ନମ୍ବର ରୁମ୍‌ରେ କିଛି ଅପରାଧି ମାରଣାସ୍ତ୍ର ସହ ରହିଥିବାବେଳେ ବଡ଼ଧରଣର ଅପରାଧ ପାଇଁ ଯୋଜନା କରୁଥିବା ପୁଲିସକୁ ସୂଚନା ମିଳିଥିଲା। ପାନପୋଷ ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗତ ୧୨ ତାରିଖ ରାତିରେ ଅତର୍କିତ ଚଢ଼ଉ କରି ୩ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୨ଟି ମାଉଜର ଜବତ କରିଥିଲା। ସେମାନଙ୍କ ମଧ୍ୟରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଲିପଷ୍ଟିକ୍‌ପଡା ନିବାସୀ ବିକାଶ ଡୋଙ୍ଗରି ନାମକ ଜଣେ ଗଞ୍ଜେଇ ବ୍ୟବସାୟୀ ଏବଂ ବ୍ରହ୍ମପୁର ଅଞ୍ଚଳର ଜଣେ ବ୍ୟକ୍ତି ଥିବା ଜଣାପଡିଥିଲା।

ଗତ ଜୁଲାଇ ୨୧ରୁ ସର୍କିଟ ହାଉସ୍‌ର ୧୦୭ ନମ୍ବର ରୁମ୍ ଜଣେ ବିଜେପି ନେତାଙ୍କ ନାମରେ ବୁକ ହୋଇଥିବାବେଳେ ସେଠାରୁ ଗିରଫ ଅପରାଧୀ ଦ୍ୱୟ ସେହିଦିନ ଠାରୁ ଉକ୍ତ ରୁମ୍‌ରେ ରହୁଥିବା କୁହାଯାଉଛି। ଗିରଫ ପରେ ପଚରାଉଚରା କରି ମିଳିଥିବା ସୂଚନା ଆଧାରରେ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ୫ ଜଣଙ୍କୁ ଗିରଫ କରାଯାଇଥଲା। ସେମାନଙ୍କ ନିକଟରୁ ମଧ୍ୟ ଆଉ ୨ଟି ମାଉଜର ଜବତ ହୋଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଜଣେ ଅପରାଧୀକୁ ପୁଲିସ ଅଣ୍ଡରଟେକିଂ ଲେଖି ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି।

ସୂଚନା ମୁତାବକ, ପାନପୋଷ ସର୍କିଟ୍ ହାଉସ୍ ଅସ୍ତ୍ର କାଣ୍ଡରେ ପୁଲିସର ମିଡନାଇଟ୍ ଅପରେସନ୍‌ରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ହାର୍ଡକୋର ଅପରାଧୀ ବିକାଶ ଡୁଙ୍ଗ୍ରିଙ୍କ ସମେତ ୨ଜଣଙ୍କୁ ଗିରଫ କରାଯିବା ପରେ ଆଉ ୫ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ଧରିଥିବା ସୂଚନା ମିଳିଛି। ସୂତ୍ର ଅନୁସାରେ, ମୋଟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା। ପରେ ସମସ୍ତଙ୍କୁ ଜେଲ୍ ପଠାଯାଇଥିବା ଜଣାପଡ଼ିଛି। ଦୁଇଟି ଆକ୍ରମଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ରଘୁନାଥପାଲି ଥାନା ଅନ୍ତର୍ଗତ ଜେଲରୋଡ ନିକଟ ରାମନଗର ବସ୍ତିର ସମ୍ବିତ ଖୁଣ୍ଟିଆ, ଉମାକାନ୍ତ ବେହେରା ଓରଫ୍ ଗେଡ଼ା, ବାଲୁଘାଟ ବସ୍ତିର ଜଗଦୀଶ ଦାସ ଓରଫ୍ ଜେଡି, ପ୍ଲାଣ୍ଟସାଇଟ୍‌ର ବିକାଶ ଡୋଙ୍ଗରି, ବାଲୁଘାଟ ବସ୍ତିର ସୁମନ, ଛେଣ୍ଡର ସ୍ୱାଧୀନ ମହାନ୍ତି ଏବଂ ପ୍ଲାଣ୍ଟସାଇଟ୍‌ର ବାଦଶାହ କୁରେଶୀ।

ସୂଚନା ମୁତାବକ, ଗତ ୧୧ ତାରିଖରେ ଡିଏଭି ଭେଣ୍ଡିଂ ଜୋନ୍‌ରେ ଲେବର ଟୁର୍ଣ୍ଣାମେଣ୍ଟକୁ ନେଇ ସୁଜିତ ବେହେରା ଓ ତାଙ୍କ ସହଯୋଗୀ ସତ୍ୟଜିତ ରାଉତଙ୍କ ଉପରେ ବିକାଶ ଡୁଙ୍ଗ୍ରିଙ୍କ ସମେତ ପ୍ରାୟ ଦେଢ଼ ଡଜନ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାର ପରଦିନ, ଅର୍ଥାତ୍ ୧୨ ତାରିଖ ସନ୍ଧ୍ୟାରେ ଗାର୍ଡେନ୍ ବାର୍ ନିକଟ ଭେଣ୍ଡିଂ ଜୋନ୍‌ରେ ଯୁବ ବିଜେପି ନେତା ଅଭିଷେକ ଧଳଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଦୁଇ ଘଟଣା ପରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନେକ ଯୁବକ ଚାନ୍ଦିପୋଷ ଗେଷ୍ଟ ହାଉସ୍ ଓ ପାନପୋଷ ସର୍କିଟ୍ ହାଉସ୍‌ରେ ରହିଥିବା ଚର୍ଚ୍ଚା ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ଅଭିଯୁକ୍ତମାନଙ୍କ କବ୍‌ଜାରୁ ୪ଟି ରିଭଲଭର ଓ ୯ଟି ଗୁଳି ଜବତ କରାଯାଇଛି। ତେବେ ଏହି ମାମଲାରେ ପୁଲିସ ପକ୍ଷରୁ ଏଯାବତ୍ କୌଣସି ବିସ୍ତୃତ ସୂଚନା ଦିଆଯାଇନଥିବାରୁ ଗିରଫଦାରୀ ଓ ଅସ୍ତ୍ରଶସ୍ତ୍ର ଜବତକୁ ନେଇ ଅନେକ ପ୍ରଶ୍ନ ଅସ୍ପଷ୍ଟ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ସାଧାରଣତଃ ଛୋଟବଡ଼ ଘଟଣାରେ ପ୍ରେସ୍ ନୋଟ୍ ଜାରି କରି କିମ୍ବା ସାମ୍ବାଦିକ ସମ୍ମିଳନୀ ଡାକି ପୁଲିସ ସୂଚନା ଦେଉଥିବା ବେଳେ ୭ ଜଣଙ୍କ ଗିରଫଦାରୀ ପରେ ମଧ୍ୟ ଗଣମାଧ୍ୟମକୁ ଅଫିସିଆଲି କାହିଁକି ସୂଚନା ଦେଲାନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ପୁଲିସ ଟିମ୍ ଦୂରେଇ ରହିବା ଘଟଣା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି।

### ବିଜେପି ପାଇଁ ବଢ଼ିଲା ରାଜନୈତିକ ଅଡୁଆ

ସର୍କିଟ୍ ହାଉସ୍‌ରେ ରୁମ୍ ବୁକିଂ ଏବଂ କଥିତ ଭାବେ ଅଭିଯୁକ୍ତମାନଙ୍କୁ ସେଠାରେ ଆଶ୍ରୟ ଦିଆଯିବା ଅଭିଯୋଗକୁ ନେଇ ବିଜେପି ମଧ୍ୟ ଅଡୁଆରେ ପଡ଼ିଛି। ଘଟଣାକୁ ନେଇ ବିଭିନ୍ନ ବିଜେପି ନେତାଙ୍କ ପ୍ରତିକ୍ରିୟା ପରେ ଦଳରେ ରାଜନୈତିକ ଉଷ୍ମତା ବଢ଼ିଛି। ଅନ୍ୟପଟେ, ସମଗ୍ର ଘଟଣାକୁ ନେଇ ପୁଲିସ ପ୍ରଶାସନ ଉପରେ ମଧ୍ୟ ଚାପ ବଢୁଥିବା ଚର୍ଚ୍ଚା ହେଉଛି। ଅସ୍ତ୍ରଶସ୍ତ୍ର ସହ କଥିତ ଗିରଫଦାରୀ, ସର୍କିଟ୍ ହାଉସ୍‌ରେ ରୁମ୍ ବୁକିଂ ପ୍ରକ୍ରିୟା ଏବଂ ଅଭିଯୁକ୍ତମାନେ କିପରି ସେଠାରେ ପହଞ୍ଚିଲେ, ଏସବୁ ପ୍ରଶ୍ନର ଉତ୍ତର ପୁଲିସର ତଦନ୍ତ ଓ ବିସ୍ତୃତ ଖୁଲାସା ପରେ ହିଁ ସ୍ପଷ୍ଟ ହେବ।

ଅପରପକ୍ଷେ ଗତ ଜୁଲାଇ ୨୧ରୁ ଦୀର୍ଘ ୨୦/ ୨୨ ଦିନ ଧରି ବିଜେପିର ଏହି ଯୁବନେତାଙ୍କ ନାମରେ କିପରି ସର୍କିଟ ହାଉସ୍ ବୁକିଂ ହୋଇ ରହିଥିଲା ତାକୁ ନେଇ ଉଠିଛି ପ୍ରଶ୍ନ। ଏହି ଘଟଣାରେ ସର୍କିଟ୍ ହାଉସ୍ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ପୁଲିସର ତଦନ୍ତ ପରିସରକୁ ଆସିଛନ୍ତି। ଏଥିସହ ଗିରଫ ଯୁବକ ଦ୍ୱୟଙ୍କର କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଅପରାଧିକ ଗୋଷ୍ଠୀ ସହ ସମ୍ପର୍କ ରହିଛି କି ନାହିଁ, ପୁଲିସ ତାହାର ମଧ୍ୟ ତଦନ୍ତ କରୁଛି। ସେପଟେ ଜଣେ ବିଜେପି ଯୁବ ନେତାଙ୍କ ନାମରେ ସର୍କିଟ ହାଉସ ରୁମ ଏତେଦିନ ଧରି ବୁକ ହୋଇଥିବାରୁ ପୁଲିସ ଯଦି ନିରପେକ୍ଷ ତଦନ୍ତ କରେ ତେବେ ଶାସକ ବିଜେପି ପାଇଁ ଅଡୁଆ ନିଶ୍ଚିତ ବଢ଼ିବ ବୋଲି ଚର୍ଚ୍ଚା ହେଉଛି। ପୁଲିସ ତଦନ୍ତ ଶେଷ ହେବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି କୁହାଯାଉଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗର ସଂକଳ୍ପ ଜାରି

# ଦୁର୍ଗମ ଓ ମାଓପ୍ରଭାବିତ ଗ୍ରାମକୁ ସବୁଦିନିଆ ସଡ଼କ

ଭୁବନେଶ୍ୱର,୧୬।୮ (ସମିସ): ରାଜ୍ୟରେ ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ନିକଟରେ ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟର ଅନୁମୋଦନ ମଧ୍ୟ ମିଳିଥିଲା। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ସଂକଳ୍ପ ପ୍ରକାଶ ପାଇଛି। ଯୋଜନା ପାଇଁ ୧୩୦୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ମୋଟ ୨୦୯୯ କିମି ନୂଆ ସଡ଼କ ନିର୍ମାଣ ହେବ।

ସଂକଳ୍ପ ଅନୁଯାୟୀ ନିର୍ମାଣ ହେବାକୁ ଥିବା ନୂଆ ସଡ଼କ ପ୍ରକଳ୍ପ କେବଳ ଗୁଇନ୍ଦା ବିଭାଗର ସୁପାରିଶ କ୍ରମେ ନିଆଯିବ। ବାମପନ୍ଥ ଉଗ୍ରବାଦ ଅଞ୍ଚଳରେ ବିଏସଏଫ ଜବାନଙ୍କର ସ୍ଥାନାନ୍ତରଣ ତଥା ଉଗ୍ରବାଦ ପ୍ରଭାବ ହ୍ରାସ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯିବ। ସେହିପରପି ଆବଶ୍ୟକୀୟ ସ୍ଥାନରେ ସୁପାରିଶ ଆଧାରରେ ନୂଆ ବ୍ରିଜ ନିର୍ମାଣ ପାଇଁ ମଧ୍ୟ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗୁଇନ୍ଦା ବିଭାଗର ଅଧିକାରୀ ଭାବେ ମିଳିତ ବାବେ ପ୍ରକଳ୍ପ ସ୍ଥାନ ଚୟନ କରି ବିସ୍ତୃତ ରିପୋର୍ଟ ବିଭାଗ ନିକଟରେ ଦାଖଲ କରିବେ। ଏହି ଅବଧି ମଧ୍ୟରେ ପ୍ରାୟ ୧୧୫୦ କିମି ନୂତନ ସଡ଼କ ଏବଂ ୯୪୯ କିଲୋମିଟର ଦୈର୍ଘ୍ୟର ଚାଲୁ ରହିଥିବା ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

### ଥାନାରୁ ଅଭିଯୁକ୍ତ ଫେରାର

# ୨ ପୁଲିସ କର୍ମଚାରୀ ନିଲମ୍ବିତ

ବିଞ୍ଝାରପୁର,୧୬।୮ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଙ୍ଗଲୋ ଗ୍ରାମରେ ଘଟିଥିବା ଚୋରି ମାମଲାରେ ସନ୍ଦେହରେ ଥାନାକୁ ଅଣାଯାଇଥିବା ଜଣେ ବ୍ୟକ୍ତି ଶନିବାର ଅପରାହ୍ନରେ କୌଶଳକ୍ରମେ ଥାନାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ବ୍ୟକ୍ତି ଜଣକ ଟୁକୁନା ଦାସ ବୋଲି ସୂଚନା ମିଳିଛି। ଟୁକୁନା ଫେରାର ହେବା ପରେ ତାଙ୍କୁ ଧରିବା ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଖୋଜାଖୋଜି ଜାରି ରହିଛି। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ବିଞ୍ଝାରପୁର ଥାନାର ଏଏସଆଇ ରାଧାକାନ୍ତ ମାଝୀ ଓ କନଷ୍ଟେବଳ ସୁନିଲ କୁମାର କୁଲୁଙ୍କୁ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ୍ ନିଲମ୍ବିତ କରିଥିବା ସୂଚନା ମିଳିଛି।

## ଡାକ୍ତରୀ ଶିକ୍ଷା


# ବହୁ ପଛରେ ଓଡ଼ିଶା

ଭୁବନେଶ୍ୱର,୧୬।୮ (ସମିସ): ଦେଶରେ ମେଡିକାଲ ଶିକ୍ଷାର ଭିତ୍ତିଭୂମି ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ଏବେ ବି ଅନେକ ରାଜ୍ୟଠାରୁ ପଛରେ ରହିଛି। ୨୦୨୬ ଜୁଲାଇ ୩୦ ସୁଦ୍ଧା ଦେଶରେ ସରକାରୀ ଓ ଘରୋଇ ମିଶାଇ ମୋଟ ୮୪୬ଟି ମେଡିକାଲ କଲେଜ ଓ ଏଥିରେ ୧,୩୯,୮୬୪ ଏମ୍‌ବିବିଏସ୍ ସିଟ୍ ଥିବାବେଳେ ଓଡ଼ିଶାରେ ୨୧ଟି ମେଡିକାଲ କଲେରେ ସିଟ୍ ସଂଖ୍ୟା ରହିଛି ମାତ୍ର ୩,୦୭୫। ସରକାରୀ ମେଡିକାଲ କଲେଜଗୁଡ଼ିରେ ଅଧିକ ସିଟ୍ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ ମିଳୁନାହିଁ; ଅନୁରୂପ ଭାବରେ ଘରୋଇ ମେଡିକାଲ କଲେଜଗୁଡ଼ିକରେ ମଧ୍ୟ ଆସନ ସଂଖ୍ୟା ବୃଦ୍ଧି ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି। ଯାହାଫଳରେ ପ୍ରତିବର୍ଷ ଓଡ଼ିଶାରୁ ହଜାର ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟରେ ଡାକ୍ତରୀ ପାଠ ପଢ଼ିବାକୁ ଯାଉଥିବା ଦେଖାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଓଡ଼ିଶାରେ ମୋଟ ୨୧ଟି ମେଡିକାଲ କଲେଜ ମଧ୍ୟରୁ ୧୫ଟି ସରକାରୀ ଓ ୬ଟି ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ। ୧୫ଟି ସରକାରୀ ମେଡିକାଲ କଲେଜରେ ମାତ୍ର ୧,୯୭୫ଟି ସିଟ୍ ଥିବାବେଳେ ଘରୋଇ କଲେଜରେ ରହିଛି ମାତ୍ର ୧,୧୦୦ଟି ସିଟ୍। ଅନ୍ୟ ରାଜ୍ୟରେ ମେଡିକାଲ କଲେଜ ଓ ଆସନ ସଂଖ୍ୟା ସହ ଓଡ଼ିଶାକୁ ତୁଳନା କଲେ ସାଧାରଣତଃ ନିରାଶ ହେବାକୁ ପଡ଼େ। ଉତ୍ତରପ୍ରଦେଶରେ ୯୦ଟି ମେଡିକାଲ କଲେଜରେ ୧୪,୨୫୦ଟି ଏମ୍‌ବିବିଏସ୍ ସିଟ୍ ରହିଛି। ମହାରାଷ୍ଟ୍ରରେ ୮୭ଟି କଲେଜରେ ୧୩,୨୨୪ ସିଟ୍, ତାମିଲନାଡୁରେ ୭୯ଟି କଲେଜରେ ୧୪,୦୪୯ ସିଟ୍ ଏବଂ କର୍ଣ୍ଣାଟକରେ ୭୫ଟି କଲେଜରେ ୧୫,୪୪୫ଟି ଏମ୍‌ବିବିଏସ୍ ସିଟ୍ ରହିଛି।

> ୨୧ କଲେଜରେ ମୋଟ ୩,୦୭୫ ଏମ୍‌ବିବିଏସ୍ ସିଟ୍
>
> ୬ଟି ଘରୋଇ ମେଡିକାଲ କଲେଜରେ ମାତ୍ର ୧୧୦୦ ସିଟ୍

ଅନୁରୂପ ଭାବରେ ତେଲଙ୍ଗାନାରେ ୬୭ଟି କଲେଜରେ ୧୦,୩୫୦ଟି, ରାଜସ୍ଥାନରେ ୫୨ଟି କଲେଜରେ ୮,୨୩୦ଟି, ଗୁଜରାଟରେ ୪୩ଟି କଲେଜରେ ୭,୮୨୫ଟି ଏବଂ ଆନ୍ଧ୍ରପ୍ରଦେଶରେ ୪୧ଟି କଲେଜରେ ୭,୬୪୦ ଏମ୍‌ବିବିଏସ୍ ସିଟ୍ ଥିବା ସୂଚନା ମିଳିଛି। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଘରୋଇ ମେଡିକାଲ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ସୀମିତ କ୍ଷମତା। କର୍ଣ୍ଣାଟକରେ ୫୧ଟି ଘରୋଇ ମେଡିକାଲ କଲେଜରେ ୧୦,୯୫୫ଟି ଏମ୍‌ବିବିଏସ୍ ସିଟ୍ ରହିଛି। ତାମିଲନାଡୁରେ ୪୧ଟି ଘରୋଇ କଲେଜରେ ୮,୬୫୦ ସିଟ୍ ଏବଂ ଉତ୍ତରପ୍ରଦେଶରେ ୩୯ଟି ଘରୋଇ କଲେଜରେ ୮,୩୦୦ଟି ସିଟ୍ ରହିଛି। ଏହା ତୁଳନାରେ ଓଡ଼ିଶାରେ ମାତ୍ର ୬ଟି ଘରୋଇ ମେଡିକାଲ କଲେଜ ଏବଂ ୧,୧୦୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏହି ସୀମିତ କ୍ଷମତାର ସିଧାସଳଖ ପ୍ରଭାବ ରାଜ୍ୟର ମେଡିକାଲ ଆସନ ପାଇଁ ପ୍ରତିଯୋଗିତା ଉପରେ ପଡୁଛି। ଓଡ଼ିଶାରେ ମେଡିକାଲ ସିଟ୍ ସଂଖ୍ୟା ଯଥେଷ୍ଟ ନ ବୃଦ୍ଧି ନ ହେବା ଯୋଗୁଁ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଅନ୍ୟ ରାଜ୍ୟ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି। ପୁଣି ବାହାରେ ପଢ଼ାଇବା ପାଇଁ ଅଧିକ ଫି' ମଧ୍ୟ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ପରିବାରର ପିଲାମାନଙ୍କର ଡାକ୍ତର ହେବା ସ୍ୱପ୍ନକୁ ସମାଧି ଦେଉଛି।

# ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ

ସମ୍ବଲପୁର, ୧୬।୮ (ସମିସ)

ସମ୍ବଲପୁର ରିଜର୍ଭ ପୁଲିସ ଲାଇନ୍‌ଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଆତ୍ମବଳିଦାନ, ତ୍ୟାଗ, କାରାବରଣ ଓ ସଂଘର୍ଷର ଇତିହାସକୁ ମନେ ପକାଇଥିଲେ। ମାତୃଭୂମି ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିବା ଅଗଣିତ ସଂଗ୍ରାମୀ ଓ ରାଷ୍ଟ୍ରଭକ୍ତଙ୍କୁ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମର ମହାଯଜ୍ଞରେ ସମ୍ବଲପୁର ମାଟିର ଅତୁଳନୀୟ ଅବଦାନ ବୋଲି କହିଥିଲେ। ମହାନ୍ ବୀର ସୁରେନ୍ଦ୍ର ସାଏଙ୍କ ଅବିଶ୍ରାନ୍ତ ସଂଗ୍ରାମ ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା। ଜୀବନର ଶେଷ ପର୍ଯ୍ୟନ୍ତ ସେ ପରାଧିନତାକୁ ସ୍ୱୀକାର କରି ନ








ଥିଲେ। ସୁରେନ୍ଦ୍ର ସାଏଙ୍କ ସାହସ, ସ୍ୱାଭିମାନ ଓ ମାତୃଭୂମି ପ୍ରତି ସମର୍ପଣ ଆଜି ମଧ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ସେ କହିଥିଲେ। ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମରେ ରାଣୀ ରତ୍ନକୁମାରୀଙ୍କଠାରୁ ଆରମ୍ଭ କରି ମାଧୋ ସିଂହ, ହଟେ ସିଂହ, ବୈରୀ ସିଂହ, ମଦନମୋହନ ମିଶ୍ର, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭାଗିରଥୀ ମିଶ୍ର, ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗିରଥୀ ପଟ୍ଟନାୟକ, ନୃସିଂହ ଗୁରୁ, ଡା. ରାମଚନ୍ଦ୍ର ମିଶ୍ର, ପହଲ୍ଲାଦ ରାଏ ଲାଠ, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ଦୟାନନ୍ଦ ଶତପଥୀ, ଚିନ୍ତାମଣି ପୂଜାରୀ, ଘନଶ୍ୟାମ ପାଣିଗ୍ରାହୀ, ସ୍ୱପ୍ନାନନ୍ଦ ପାଣିଗ୍ରାହୀ ଭଳି ବହୁ ବୀର ସଂଗ୍ରାମୀ ଯୋଗଦାନ ରହିଥିଲା। ସେମାନେ ଆମର ଚିର ନମସ୍ୟ ବୋଲି କହି ସେହି ଉତ୍ସର୍ଗୀକୃତ ସଂଗ୍ରାମୀଙ୍କୁ ମନ୍ତ୍ରୀ ସ୍ମରଣ କରିଥିଲେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ମଣ୍ଡଳ କାରାଗାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲିସ୍ଥିତ ଦୟାମଣି ଜରାନିବାସର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିବା ସହିତ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଭୋର୍ ସାଢ଼େ ୫ଟା ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରର ମୁଖ୍ୟ ରାସ୍ତାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପ୍ରସାରିତ କରାଯାଇଥିଲା। ଏହାପରେ ସମ୍ବଲପୁର ଜିଲ୍ଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଏମ୍‌ସିଏଲ୍‌ରେ ସ୍ୱାଧୀନତା ଦିବସ

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମାର୍ଚ୍ଚପାଷ୍ଟ ପ୍ୟାରେଡ୍‌ର ସଲାମୀ ଗ୍ରହଣ କରିଥିଲେ। ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍‌ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଞ୍ଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ କାଓଲେ ସମସ୍ତ ଅଂଶୀଦାର ଏବଂ 'ଏମ୍‌ସିଏଲ୍ ପରିବାର'କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସମାରୋହରେ ନିର୍ଦ୍ଦେଶକ (ବୈଷୟିକ) ସଞ୍ଜୟ କୁମାର ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ସମ୍ବିତ ସୌରଭ ନାୟକ, ପ୍ରାକ୍ତନ ନିର୍ଦ୍ଦେଶକବୃନ୍ଦ, ବରିଷ୍ଠ ଅଧିକାରୀଗଣ, ଜାଗୃତି ମହିଳା ମଣ୍ଡଳର ଉପସଭାପତି ଓ ସଦସ୍ୟାବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋମୁଗ୍ଧକର ନୃତ୍ୟ ପରିବେଷଣ କରାଯାଇଥିଲା। ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଶ୍ରେଷ୍ଠ ମାର୍ଚ୍ଚପାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, ଏମ୍‌ସିଏଲ୍‌ର ସମସ୍ତ ଖଣି ଅଞ୍ଚଳରେ ମଧ୍ୟ 'ରାଷ୍ଟ୍ର ପ୍ରଥମ' ଭାବନାକୁ ପାଥେୟ କରି ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା, ଯାହା ଦାୟିତ୍ୱବାନ୍ ଖନନ, ଶକ୍ତି ସୁରକ୍ଷା ଏବଂ ସମାବେଶୀ ବିକାଶ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣ କରିଥିଲା।

## ଡିଏଭି, ବୁର୍ଲା

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ୍ ଯୋଗ ତ୍ରିରଙ୍ଗା ଧ୍ୱଜାରୋହଣ କରିଥିଲେ। ବିଦ୍ୟାଳୟର ଏନସିସି, ସ୍କାଉଟ, ଗାଇଡ, ଚାରି ଗୃହବିଭାଗର ବିଦ୍ୟାର୍ଥିମାନଙ୍କ ଦ୍ୱାରା ପ୍ୟାରେଡ କରି ମୁଖ୍ୟଅତିଥିଙ୍କୁ ଅଭିବାଦନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଆନୋକ୍ଷୀ ସାହୁ ଇଂରାଜୀରେ, ସଞ୍ଚିତା ଗୁରୁ ହିନ୍ଦୀରେ ଓ ସୋନାକ୍ଷୀ ଜୟପୁରିଆ ଓଡ଼ିଆରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତଙ୍କ ନେତୃତ୍ୱରେ ଦେଶପ୍ରେମ ଭିତ୍ତିକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁସ୍ମିତା ପୁରୋହିତ ଓ ଶିକ୍ଷୟିତ୍ରୀ ବିନ୍ଦୁ ନାୟର ପରିଚାଳନା ତଥା ସଂଯୋଜନା କରିଥିଲେ।

## ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର

ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର (ଆର୍‌ଜିଭିଏମ୍)ରେ ୮୦ତମ ସ୍ୱାଧୀନତା ଦିବସ ଗର୍ବ ଏବଂ ଦେଶପ୍ରେମର ସହିତ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ପ୍ରଧାନଶିକ୍ଷକ ଏବଂ ଶିକ୍ଷକମାନଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ଉତ୍ସବ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭାରତୀୟ ସେନାର ଶିକ୍ଷା କୋରସର ଜେସିଓ (୧୭ ବର୍ଷର ବିଶିଷ୍ଟ ସେବା) ହିମାଂଶୁ ଶେଖର ଆଚାର୍ଯ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଜାତିର ସେବା କରିବାକୁ ଏବଂ ଅତ୍ୟନ୍ତ ନିଷ୍ଠାର ସହିତ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ, ସ୍କୁଲ ଅଧ୍ୟକ୍ଷା ଶାଲୁ ଚାଣ୍ଡେଲ କହିଥିଲେ, 'ତ୍ରିରଙ୍ଗାର ତିନୋଟି ରଙ୍ଗ କେବଳ ଆମ ପତାକାର ଗର୍ବ ନୁହେଁ, ବରଂ ଏହା ଆମ ଆଚରଣ ଏବଂ ଜୀବନଶୈଳୀରେ ମଧ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଉଚିତ'। ଶେଷରେ, ସ୍କୁଲ ଅଧ୍ୟକ୍ଷ ଅଶୋକ କେଡିଆ ମୁଖ୍ୟଅତିଥି ଶ୍ରୀ ଆଚାର୍ଯ୍ୟଙ୍କୁ ଏକ ସ୍ମାରକୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦ ପାୱାର ଅଫ୍ ଟ୍ରୁଥ

ସମ୍ବଲପୁର ଉପକଣ୍ଠସ୍ଥ ସିନ୍ଦୁରପଙ୍କସ୍ଥିତ ଦ ପାୱାର ଅଫ୍ ଟ୍ରୁଥ ସଂସ୍ଥା ଆନୁକୂଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପତାକା ଉତ୍ତୋଳନ ପରେ ସଂସ୍ଥାର ସଭାପତି ସୁବାସ ଚନ୍ଦ୍ର ସାହାଣୀ ଭାରତବର୍ଷର ଶାନ୍ତି, ସମୃଦ୍ଧି ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ତଥା କୃଷକ, ସୈନିକ, ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଜଶବିର ସିଂ ହୁରା ଏବଂ ଅତିଥି ଭାବେ ସୌରୀ ନାରାୟଣ ପାଣିଗ୍ରାହୀ, ସଂଯୁକ୍ତା ମେହେର, ସସ୍ମିତା ନାୟକ, ରାମସାଗର ସାହୁ, ରାଜେଶ ପ୍ରଧାନ, ଭବାନୀ ଶଙ୍କର ସୋହେଲା, ତପନ ଦାସ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ମାନସ ବୁସ୍ ଓ ଟିମ୍ ନିଭାଇ ଥିଲେ।

## ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଭାପତି ଅଶୋକ ପଣ୍ଡା ଆମ ତ୍ରିରଙ୍ଗାର ମହତ୍ତ୍ୱକୁ ସମ୍ମାନଦେଇ ଦେଶକୁ ଆଗେଇ ନେବାକୁ କହିଥିଲେ। ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ସବୁସମୟରେ ଦେଶପ୍ରତି ସମର୍ପଣ ଭାବ ରଖିବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ଉପସଭାପତି ହେମନ୍ତ ପଟେଲ, କୋଷାଧ୍ୟକ୍ଷ ଅଜିତ କୁମାର ସିଂହ ମଞ୍ଚାସୀନ ଥିଲେ। ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସଂଯୁକ୍ତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ବୈକୁଣ୍ଠ ନାଗଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ସ୍ଥାନୀୟ ପଡ଼ିଆର ମୁଖ୍ୟପ୍ୟାରେଡରେ ଅଂଶଗ୍ରହଣ କରି ବରିଷ୍ଠ ଓ କନିଷ୍ଠ ବର୍ଗ ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ୱାଧୀନତା ଦିବସ ପାଳନର ଏକ ଅଂଶ ଭାବରେ ଏକ ତ୍ରିରଙ୍ଗା ରାଲି ଆୟୋଜନ କରିଥିଲା। ଏହି ରାଲିକୁ କୁଳପତି ପ୍ରଫେସର ବ୍ୟୋମାକେଶ ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀମାନେ ଦେଶପ୍ରେମ, ଜାତୀୟ ଗର୍ବ ଏବଂ ଏକତାକୁ ପ୍ରତିଫଳିତ କରି ଏକ ଲମ୍ବା ତ୍ରିରଙ୍ଗା ଧରି ବିଶ୍ୱବିଦ୍ୟାଳୟ ପରିସରରେ ଶୋଭାଯାତ୍ରା କରିଥିଲେ। ଏହି ରାଲି ଭାରତୀୟ ପତାକା ସଂହିତା ଅନୁଯାୟୀ ଜାତୀୟ ପତାକାର ଗୁରୁତ୍ୱ ଏବଂ ସମ୍ମାନଜନକ ବ୍ୟବହାର ବିଷୟରେ ସଚେତନତା ମଧ୍ୟ ପ୍ରୋତ୍ସାହିତ କରିଥିଲା। ବିଶ୍ୱବିଦ୍ୟାଳୟ ମହାନ ଦେଶପ୍ରେମ ଉତ୍ସାହ ଏବଂ ଉତ୍ସାହ ସହିତ ସ୍ୱାଧୀନତା ଦିବସ ପାଳନ କରିଥିଲା। ପ୍ରଫେସର ତ୍ରିପାଠୀ ଏହି ଅବସରର ଐତିହାସିକ ଗୁରୁତ୍ୱ, ବିଶ୍ୱଗୁରୁ ହେବା ଦିଗରେ ଭାରତର ଯାତ୍ରା ଏବଂ ଏକ ପ୍ରଗତିଶୀଳ, ସ୍ୱାବଲମ୍ବୀ ଏବଂ ବିକଶିତ ରାଷ୍ଟ୍ରଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ର ପ୍ରଦର୍ଶନ ଏବଂ ଜାତୀୟ କ୍ୟାଡେଟ୍ କୋର୍ପସର ମାର୍ଚ୍ଚ-ପାଷ୍ଟ ଉତ୍ସବକୁ ଉଜ୍ଜ୍ୱଳତା ପ୍ରଦାନ କରିଥିଲା। ଛାତ୍ର, ଗବେଷକ ବିଦ୍ୱାନ, ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଅଂଶଗ୍ରହଣ ଏହି ଅବସରକୁ ସ୍ମରଣୀୟ କରିଥିଲା।

## ସମ୍ବଲପୁର ରେଳମଣ୍ଡଳ

ପୂର୍ବତଟ ରେଳପଥ, ସମ୍ବଲପୁର ମଣ୍ଡଳ ପକ୍ଷରୁ ସମ୍ବଲପୁରର ରେଳ ଷ୍ଟାଡିୟମରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ, ସୁବାସ ଚନ୍ଦ୍ର ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ରେଳ ସୁରକ୍ଷା ବାହିନୀ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଏବଂ ପିଏମଶ୍ରୀ କେଭି ୧, ସମ୍ବଲପୁରର ଏନସିସି ୱିଙ୍ଗର ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ସମ୍ବଲପୁର) ମନଜିତ ସିଂହ ସାନସନୱାଲ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ସମ୍ବଲପୁର)ର ଅଧ୍ୟକ୍ଷା ବିନ୍ଦୁ ଚୌଧୁରୀ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ରାଜେଶ୍ୱର ଟିଗ୍ଗା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର ବିଜେପି ପକ୍ଷରୁ ବିଶାଳ ଓ ଭବ୍ୟ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ବାଲିବନ୍ଧାରୁ ଆରମ୍ଭ ହୋଇ କଚେରୀ ଛକସ୍ଥିତ ସହିଦସ୍ତମ୍ଭଠାରେ ସମାପନ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନାଉରୀ ନାୟକ ଓ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ଏହି ତ୍ରିରଙ୍ଗା ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୧୦୦ ମିଟର ଲମ୍ବର ବିଶାଳ ତ୍ରିରଙ୍ଗା। ଶେଷରେ କଚେରୀ ଛକସ୍ଥିତ ସହିଦ ସ୍ତମ୍ଭଠାରେ ପହଞ୍ଚି ସହିଦମାନଙ୍କ ସ୍ମୃତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ଡଃ ପ୍ରମୋଦ ରଥ, ସମୀର ରଞ୍ଜନ ବାବୁ, ସୁଶାନ୍ତ ପୁରୋହିତ, ଗୋବିନ୍ଦ ଅଗ୍ରୱାଲ, ସବିତା ନନ୍ଦ, ଫଣୀଭୂଷଣ ମିଶ୍ର, ସରୋଜ ଦଳପତ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା, କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ।

## ପିକେ ଏକାଡେମୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍

ପିକେ ଏକାଡେମୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ ଅଧୀନସ୍ଥ କୋଚିଂ, କମ୍ପ୍ୟୁଟର ସେଣ୍ଟର ଏବଂ କିଡ୍ସ କେଆର ପ୍ରି-ସ୍କୁଲ୍ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପିକେ ଏକାଡେମୀର ଅଧ୍ୟକ୍ଷା ଡ. ଶୋଭାମୟୀ ମହାପାତ୍ର ଏବଂ କିଡ୍ସ କେଆର ପ୍ରି-ସ୍କୁଲ୍‌ର ଅଧ୍ୟକ୍ଷା ଡ. ସ୍ୱର୍ଣ୍ଣମୟୀ ଜେନାଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଚାଷୀନେତା ସରୋଜ ମହାନ୍ତି, ଅନୁଷ୍ଠାନର ଉପଦେଷ୍ଟା ସଞ୍ଜିତ ମହାନ୍ତି ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଡାଙ୍ଗ ମୁଖ୍ୟଅତିଥି ଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ଦୈନିକ 'ସକାଳ' ସମ୍ବଲପୁର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ।

# ଯୁଯୋମୁରାରେ ପୁରୀ ଜଗନ୍ନାଥ ବସ୍ ଓ ଟ୍ରକ୍ ଦୁର୍ଘଟଣା | ୨ ମୃତ, ୧୩ ଆହତ

ସମ୍ବଲପୁର, ୧୬।୮ (ସମିସ) : ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ କଂସର ନିକଟରେ ଗତକାଲି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତଙ୍କୁ ସମ୍ବଲପୁର ଓ ବୁର୍ଲା ଭିମସାର୍ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମୃତକ ଦ୍ୱୟ, ପଦ୍ମପୁର ଏସବିଆଇ ଶାଖାର ଏବିଏମ୍ ଦୀପକ ଦାସ ଏବଂ ମହିଳା ଟ୍ରେନି ଓଏଏସ୍ ପ୍ରୀତିସୁମନ ପ୍ରଧାନ ବୋଲି ସୂଚନା ମିଳିଛି।

ଜାତୀୟ ରାଜପଥ ନଂ. ୫୫ରେ ପୁରୀରୁ ଭୁବନେଶ୍ୱର ଓ ସମ୍ବଲପୁର ଦେଇ ବରଗଡ଼ ଜିଲ୍ଲାର ପଦ୍ମପୁର ଅଭିମୁଖେ ଯାଉଥିବା ଓଏସଆରଟିସି ଭଲଭୋ ବସ୍ 'ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍' (ଓଡି୦୨ ସିଆଇ୨୫୫୭) ଓଭରଟେକ୍ କରିବା ସମୟରେ ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍ (ଓଡି-୨୧-ୟୁ-୪୩୪୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଯୁଯୋମୁରା ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା। ଥାନାଧିକାରୀ ଅନିମା ଏକ୍କାଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ବୁର୍ଲା ଭିମସାର ଡାକ୍ତରଖାନାକୁ ନିଆଯାଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଛି। ଟ୍ରକ୍ ଚାଳକ ଫେରାର ହୋଇଯାଇଛି। ଏନେଇ ଯୁଯୋମୁରା ଥାନାରେ କେସ୍ ନମ୍ବର ୧୪୯/୨୦୨୬ ରୁଜୁ କରାଯାଇ ପୁଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ, ଭିମସାରରେ ଦୁଇଜଣ ଗୁରୁତର ଆହତଙ୍କ ଗୋଡ଼ କଟାଯାଇଥିବା କୁହାଯାଉଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଡାକ୍ତରଖାନାକୁ ଯାଇ ଯାତ୍ରୀମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିବାସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ମାଗଣାରେ କରାଯିବ ବୋଲି କହିଛନ୍ତି।



# ଟ୍ରେଲର-ଟ୍ରକ୍ ମୁହାଁମୁହିଁ ଧକ୍କା ଯୋଗୁଁ ୧୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

ରେଢ଼ାଖୋଲ, ୧୬।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ରେଢ଼ାଖୋଲ ସହରର ଦଳଖମଣ ନିକଟ ଡଙ୍ଗା ପୋଲ ଉପରେ ଏକ ଟ୍ରେଲର ଆରଜେ ୪୮ ଜିଏ ୫୦୪୭ ଓ ଲୁହା ପଥର ବୋଝେଇ ଟ୍ରକ୍ ସିଜି ୧୮ ଏଏଫ୍ ୯୩୯୯ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ରେଢ଼ାଖୋଲ ପୋଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଆହତ ଚାଳକଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତମାନେ ହେଲେ ଝାଡ଼ଖଣ୍ଡର ନୟା ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ରାହୁଲ କୁମାର ଏବଂ ରାଜସ୍ଥାନର ଅଜମେର ଅଞ୍ଚଳର ହନୁମାନ ଚୌଧୁରୀ। ରାହୁଲ କୁମାରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ସଡ଼କ ଦୁର୍ଘଟଣା ପରେ ୫୫ ନଂ ଜାତୀୟ ରାଜପଥ ଉପରେ ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ଅଟକି ରାସ୍ତା ଅବରୋଧ ହୋଇ ପଡ଼ି ରହିଥିଲା। ଲଗାଣ ବର୍ଷା ମଧ୍ୟରେ ଦୀର୍ଘ ସମୟ ଧରି ଯାନବାହନ ଅଟକି ରହିବାରୁ ଯାତ୍ରୀମାନେ ଅସୁବିଧା ସମ୍ମୁଖୀନ ହେବାରୁ ରେଢ଼ାଖୋଲ ପ୍ରଶାସନ ଓ ପୋଲିସକୁ ରେଢ଼ାଖୋଲ ନାଗରିକ କମିଟି ଓ ଯୁବକମାନେ ସହଯୋଗ କରିଥିଲେ। ବହୁ ପରିଶ୍ରମ ପରେ ଉଭୟ ଗାଡ଼ିକୁ ପୋଲ ନିକଟରୁ ବାହାର କରାଯାଇଥିଲା। ୧୪ ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବୁର୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଚାରାରୋପଣ




ସମ୍ବଲପୁର, ୧୬।୮ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଇଟ୍ ପରିସରରେ ବ୍ରାହ୍ମଣ ସମାଜ ବୁର୍ଲା ତରଫରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଇଂ. ଦିନଦୟାଲ ଶର୍ମା, ସମ୍ପାଦକ ସୁନିଲ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହରିଶଙ୍କର ପଣ୍ଡା ସମେତ ସଦସ୍ୟ ଅଶ୍ୱିନୀ ଆଚାର୍ଯ୍ୟ, ଇଂ. ପାଣ୍ଡବ ପାତ୍ର, ପ୍ରମୋଦ ଦାଶ, ଅନିଲ ଦେବତା, ରଶ୍ମିରଞ୍ଜନ ଶତପଥୀ, ବିଭୁଦତ୍ତ ମିଶ୍ର, ସରୋଜ ଦାଶ, ସୁଧିର ମିଶ୍ର, ସୁରେଶ ମହାପାତ୍ର, ବିଜୟ ପଣ୍ଡା, ସତ୍ୟବ୍ରତ ନାୟକ ପ୍ରମୁଖ ସକ୍ରିୟ ଯୋଗ ଦେଇଥିଲେ।

# ହର୍ ଘର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ରୋହିତଙ୍କ ପରାମର୍ଶ

ସମ୍ବଲପୁର, ୧୬।୮ (ସମିସ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି ଯେ, ହର୍ ଘର ତ୍ରିରଙ୍ଗା ଭଳି ସମ୍ବଲପୁରର ଜନପ୍ରତିନିଧି କିଭଳି ହର୍ ଘର ମୌଳିକ ସମସ୍ୟାର ସମାଧାନ ହେବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ। ଇଂ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ କିଛିଦିନ ପୂର୍ବରୁ ସମ୍ବଲପୁର ସାଂସଦ ଏକ ତ୍ରିରଙ୍ଗା ଯାତ୍ରା କରିଥିଲେ। ତାହା ସ୍ୱାଗତଯୋଗ୍ୟ। ଆଜି ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଏକ ତ୍ରିରଙ୍ଗା ଯାତ୍ରା କଲେ। ଏହା ମଧ୍ୟ ସ୍ୱାଗତଯୋଗ୍ୟ। ସମ୍ବଲପୁର ସାଂସଦ ଏବଂ ବିଧାୟକଙ୍କ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାହାକୁ ମଧ୍ୟ ଆଉ ଅଜଣା ନାହିଁ। ସମସ୍ତଙ୍କ ଘରେ ତ୍ରିରଙ୍ଗା ଲାଗୁ ଏହା ଆମ ପାଇଁ ଗର୍ବର ବିଷୟ; କିନ୍ତୁ ସମ୍ବଲପୁରରେ ଦୀର୍ଘ ୨୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିଧାୟକ ରହିଥିବା ଜୟନାରାୟଣ ମିଶ୍ର ହର୍ ଘର ତ୍ରିରଙ୍ଗା ଯାତ୍ରା ଭଳିଆ କିଭଳି ହର୍ ଘର ସ୍ୱଚ୍ଛ ପାନୀୟ ଜଳ, ହର୍ ଘର ୨୪ ଘଣ୍ଟିଆ ବିଜୁଳି ସେବା, ହର୍ ଘର ରୋଜଗାର, ହର୍ ଘର ଛୁଆ ମାନଙ୍କୁ ଉତ୍ତମ ଶିକ୍ଷାବ୍ୟବସ୍ଥା, ହର୍ ଘର ର ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା - ଏମ୍‌ସ ହେଉ ଅବା ଭିମସାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅବା ଯେତେ ସିଏଚ୍‌ସି ଏବଂ ପିଏଚ୍‌ସି ଅଛି ତାହା ମାଧ୍ୟମରେ ମିଳୁ, ହର୍ ଘର ସାମ୍ନା ଆବର୍ଜନା ମୁକ୍ତ ହେଉ, ହର୍ ଘର ସାମ୍ନାରେ ଡ୍ରେନେଜ୍‌ର ସୁବ୍ୟବସ୍ଥା କରାଯାଉ ଯାହାଦ୍ୱାରା ମଣିଷକୃତ ବନ୍ୟା ଯୋଗୁଁ ଘରେ ଅଳିଆ ପାଣି ନ ପଶୁ। ଯଦି ସେ ଏହିସବୁ ଦିଗରେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ତେବେ ସମ୍ବଲପୁର ଆହୁରି ଆଗକୁ ଯିବ ବୋଲି ଇଂ ପୂଜାରୀ ମତବ୍ୟକ୍ତ କରିଛନ୍ତି।

# ଧାନ ପ୍ରୋକ୍ୟୁରମେଣ୍ଟ ଦାୟିତ୍ୱ ଆମର, ରାଜସ୍ୱ ମନ୍ତ୍ରୀଙ୍କ ନୁହେଁ : ଯୋଗାଣ ମନ୍ତ୍ରୀ

ସମ୍ବଲପୁର, ୧୬।୮ (ସମିସ)

'ଧାନ ପ୍ରୋକ୍ୟୁରମେଣ୍ଟ ଦାୟିତ୍ୱ ଆମର, ରାଜସ୍ୱ ମନ୍ତ୍ରୀଙ୍କ ନୁହେଁ' ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସମ୍ବଲପୁରଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବା ପରେ ମନ୍ତ୍ରୀ 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ବଖାଣିବା ପରେ ଧାନ କିଣାବିକା ଓ 'ଏଗ୍ରୀ-ଷ୍ଟାକ୍'କୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନବାଣରେ ଘାଇଲା କରି ଦେଇଥିଲେ। ଶେଷରେ ଏଭଳି ହେଲା ଯେ, ଗଣମାଧ୍ୟମର ପ୍ରଶ୍ନ ଶେଷ ହେଲାନାହିଁ, କିନ୍ତୁ ମନ୍ତ୍ରୀ ସେଠାରୁ ଉଠି ପଳାଇ ଯାଇଥିଲେ।

'ଏଗ୍ରୀ-ଷ୍ଟାକ୍'କୁ ନେଇ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟକୁ ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତରଦେବା ସମୟରେ ମନ୍ତ୍ରୀ କହିଲେ ଯେ, 'ଏଗ୍ରୀ-ଷ୍ଟାକ୍' ସହ ଧାନ ପ୍ରୋକ୍ୟୁରମେଣ୍ଟର କୌଣସି ସମ୍ବନ୍ଧ ନାହିଁ। ଯେତେବେଳେ କୁହାଗଲା ଯେ ଆପଣ ଗୋଟିଏ କଥା କହୁଛନ୍ତି ଏବଂ ରାଜସ୍ୱ ମନ୍ତ୍ରୀ ଗୋଟିଏ କଥା କହୁଛନ୍ତି, ସେ କହିଲେ ଯେ, ମୁଁ ଯୋଗାଣ ମନ୍ତ୍ରୀ କହୁଛି। ଧାନ ପ୍ରୋକ୍ୟୁରମେଣ୍ଟ ଦାୟିତ୍ୱ ଆମର, ରାଜସ୍ୱ ମନ୍ତ୍ରୀଙ୍କ ନୁହେଁ। ତେଣୁ, ମୁଁ ଆଜି କହୁଛି, ଆମେ ଧାନ କିଣିବୁ, ଯେଉଁଭଳି ଭାବେ ଗତବର୍ଷ ରେଜିଷ୍ଟ୍ରେସନ ହୋଇଥିଲା, ସେହିଭଳି ଭାବେ ସରଳୀକରଣ କରାଯାଇଛି। ସମସ୍ତେ ରେଜିଷ୍ଟ୍ରେସନ କରିବେ, ସମସ୍ତେ ଧାନ ବିକିବେ। ଆମେ ଧାନ କିଣିବୁ।

ଟୋକନ ବ୍ୟବସ୍ଥା ଜିଲ୍ଲାସ୍ତରୀୟ କରାଯିବ କି ବୋଲି ପ୍ରଶ୍ନର ଉତ୍ତରରେ ସେ ଟୋକନ ବ୍ୟବସ୍ଥା ଜିଲ୍ଲାସ୍ତରୀୟ ହୋଇ ପାରିବନି ବୋଲି କହିଥିଲେ। ବିଜେପି ବିରୋଧୀ ଦଳରେ ଥିବାବେଳେ ଟୋକନ ବ୍ୟବସ୍ଥା ଉଠାଇବା ପାଇଁ ଆନ୍ଦୋଳନ କରୁଥିଲେ ଏବେ ଟୋକନ କିପରି ସରକାରଙ୍କ ମୋହ ପାଲଟିଯାଇଛି ବୋଲି ପଚାରିବାରୁ, "ଟୋକନ ସିଷ୍ଟମ ନ କଲେ ଦଲାଲ ମାନଙ୍କ ସଂଖ୍ୟା ବଢ଼ିଯିବ, ଆମେ ପ୍ରକୃତରେ ଚାଷୀ କିଏ ଜାଣିପାରୁବୁନି। ରେଜିଷ୍ଟ୍ରେସନ ହେବ, ରେଜିଷ୍ଟ୍ରେସନକୁ ସାଟେଲାଇଟ୍ ମାଧ୍ୟମରେ ସର୍ଭେ କରାଯିବ, କିଏ ପ୍ରକୃତରେ ଚାଷ କରିଛି ନକରିଛି, କେବଳ ଲ୍ୟାଣ୍ଡ ରେକର୍ଡ ଦେଖାଇଦେଲେ ହେବନାହିଁ"। ସେହିପରି, ଗତବର୍ଷ ସରକାର 'ବଂଶାବଳୀ' ଆଣିଲେ, ଚଳିତବର୍ଷ 'ଏଗ୍ରୀ-ଷ୍ଟାକ୍' ଆଣିଲେ, ଚାଷୀ ପ୍ରତିନିଧି ମଣ୍ଡଳୀ ସହ ଏସବୁ ଆଣିବା ପୂର୍ବରୁ ସରକାର କାହିଁକି ଆଲୋଚନା କରୁନାହାନ୍ତି ବୋଲି ପଚାରିବାରୁ - "କେନ୍ଦ୍ର ସରକାର ନିୟମ କରୁଛନ୍ତି, ଆମେ ତାହାକୁ କାର୍ଯ୍ୟାନ୍ୱୟନ କରିବାକୁ ବାଧ୍ୟ। ଏଥର ଆମେ 'ଏଗ୍ରୀ-ଷ୍ଟାକ୍' ଲାଗୁ କରୁନାହୁଁ, ଆଗକୁ ଧିରେ ଧିରେ 'ଏଗ୍ରୀ-ଷ୍ଟାକ୍' ସମସ୍ତଙ୍କୁ କରିବାକୁ ପଡ଼ିବ" ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି 'ଏଗ୍ରୀ-ଷ୍ଟାକ୍' ଯଦି ବାଧ୍ୟତାମୂଳକ ନୁହେଁ, କାହିଁକି କରାହେଉଛି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ, 'ଏଗ୍ରୀ-ଷ୍ଟାକ୍' କରାଯିବ, ଏହା ସରକାରଙ୍କ ନିୟମ। କୃଷକ ମାନଙ୍କ ହିତ ପାଇଁ ଏହା କରାଯାଉଛି। ଏହା କେବଳ ଓଡ଼ିଶାରେ ହେଉନି, ସାରା ଭାରତବର୍ଷରେ କରାଯାଉଛି। 'ଏଗ୍ରୀ-ଷ୍ଟାକ୍' ମାଧ୍ୟମରେ ପିଏମ୍ କିଷାନ, ସିଏମ୍ କିଷାନ ପାଇବେ; ସାର ପାଇବେ, ଋଣ ମଧ୍ୟ ପାଇବେ। ଏଥିରେ ଚାଷୀର ସମସ୍ତ ରେକର୍ଡ ରହିବ ବୋଲି ସେ କହିଥିଲେ।

ପ୍ରତିବର୍ଷ ମଣ୍ଡି ହ୍ୟାଣ୍ଡଲିଂ ନାମରେ ଲକ୍ଷ ଲକ୍ଷ ଟଙ୍କା ମିଲର୍ ମାନଙ୍କୁ ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଦିଆଯାଉଛି, କିନ୍ତୁ କୌଣସି କାର୍ଯ୍ୟ ହେଉନାହିଁ। ବରଗଡ଼ ଜିଲ୍ଲାରେ ଗତ ତିନିବର୍ଷରେ ମିଲର୍ ମାନଙ୍କୁ ୭ କୋଟି ଟଙ୍କା ଦିଆଯାଇଥିବାବେଳେ ସମ୍ବଲପୁର ଜିଲ୍ଲାରେ ୪ରୁ ୫ କୋଟି ଟଙ୍କା ଦିଆଯାଇଛି, ବୋଲି ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ମଣ୍ଡି ହ୍ୟାଣ୍ଡଲିଂ ବାବଦକୁ ଟଙ୍କା ଦିଆଯାଉଛି, କିନ୍ତୁ ଲୋକ ସିଧାସଳଖ ମିଲ୍‌କୁ ଯାଇ ଧାନ ଦେଉଛନ୍ତି। ଏହାକୁ କିପରି ନିୟନ୍ତ୍ରଣକୁ ଆଣିବୁ ସେନେଇ ଚିନ୍ତା କରିବୁ। ଅନ୍ୟପକ୍ଷରେ, ମହିଳା ଏସ୍‌ଏଚ୍‌ଜି ମାନେ ଧାନ କିଣି ପାରିବେନି ନିୟମ ବିରୋଧରେ ହାଇକୋର୍ଟର ଅପିଲ ବିଷୟରେ ପଚାରିବାରୁ ମନ୍ତ୍ରୀ ଅବଗତ ନଥିବା ଏବଂ ହାଇକୋର୍ଟର ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନେବୁ ବୋଲି କହିଥିଲେ।

# ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା



















**ଭବାନୀପାଟଣା, ୧୬।୮ (ସମିସ)**

କଳାହାଣ୍ଡି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଜାତୀୟ ସମ୍ମାନ ହିଁ ପ୍ରତ୍ୟେକ ନାଗରିକର ସମ୍ମାନ ବୋଲି କହିଥିଲେ।ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ଜିଲ୍ଲାର ବୀର ସଂଗ୍ରାମୀ ରେଣ୍ଡୋ ମାଝି ବ୍ରିଟିଶ୍ ସରକାର ବିରୋଧରେ ଲଢ଼େଇ କରି ନିଜର ଦେଶ ମାତୃକା ପାଇଁ ସହିଦ୍ ହୋଇଥିଲେ। ସେହି ବୀର ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ବୋଲି ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ସିଂ ଦେଓ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

**ସିନାପାଲି:** ନୂଆପଡ଼ା ସଦର ମିନି ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ଉପସ୍ଥିତ ଥିଲେ। ୩୩ଟି ଦଳ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ।

ମୁଖ୍ୟ ସମାରୋହ ପରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାର ଓ ବିଜୁ ପଟ୍ଟନାୟକ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ କରି ରୋଗୀ, ଅନ୍ତେବାସୀ ଓ ଛାତ୍ରଛାତ୍ରୀଙ୍କୁ ଫଳ ଓ ମିଠା ବଣ୍ଟନ କରିଥିଲେ। ଜିଲ୍ଲା କାରାଗାରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅନ୍ତେବାସୀଙ୍କ ସହ ବ୍ୟାଡମିଣ୍ଟନ୍ ଖେଳିଥିଲେ। ପରେ ମିନି ଷ୍ଟାଡିୟମଠାରେ ଜିଲ୍ଲାପାଳ ଏକାଦଶ, ଆରକ୍ଷୀ ଅଧିକ୍ଷକ ଏକାଦଶ, ସାମ୍ବାଦିକ ଏକାଦଶ ଓ ଆଇନଜୀବୀ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ପୁଲିସ ପଡ଼ିଆସ୍ଥିତ କଲ୍ୟାଣମଣ୍ଡପଠାରେ ଦେଶାତ୍ମବୋଧକ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**କେସିଙ୍ଗା:** କେସିଙ୍ଗା ସହରର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କେସିଙ୍ଗା ସିଟିଜନ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ କରିଥିଲେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଜନ୍ମେଜୟ ସ୍ୱାଇଁ, କେସିଙ୍ଗା ଆଦର୍ଶ ଥାନାରେ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ, କେସିଙ୍ଗା ସାମ୍ବାଦିକ ମହାସଂଘରେ ସଭାପତି ଦୟା ସୁନାନୀ, ବିଜେଡି, ବିଜେପି, କଂଗ୍ରେସ କାର୍ଯ୍ୟାଳୟରେ ଦଳର ଟାଉନ୍ ସଭାପତିମାନେ, ଷ୍ଟେଟ ବ୍ୟାଙ୍କରେ ଶାଖା ପରିଚାଳକ ଲିଙ୍ଗରାଜ ମହାନନ୍ଦ, ପୋଷ୍ଟ ଅଫିସରେ ଆରତୀ ପୃଷ୍ଟି, ମାରୱାଡ଼ି ଯୁବାମଞ୍ଚରେ ବିକାଶ ଅଗ୍ରୱାଲ, ଏଲ୍‌ଆଇସି ଅଫିସରେ ଶାଖା ପରିଚାଳକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକ ପରିସର, ଥାନା ଅଗଣା, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଡାକ୍ତରଖାନା, ସମସ୍ତ ବିଦ୍ୟାଳୟ, ବନାଞ୍ଚଳ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇଥିଲା। ବିଦ୍ୟାଳୟର ପିଲାମାନେ ଦେଶାତ୍ମବୋଧକ ସଙ୍ଗୀତ ସହ ନୃତ୍ୟ ଓ ବକ୍ତୃତା ପରିବେଷଣ କରିଥିଲେ।

**ଭବାନୀପାଟଣା:** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ଅଧକ୍ଷ ଭୀମସେନ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ଦେଶଭକ୍ତିମୂଳକ ସଙ୍ଗୀତ, ନୃତ୍ୟ, ଯୋଗ ପ୍ରଦର୍ଶନ ଓ ଭାଷଣ ପରିବେଷଣ କରାଯାଇଥିଲା।

ସେହିପରି ରେଗଡ଼ା ପଞ୍ଚାୟତ ଗଜନନ ଯୁବକ ସଂଘ ଭୋଇମୁଣ୍ଡାରେ ସଂଘ ସଭାପତି ଗିରିଧାରୀ ସାହୁ ପତାକା ଉତ୍ତୋଳନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷକ ଲମ୍ବୋଦର ସାହୁ, ସ୍କୁଲ ସଭାପତି ଖୁସିରାମ ସାହୁ, ମହାଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବିକାଶ ଶିକ୍ଷାନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଦେବୀ ପ୍ରସାଦ ଦାସ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ପତାକା ଉତ୍ତୋଳନ ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା ଓ ଡି ପଦ୍ମିନୀ, ମୁଖ୍ୟ ପ୍ରସାଶକ ଯୁବରଜ ନାୟକ, ବିକାଶ ଡିଗ୍ରୀ କଲେଜ ଅଧକ୍ଷ ଡ ଆଦିତ୍ୟ ପଟ୍ଟନାୟକ, ବିବିଏ ବିସିଏ ଅଧକ୍ଷ ଡ. ସୁଦୀପ୍ତ ଜେନା, ବିକାଶ ନର୍ସିଂ କଲେଜ ଅଧକ୍ଷ ଡ. ଗୋପୀନାଥ ସୁବ୍ରମଣ୍ୟମ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତୀ ମିଶ୍ର, ଉପାଧକ୍ଷ ନାରାୟଣ ମହାନ୍ତି, ଉପାଧକ୍ଷ ପ୍ରସନ୍ନଜିତ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ।

**କଲମପୁର:** କଲମପୁର ବ୍ଲକ ପରିସରରେ ବିଡ଼ିଓ ବିଜୟ ମାଣ୍ଡାଙ୍ଗିଙ୍କ ଉପସ୍ଥିତରେ ଉପାଧକ୍ଷ ଚିନ୍ତାମଣି ବେହେରା, ଥାନାରେ ଥାନା ଅଧିକାରୀ ସୁନିଲୋ କଣ୍ଡାଗୋରି, ଆଇସିଡିଏସରେ ସିଡ଼ିପିଓ ନିର୍ବାସିନୀ ଦେଇ, ପଞ୍ଚାୟତରେ ସରପଞ୍ଚ ସୂର୍ଯ୍ୟକାନ୍ତି ପଣ୍ଡା, ଡିଏମ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଅଶ୍ୱିନୀ ମୁଣ୍ଡ, ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବରାଜ ବେମାଲ, ପାକ୍ସରେ ସଭାପତି ଶଙ୍କର୍ଷଣ ବେହେରା, +୩କଲେଜରେ ଅଧାପକ ଧରଣୀଧର ପୁଝାରୀ, +୨କଲେଜରେ ପ୍ରିନ୍ସିପାଲ ତୁଲେଶ୍ୱର ମାଝୀ, ଲକ୍ଷ୍ମିରାମ ଫୁଏଲରେ, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବିଇଓ ବାଞ୍ଛାନିଧି ପଣ୍ଡା, ସିଏଚ୍‌ସିରେ ଡାକ୍ତର ମୃତ୍ୟୁଞ୍ଜୟ ମାଝୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**କୋକସରା:** କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୁଡ଼ହାଣ୍ଡି ମଞ୍ଚ ନିକଟରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ ପତାକା ଉତ୍ତୋଳନ କରିଥିଲେ। କୋକସରା ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଥାନା ଅଧିକାରୀ ଡମ୍ବରୁଧର ଭରତିଆ ଏବଂ ବିଧାୟକ ପ୍ରତିନିଧି ତ୍ରିନାଥ ଶବର ପ୍ରମୁଖ ଉପସ୍ଥିତ ଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟ, ବଙ୍ଗୋମୁଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜ, ଡିଗ୍ରୀ ମହାବିଦ୍ୟାଳୟ ଏବଂ ମୋଟେର ଏଲ୍. ମାସି ଇଂରାଜୀ ବିଦ୍ୟାଳୟ ଆଦି ସ୍କୁଲ ଓ କଲେଜର ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି କୋକସରା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପଟ୍ଟନାୟକପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଚକ୍ରଧର ବେଶ୍ରା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସାମ୍ବାଦିକ ଜଗଦୀଶ ନାଏକ, ହିରଣ୍ୟ ବେହେରା, ପରେଶ ପଟ୍ଟନାୟକ, ତୁଳାରାମ ବେହେରା, ଦେବେନ୍ଦ୍ର ସାଗର ପ୍ରମୁଖ ଉପସ୍ଥିତ ଥିଲେ।

**ଥୁଆମୂଳ ରାମପୁର:** ବ୍ଲକରେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ପରିସରରେ ମାଜିଷ୍ଟ୍ରେଟ ଡକ୍ଟର ତାରିଣୀ ପ୍ରସାଦ ସାହୁ ପତାକା ଉତ୍ତୋଳନ କରିଥିଲେ। ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ଦିଲ୍ଲୀପ ନାଏକ, କର୍ତ୍ତବ୍ୟ ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ସନ୍ତୋଷ କୁମାର ଦାଶ ଓ ସାମ୍ବାଦିକ ପ୍ରଦୀପ ପଣ୍ଡା ଉପସ୍ଥିତ ଥିଲେ। ସେହିପରିପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଧ୍ରୁବ ଚରଣ ମୁଦୁଲି, ସାଂସଦ ପ୍ରତିନିଧି ପବିତ୍ର ନାଏକ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ମାଝୀ ପତାକା ଉତ୍ତୋଳନ କରିଥିଲେ।

**ଥୁଆମୂଳ ରାମପୁର:** ସ୍ଥାନୀୟ ଖଣ୍ଡୁଆଳ ଖେଳ ପଡ଼ିଆରେ ମା' ମାଣିକେଶ୍ୱରୀ ପ୍ରିଣ୍ଟ ମିଡିଆ ସଂଘ, ଥୁଆମୂଳ ରାମପୁର ପକ୍ଷରୁ ସଂଘର ସଭାପତି ବଳଭଦ୍ର ବାଗ ଓ ସମ୍ପାଦକ ପ୍ରଦୀପ ପଣ୍ଡା ମିଳିତ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ପ୍ରମୁଖ ସଦସ୍ୟ କୈଳାସ ଚନ୍ଦ୍ର ଛତ୍ରିଆ, ମନୋରଞ୍ଜନ ନାଏକ, ଅଙ୍ଗଦ ନାଏକ, ବୀର ବଜ୍ରଙ୍ଗ ନାଏକ, ଭାନୁପ୍ରତାପ ମୁଣ୍ଡ, ପ୍ରଶାନ୍ତ କୁମାର ନାଏକ, ସୁଶାନ୍ତ କୁମାର ନାଏକ, ସୁଶାନ୍ତ ନାଏକ ଓ ଯୁଧିଷ୍ଠିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଭବାନୀପାଟଣା:** ସ୍ଥାନୀୟ ଷ୍ଟାର୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ୮୦ ମିଟର ଲମ୍ବା ଏବଂ ୪ ମିଟର ଚଉଡ଼ାର ଏକ ତ୍ରିରଙ୍ଗା ପତାକାକୁ ଛଅ ଶହରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ ଓ ସେବା ନିବୃତ ଯବାନ ମାନେ ଧରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅଲ୍ ଷ୍ଟାର୍ କ୍ରିକେଟ୍ କ୍ଲବ୍‌ର ସଭାପତି କୁନାଲ ବେହେରା, ଉପ ସଭାପତି ନିହାର ରଞ୍ଜନ ମିଶ୍ର ଓ ସମ୍ପାଦକ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଅପରାହ୍ନରେ ୪ଟାରେ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରୁ ବାହାରି ଗାନ୍ଧୀ ଛକରେ ପହଞ୍ଚିଥିଲା।

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଭବାନୀପାଟଣା ହିଲ୍ ଟାଉନ ସ୍ଥିତ ନୂତନ ଜିଲ୍ଲା କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂଦେଓ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ପୂର୍ବରୁ ବିଜୁ ଜନତା ନଗର କମିଟି ଦ୍ୱାରା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।


**କର୍ଲାମୁଣ୍ଡା:** କର୍ଲାମୁଣ୍ଡା ବ୍ଲକସ୍ତରୀୟ ଉତ୍ସବରେ ବ୍ଲକ ଅଧକ୍ଷା କୁନି ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅରୁଣ ବର୍ଗେ, ଆଇସିଡିଏସ କାର୍ଯ୍ୟାଳୟରେ ସିଡିପିଓ କଳ୍ପଲତା ତ୍ରିପାଠୀ ଜାତୀୟ ପାତାକା ଉତ୍ତୋଳନ କରିଥିଲେ। ସେହିପରି ରିଷିଡା ଠାରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ଉତ୍ସବରେ ସରପଞ୍ଚ ସେବତୀ ରଣା ପତାକା ଉତ୍ତୋଳନ କରିଥିଲେ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଏବଂ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର ପତକା ଉତ୍ତୋଳନ କରିଥିବା ବେଳେ ଲାଞ୍ଜିଗଡ଼ ଯୁବକ ସଂଘ ତରଫରୁ ଲାଞ୍ଜିଗଡ଼ ହାଇସ୍କୁଲ ଖେଳ ପଡ଼ିଆ ଠାରେ ଲାଞ୍ଜିଗତ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟଧିକାରୀ ଭବାନୀ ଶଙ୍କର ଲେଙ୍କା ପତକା ଉତ୍ତୋଳନ କରିଥିଲେ। ଲାଞ୍ଜିଗଡ଼ ପ୍ରେସ କ୍ଲବ ତରଫରୁ ଲାଞ୍ଜିଗଡ଼ ପ୍ରେସ କ୍ଲବର କାର୍ଯ୍ୟାଳୟ ଠାରେ ସଭାପତି ସୁଶୀଲ କୁମାର ବାଗ ପତକା ଉତ୍ତୋଳନ କରିଥିଲେ।

**ଭବାନୀପାଟଣା:** ଭବାନୀପାଟଣା ସ୍ଥିତ ଜିଲ୍ଲା ସାମ୍ବାଦିକ ଭବନ ପରିସରରେ ବରିଷ୍ଠ ସାମ୍ବାଦିକ ହରଜିନ୍ଦର ସିଂ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନମୋହନ ପ୍ରଧାନ, ଦେବେନ୍ଦ୍ର ବିଶି, ଶୁଭମ୍ ରୋହିଲା, ବିକାଶ ଷଡ଼ଙ୍ଗୀ, ମହମ୍ମଦ ଫିରୋଜ, ସନ୍ତୋଷ ପ୍ରଧାନ ଏବଂ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

## ସଂସଦର ମୌସୁମୀ ଅନୁଭବ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନ ଶାସକ ଓ ବିରୋଧୀ ଦଳ ପାଇଁ ମିଶ୍ର ଫଳାଫଳ ଦେଇଛି। ଅଥଚ ଭାରତର ନାଗରିକଙ୍କ ପାଇଁ ଆଉ ଏକ ନୈରାଶ୍ୟଜନକ ଅନୁଭବ ଆଣିଛି। 'ପିଆରଏସ୍ ଲେଜିସଲେଟିଭ୍ ରିସର୍ଚ୍ଚ' ତଥ୍ୟାନୁଯାୟୀ ଧାର୍ଯ୍ୟ ମୋଟ ୧୧୪ ଘଣ୍ଟାର ଅଧିବେଶନରୁ ଲୋକସଭା ମାତ୍ର ୧୭.୫ ଘଣ୍ଟା ବା ୧୫% ଏବଂ ରାଜ୍ୟସଭା ୩୭.୩୭ ଘଣ୍ଟା ବା ୩୩ ପ୍ରତିଶତ ଚାଲିପାରିଛି। ଅର୍ଥାତ୍ ଲୋକସଭାର ୯୬.୫ ଘଣ୍ଟା ଏବଂ ରାଜ୍ୟସଭାର ୭୬.୬ ଘଣ୍ଟାର ବହୁମୂଲ୍ୟ ସମୟ ଅପଚୟ ହୋଇଛି। ଲୋକସଭା ସଚିବାଳୟ ଦ୍ୱାରା ୨୦୧୨ରେ କରାଯାଇଥିବା ଏକ ଆନୁମାନିକ ଆକଳନ ଅନୁଯାୟୀ ପ୍ରତି ଗୃହ ପାଇଁ ମିନିଟ୍ ପିଛା ୧.୨୫ ଲକ୍ଷ ଟଙ୍କା ରାଜକୋଷରୁ ଅର୍ଥାତ୍ ଭାରତୀୟ ଟିକସଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଏହି ଆଧାରରେ ହିସାବ କଲେ ସଦ୍ୟସମାପ୍ତ ଅଧିବେଶନରେ ଉଭୟ ଗୃହରେ ଅସ୍ୱାଭାବିକ ହୋଇଥିବା ମୋଟ ୧୭୩.୧ ଘଣ୍ଟା ପାଇଁ ୧୩୦ କୋଟି ଟଙ୍କା ଅପଚୟ ହୋଇଛି। ଆଜିର ଦିନରେ ହିସାବ କଲେ ଏହି ଖର୍ଚ୍ଚ ଆହୁରି ଅଧିକ ହୋଇପାରେ। ଏହାଦ୍ୱାରା ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ ବାତିଲ୍ ହୋଇଯିବା ଫଳରେ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ କରାଯାଇପାରି ନାହିଁ। କେତେକ ବିଧେୟକ ବିନା ଆଲୋଚନାରେ ଏବଂ କେତେକ ବିଲ୍ ଯତ୍‌କିଞ୍ଚିତ ଆଲୋଚନାରେ ପାରିତ ହୋଇଗଲା। ଏହା ସାମଗ୍ରିକ ଭାବେ ସଂସଦୀୟ ଗଣତନ୍ତ୍ର ପ୍ରତି ଶୁଭସଙ୍କେତ ନୁହେଁ।

ସଂସଦରେ ବିରୋଧାଭାସ ସ୍ୱାଭାବିକ। କିନ୍ତୁ ଏହା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଭାବରେ ହେବା ଉଚିତ। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। କିନ୍ତୁ ଏହି ଦାୟିତ୍ୱ ନିଜ ଉପରକୁ ନେବାକୁ କୌଣସି ପକ୍ଷ ପ୍ରସ୍ତୁତ ନଥିବାରୁ ଏଭଳି ଅବାଞ୍ଛିତ ଅଧ୍ୟାୟମାନ ସଂସଦୀୟ ଗଣତାନ୍ତ୍ରିକ ଇତିହାସର ପୃଷ୍ଠା ମଣ୍ଡନ କରୁଛି। ଭୋଟଦାତାଙ୍କ ପାଇଁ ଗତ ମୌସୁମୀ ଅଧିବେଶନ ହତାଶା ହେବା ପଛରେ ମୁଖ୍ୟ କାରଣ ଥିଲା ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ୍‌ର ଅନୈତିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ। ଏହାକୁ କେନ୍ଦ୍ର କରି ବିରୋଧୀ ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ଓ ଇସ୍ତଫା ଦାବି କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଦୀର୍ଘଦିନ ଧରି ଗୃହରେ ଅନୁପସ୍ଥିତ ରହିଲେ। ଏହା ବିରୋଧୀଙ୍କୁ ଆହୁରି ବଳ ଯୋଗାଇଲା। ଅଧିବେଶନର ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୃହରେ ଉପସ୍ଥିତି ଓ ଇସ୍ତଫା ଦାବି କରି ବିରୋଧୀ ଦଳ ଉଭୟ ଗୃହକୁ ଅଚଳ କରିଦେଲେ। ଶେଷପର୍ଯ୍ୟାୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ୨୪ ଘଣ୍ଟିଆ ବିବୃତ୍ତି ପ୍ରସ୍ତାବକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କଲେ। ତେଣୁ ଶେଷ ଦିନରେ ଗୃହ ମାତ୍ର ୧ ମିନିଟ୍ ଚାଲିପାରିଲା। କିନ୍ତୁ ଏଥିପାଇଁ ଉଭୟେ ଉଭୟଙ୍କ ଉପରେ ଦୋଷ ଲଦିବାରେ ଅବହେଳା କଲେ ନାହିଁ।

ଅଧିବେଶନ ସମାପ୍ତ ପରେ ଉଭୟ ଶାସକ ଓ ବିରୋଧୀ ଦଳ କ'ଣ ପାଇଲେ କ'ଣ ହରାଇଲେ ତାହାକୁ ନେଇ ହିସାବ ନିକାସ କରୁଥିବେ। ଶାସକ ଦଳ ଏଥର ପୁଣି ଥରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ବିଧେୟକକୁ ମିଳିତ ଭାବେ ଉପସ୍ଥାପନ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଯୋଜନାରେ ଥିଲେ। କିନ୍ତୁ ସିଜେପି ଆନ୍ଦୋଳନ ବିରୋଧୀ ପକ୍ଷକୁ ବଳ ଯୋଗାଇଲା ଏବଂ କ୍ରମାଗତ ବିରୋଧ ସରକାରଙ୍କ ଏହି ଯୋଜନାକୁ ଭଣ୍ଡୁର କରିଦେଲା। ଶାସକ ଦଳ ପାଇଁ ଏହା ସବୁଠାରୁ ବଡ଼ ବିଫଳତା ଭାବେ ଗଣାଯାଉଛି। ଏଥିସହିତ ବିରୋଧୀ ଓ ଜନତାଙ୍କ ଦାବି ଆଗରେ ମୁଣ୍ଡନୁଆଁଇ କେନ୍ଦ୍ର ମନ୍ତ୍ରିପରିଷଦର ଜଣେ ସଦସ୍ୟଙ୍କୁ ଏହି ଅଧିବେଶନ କାଳରେ ହିଁ ଇସ୍ତଫା ଦେବାକୁ ପଡ଼ିଲା। ଗତ ବାର ବର୍ଷ ଭିତରେ ଏହା ସରକାରଙ୍କ ପାଇଁ ଆଉ ଏକ ବଡ଼ ପରାଭବ ଭାବେ ରାଜନୈତିକ ବିଶାରଦମାନେ ଚିତ୍ରିତ କରୁଛନ୍ତି। ଅପରପକ୍ଷରେ ଯଦି ଏହି ବିଧେୟକ ଉପସ୍ଥାପିତ ହୋଇଥା'ନ୍ତା ତେବେ ବିରୋଧୀ ଦଳର ନୈତିକ ଓ ରାଜନୈତିକ ପରାଜୟ ହୋଇଥା'ନ୍ତା। ତେଣୁ ହଟ୍ଟଗୋଳ ଜରିଆରେ କୌଣସିମତେ ଉକ୍ତ ବିତର୍କିତ ଓ ବିବାଦୀୟ ବିଧେୟକକୁ ଉପସ୍ଥାପନ ନ କରିବା ପାଇଁ ବିରୋଧୀ ଦଳ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହେଲେ।

ଏସବୁ ରାଜନୈତିକ ସଫଳତା-ବିଫଳତା, ହାର-ଜିତ ପ୍ରଶ୍ନର ଊର୍ଦ୍ଧ୍ୱରେ ଦେଶର ଭୋଟର, କରଦାତା ଓ ଜନସାଧାରଣ ପ୍ରଭୂତ କ୍ଷତି ସହିଲେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକଟି ବିନା ସମ୍ୟକ ଆଲୋଚନାରେ ଉଭୟ ଗୃହରେ ପାରିତ ହୋଇଯିବା ଫଳରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ଖଣିଜ ସମୃଦ୍ଧ ଗରିବ ରାଜ୍ୟମାନେ ବିପୁଳ ରାଜସ୍ୱ ହରାଇବା ନିଶ୍ଚିତ ହୋଇଗଲା। ମୌଳିକ ଅଧିକାର ସମ୍ବନ୍ଧିତ ଦେଶବାସୀଙ୍କ ହଜାର ହଜାର ସମସ୍ୟା ରହିଛି। ଜଳବାୟୁ ପରିବର୍ତ୍ତନ, ବନ୍ୟା ନିୟନ୍ତ୍ରଣ, ପ୍ରଦୂଷଣ ନିରାକରଣ ଭଳି ଆହ୍ୱାନମାନ ଦେଶ ଆଗରେ ରହିଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଧୋଗତି ଘଟିଚାଲିଛି। ଆମେରିକା ବାରମ୍ବାର ଆମ ବାଣିଜ୍ୟ ନୀତି ଓ ସାର୍ବଭୌମତ୍ୱକୁ ବଶମ୍ବଦ କରିବାକୁ ପ୍ରୟାସ କରିଚାଲିଛି। ପଶ୍ଚିମ ଏସିଆରେ ନୂଆ ସାମରିକ ମେଣ୍ଟ ଭାରତର ପ୍ରତିରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ପ୍ରସଙ୍ଗଗୁଡ଼ିକୁ ଅଧିକ ଶାଣିତ ଢଙ୍ଗରେ ଉତ୍ଥାପନ କରି ଶାସକ ଦଳକୁ ଉତ୍ତରଦାୟୀ କରିବା ଆବଶ୍ୟକ ଥିଲା। ଶାସକ ଦଳ ବା ସରକାରଙ୍କୁ ଛନ୍ଦିବା ପାଇଁ ପ୍ରଶ୍ନ ହିଁ ବିରୋଧୀ ଦଳର ଅମୋଘ ଅସ୍ତ୍ର। କକ୍ଷତ୍ୟାଗ, ମୁଲତବୀ ଆଦି ତାଳିପକା ଉଦ୍ୟମ; ଏଥିରେ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବ ନାହିଁ। ଶାସକ ଦଳ ମଧ୍ୟ ସଂସଦୀୟ କାର୍ଯ୍ୟାବଳୀକୁ ସୁସଂହତ ଓ ଶୃଙ୍ଖଳିତ କରିବା ଆବଶ୍ୟକ ଥିଲା। ସର୍ବୋପରି ବିରୋଧୀ ଦଳକୁ ବିଶ୍ୱାସକୁ ନେଇଥିଲେ ସଂସଦର ମୌସୁମୀ ଅଧିବେଶନ ଗଣତନ୍ତ୍ର ପ୍ରତି ଅଧିକ ହିତକର ଏବଂ ଭାରତର ନାଗରିକଙ୍କ ପ୍ରତି ଅଧିକ ଆଶ୍ୱସ୍ତିକର ହୋଇଥା'ନ୍ତା।

# ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା

ଡ ପଦ୍ମଲୋଚନ ରାଉତ



୨୦୪୭ ମସିହା ଭାରତର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତିର ବର୍ଷ। ଏହି ସମୟ ସୁଦ୍ଧା ଭାରତକୁ ଏକ ବିକଶିତ, ସମୃଦ୍ଧ, ସ୍ୱାବଲମ୍ବୀ ଏବଂ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ସାକାର କରିବାରେ ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଦେଶର ଯୁବପିଢ଼ି। ଆଜିର ଯୁବକ-ଯୁବତୀମାନେ କେବଳ ଆଗାମୀ ଦିନର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ପରିବର୍ତ୍ତନର ପ୍ରମୁଖ ବାହକ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ ଏବଂ ଲକ୍ଷ୍ୟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଅଟକି ରୁହ ନାହିଁ।' ଏହି ବାଣୀ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ଯଦି ଯୁବସମାଜ ଜ୍ଞାନ, ଦକ୍ଷତା, ନୈତିକତା ଏବଂ ଦେଶପ୍ରେମକୁ ନିଜର ଆଦର୍ଶ କରି ଆଗେଇ ଯାଆନ୍ତି, ତେବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ।

ବିକଶିତ ଭାରତ ୨୦୪୭ର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଆର୍ଥିକ ଭାବେ ସମୃଦ୍ଧ, ବୈଜ୍ଞାନିକ ଭାବେ ଅଗ୍ରଣୀ, ସାମାଜିକ ଭାବେ ସମତାଭିତ୍ତିକ ଏବଂ ସାଂସ୍କୃତିକ ଭାବେ ସଶକ୍ତ ରାଷ୍ଟ୍ରରେ ପରିଣତ କରିବା। ୨୦୪୭ ମସିହାରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ ଏପରି ଏକ ଭାରତ ଗଢ଼ିବାର ସଂକଳ୍ପ ରହିଛି, ଯେଉଁଠାରେ ପ୍ରତ୍ୟେକ ନାଗରିକ ଉନ୍ନତ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ, ଆଧୁନିକ ଭିତ୍ତିଭୂମି, ପରିଷ୍କାର ପରିବେଶ ଏବଂ ସମାନ ସୁଯୋଗ ପାଇବେ। ଏହି ଲକ୍ଷ୍ୟ କେବଳ ସରକାରଙ୍କର ନୁହେଁ; ପ୍ରତ୍ୟେକ ନାଗରିକ, ବିଶେଷକରି ଯୁବପିଢ଼ିର ସକ୍ରିୟ ଅଂଶଗ୍ରହଣ ଏହାର ସଫଳତାର ଚାବିକାଠି। କୌଣସି ଦେଶର ବିକାଶର ମୂଳଦୁଆ ହେଉଛି ଗୁଣାତ୍ମକ ଶିକ୍ଷା ଏବଂ କୌଶଳ ବିକାଶ। ଆଜିର ଯୁଗରେ କେବଳ ଡିଗ୍ରୀ ନୁହେଁ; ବରଂ ଜ୍ଞାନ, ଦକ୍ଷତା, ସୃଜନଶୀଳତା, ନବସୃଜନ ଏବଂ ସମସ୍ୟା ସମାଧାନର କ୍ଷମତା ଅତ୍ୟନ୍ତ ଆବଶ୍ୟକ। ଯଦି ଯୁବପିଢ଼ିକୁ ଆଧୁନିକ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ, ଡିଜିଟାଲ୍ କୌଶଳ ଏବଂ ଉଦ୍ୟୋଗୀ ମନୋଭାବ ସହିତ ସଶକ୍ତ କରାଯାଏ, ତେବେ ସେମାନେ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ତେଣୁ ଶିକ୍ଷା ଓ କୌଶଳ ବିକାଶ ହିଁ ବିକଶିତ ଭାରତ ୨୦୪୭ର ସବୁଠାରୁ ଦୃଢ଼ ଭିତ୍ତି।

ବିକଶିତ ଭାରତ ୨୦୪୭ କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏହି ସ୍ୱପ୍ନର ପ୍ରଥମ ଦିଗ ହେଉଛି ଆର୍ଥିକ ସମୃଦ୍ଧି। ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବା ସହିତ ଶିଳ୍ପ, କୃଷି, ସେବା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ। ଏହାଦ୍ୱାରା ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଦାରିଦ୍ର୍ୟ ହ୍ରାସ ପାଇବ। ଦ୍ୱିତୀୟ ଦିଗ ହେଉଛି ସାମାଜିକ ବିକାଶ। ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିରାପଦ ପାନୀୟ ଜଳ, ସ୍ୱଚ୍ଛତା ଏବଂ ସମାନ ସୁଯୋଗ ମିଳିବା ଆବଶ୍ୟକ। ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଲେ ହିଁ ପ୍ରକୃତ ବିକାଶ ସମ୍ଭବ। ତୃତୀୟ ଦିଗ ହେଉଛି ପ୍ରଯୁକ୍ତି ଓ ନବସୃଜନ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମହାକାଶ ବିଜ୍ଞାନ, ଡିଜିଟାଲ୍ ପ୍ରଯୁକ୍ତି, ଜୈବ ପ୍ରଯୁକ୍ତି ଏବଂ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ଦେବା ଆବଶ୍ୟକ। ନବସୃଜନ ହିଁ ଭବିଷ୍ୟତର ଅର୍ଥନୀତିର ମୂଳ ଆଧାର ହେବ। ଚତୁର୍ଥ ଦିଗ ହେଉଛି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ। ବିକାଶ ସହିତ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ସ୍ୱଚ୍ଛ ଶକ୍ତିର ବ୍ୟବହାର, ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦ୍ୱାରା ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭାରତ ଗଢ଼ାଯାଇପାରିବ।

ଶେଷରେ, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟକୁ ସଚେତନତାର ସହିତ ପାଳନ କରିବେ ଏବଂ ଦେଶହିତକୁ ସର୍ବୋପରି ସ୍ଥାନ ଦେବେ। ବିଶେଷକରି ଯୁବପିଢ଼ି ନିଜର ଜ୍ଞାନ, ଶକ୍ତି ଏବଂ ସୃଜନଶୀଳତା ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିପାରିବେ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ, ସେହି ଦେଶ ସେତେ ଦ୍ରୁତ ଅଗ୍ରଗତି କରେ। ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ କେବଳ ପୁସ୍ତକଗତ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ; ବ୍ୟବହାରିକ ଜ୍ଞାନ, ବୈଷୟିକ କୌଶଳ, ନୈତିକ ଶିକ୍ଷା ଏବଂ ନବସୃଜନର ମନୋଭାବ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆଜିର ବିଶ୍ୱ ଦ୍ରୁତଗତିରେ ବଦଳୁଛି। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡାଟା ସାଇନ୍ସ, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ପ୍ରଯୁକ୍ତି ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରୁଛି। ତେଣୁ ଯୁବପିଢ଼ିଙ୍କୁ ସମୟୋପଯୋଗୀ କୌଶଳରେ ପ୍ରଶିକ୍ଷିତ କରିବା ଅତ୍ୟନ୍ତ ଆବଶ୍ୟକ। କୌଶଳ ବିକାଶର ଅର୍ଥ କେବଳ ଚାକିରି ପାଇବା ନୁହେଁ; ବରଂ ନିଜେ ଉଦ୍ୟୋଗୀ ହେବା, ନୂତନ ଉଦ୍ୟମ ଆରମ୍ଭ କରିବା ଏବଂ ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା। ଷ୍ଟାର୍ଟଅପ୍, ଡିଜିଟାଲ୍ ଉଦ୍ୟୋଗ ଏବଂ ନବସୃଜନ ମାଧ୍ୟମରେ ଯୁବକମାନେ ଭାରତର ଅର୍ଥନୀତିକୁ ନୂଆ ଦିଗ ଦେଇପାରିବେ। ଏହା ସହିତ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜୀବିକା ଅର୍ଜନ ନୁହେଁ; ଏହା ଜଣେ ଉତ୍ତମ ନାଗରିକ ସୃଷ୍ଟି କରିବା। ସତ୍ୟନିଷ୍ଠା, ଶୃଙ୍ଖଳା, ଦେଶପ୍ରେମ, ସହାନୁଭୂତି ଏବଂ ସାମାଜିକ ଦାୟିତ୍ୱ ଭଳି ଗୁଣ ଶିକ୍ଷା ମାଧ୍ୟମରେ ବିକଶିତ ହୁଏ। ଏହି ମୂଲ୍ୟବୋଧ ସମ୍ପନ୍ନ ଯୁବପିଢ଼ି ହିଁ ବିକଶିତ ଭାରତର ସତ୍ୟ ସ୍ଥପତି ହୋଇପାରିବେ। ତେଣୁ କୁହାଯାଇପାରେ ଯେ, ଶିକ୍ଷା ଓ କୌଶଳ ବିକାଶ ହେଉଛି ବିକଶିତ ଭାରତ ୨୦୪୭ର ଦୁଇଟି ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ। ଯେଉଁ ଦେଶର ଯୁବପିଢ଼ି ଶିକ୍ଷିତ, ଦକ୍ଷ, ଚରିତ୍ରବାନ ଏବଂ ଆତ୍ମବିଶ୍ୱାସୀ, ସେହି ଦେଶ ବିଶ୍ୱରେ ନେତୃତ୍ୱ ନେବାକୁ ସକ୍ଷମ ହୁଏ।

ଶେଷରେ ମୁଁ ଏତିକି କହିବାକୁ ଚାହେଁ ଯେ, ବିକଶିତ ଭାରତ ୨୦୪୭ କେବଳ ଏକ ସ୍ୱପ୍ନ ନୁହେଁ; ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ଓ ସାମୂହିକ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ପୂରଣ ପାଇଁ ଯୁବପିଢ଼ି ହେଉଛି ସବୁଠାରୁ ବଡ଼ ଶକ୍ତି। ଆଜିର ଯୁବମାନେ ହିଁ ଆସନ୍ତାକାଲିର ଭାରତର ନିର୍ମାତା। ଆମର ଗୌରବମୟ ପରମ୍ପରା, ମହାନ ସଂସ୍କୃତି ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶରୁ ପ୍ରେରଣା ନେଇ ଯୁବପିଢ଼ିକୁ ଜ୍ଞାନ, କୌଶଳ, ନୈତିକତା ଓ ଦେଶପ୍ରେମର ସହିତ ଆଗକୁ ବଢ଼ିବାକୁ ହେବ। କେବଳ ସମସ୍ୟାକୁ ଦେଖିବା ନୁହେଁ, ବରଂ ସମାଧାନର ଅଂଶ ହେବାକୁ ହେବ। ନିଜର ସ୍ୱପ୍ନକୁ ରାଷ୍ଟ୍ରର ସ୍ୱପ୍ନ ସହିତ ଯୋଡ଼ିବାକୁ ହେବ।

ବିକଶିତ ଭାରତ ଗଠନ ପାଇଁ ଆମକୁ ଏପରି ଯୁବଶକ୍ତି ଆବଶ୍ୟକ, ଯେଉଁମାନେ ବିଜ୍ଞାନରେ ଆଧୁନିକ, ଚିନ୍ତାଧାରାରେ ସକାରାତ୍ମକ, ଆଚରଣରେ ନୈତିକ ଓ କାର୍ଯ୍ୟରେ ନିଷ୍ଠାବାନ ହେବେ। ଯେଉଁ ଯୁବମାନେ ନିଜର ଅଧିକାର ସହିତ ନିଜର କର୍ତ୍ତବ୍ୟକୁ ମଧ୍ୟ ବୁଝିବେ, ସେମାନେ ହିଁ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିପାରିବେ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ଏପରି ଭାରତ ଗଢ଼ିବାର ସଂକଳ୍ପ ନେବା, ଯେଉଁ ଭାରତ ଜ୍ଞାନରେ ସମୃଦ୍ଧ, ବିଜ୍ଞାନରେ ଶକ୍ତିଶାଳୀ, ସଂସ୍କୃତିରେ ଗୌରବମୟ, ନୈତିକତାରେ ଉଚ୍ଚ ଏବଂ ବିଶ୍ୱକୁ ମାର୍ଗଦର୍ଶନ ଦେବାରେ ସକ୍ଷମ ହେବ।

ଜୟହିନ୍ଦ। ଜୟ ଭାରତ।

(ଆସୋସିଏଟ୍ ପ୍ରଫେସର୍)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

# ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର

ହିଫଜୁର ରହେମାନ୍

ଆଜିକାଲି ସକାଳ ହେଉ କି ସନ୍ଧ୍ୟାରେ ପାର୍କରେ ପ୍ରବଳ ଭିଡ଼। କିଏ ବ୍ୟାୟାମ କରିବାକୁ ଯାଉଛନ୍ତି ତ ଆଉ କିଏ ପିଲାମାନଙ୍କୁ ଧରି ବୁଲାବୁଲି କରିବାକୁ ଯାଉଛନ୍ତି। କେହି କେହି ଟାଇମ ପାସ୍ କରିବାକୁ ବି ଯାଆନ୍ତି। କିନ୍ତୁ ଆଉ ଗୋଟିଏ ବର୍ଗର ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେମାନେ ବ୍ୟାୟାମ କରନ୍ତି ନାହିଁ କି ଚଲାଚଲି କରନ୍ତି ନାହିଁ। ସେମାନେ ପାର୍କର କେଉଁ ଗୋଟିଏ କୋଣରେ ମେଳି କରି ଗପସପ କରନ୍ତି। ଗପସପ ମାନେ ଯାଡୁ ସିଆଡୁ ନୁହେଁ, ଏକଦମ୍ ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି। ଏମାନେ ହେଉଛନ୍ତି ସିନିଅର ସିଟିଜନ। ସେମାନଙ୍କ ମଧ୍ୟରେ ଅଛନ୍ତି ଚାକିରିରୁ ଅବସର ନେଇଥିବା ଅଫିସର, କର୍ମଚାରୀ ଏବଂ କିଛି ବ୍ୟବସାୟୀ ଓ ସାମାଜିକ କର୍ମୀ।

ସେଦିନ ରବିବାର ହୋଇଥାଏ। ଅପରାହ୍ନ ସମୟ। ରାଜଧାନୀର ଗୋଟିଏ ପାର୍କରେ ଭାରି ଭିଡ଼। ପାର୍କର ଗୋଟିଏ କୋଣରେ ୧୦ରୁ ୧୫ ଜଣ ସିନିଅର ସିଟିଜନ ବସି କୌଣସି ଏକ ପ୍ରସଙ୍ଗରେ ସରଗରମ ଆଲୋଚନା କରୁଥାଆନ୍ତି। ପ୍ରତିଦିନ ଖବରକାଗଜରେ ବାହାରୁଥିବା ବିଭିନ୍ନ ଖବର ଉପରେ ଚର୍ଚ୍ଚା ଆଲୋଚନା କରନ୍ତି। ସେଦିନ ଆଲୋଚନାର ବିଷୟବସ୍ତୁ ଥିଲା ଦୁର୍ନୀତି। ଦୁର୍ନୀତି ଓ ଦୁର୍ନୀତିଖୋର ବାବୁମାନଙ୍କୁ ମୃଦୁଭାଷାରେ ଗାଲିଗୁଲଜ କରି ଯିଏ ଯେମିତି ପାରିଲା ବର୍ଷିବାକୁ ଲାଗିଲା। ନିଷ୍ଠୁର, ଚୋର, ଡକାୟତ, ଅମଣିଷ, ଅଲାଜୁକ, ସମାଜ ପାଇଁ କଳଙ୍କ...। ଏମାନଙ୍କ ଯୋଗୁଁ ସମାଜ ନଷ୍ଟ ହେଉଛି। ଘର ସଂସାର ଉଜୁଡ଼ି ଯାଉଛି। ପରିବାରରେ ଅଶାନ୍ତି ଲାଗି ରହୁଛି। ଝିଅ ବାହା ହୋଇପାରୁ ନାହାନ୍ତି। ବୁଢ଼ାବୁଢ଼ୀଙ୍କୁ ଭତ୍ତା ମିଳୁନି। ଅବସର ପରେ ବି ପେନସନ୍ ପାଇବା ଲାଗି ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡୁଛି। କୋଡ଼ିଏ ତିରିଶ ହଜାର ଟଙ୍କା ଦରମାରେ ଚାକିରି କରି କୋଟି କୋଟି ଟଙ୍କାର ସଂପତ୍ତି ଠୁଳ କରୁଛନ୍ତି। ଘରୁ ନଗଦ କୋଟି କୋଟି ଟଙ୍କା ଓ ସୁନାଗହଣା ମିଳୁଛି। ଏତେ ଟଙ୍କା ମିଳୁଛି ଯେ ମେସିନ ବି ଗଣିପାରୁ ନାହିଁ। ବିଭିନ୍ନ ସ୍ଥାନରେ ଜାଗାବାଡ଼ି ଓ କୋଠା କରି ମାଲାମାଲ। ଭିଜିଲାନ୍ସ ସେମାନଙ୍କୁ ଧରୁଛି। କିଛିମାସ ପରେ ପୁଣି ଜେଲରୁ ବାହାରି ଚାକିରି ପାଇଯାଉଛନ୍ତି। ଏମାନେ ସୁଧୁରିବେ ନାହିଁ। ଏମାନେ ଆତଙ୍କବାଦୀଙ୍କ ଠାରୁ ବି ଭୟଙ୍କର। ସେମାନେ ହେଉଛନ୍ତି ଦେଶଦ୍ରୋହୀ। ପୁଲିସ ସେମାନଙ୍କୁ ଏନକାଉଣ୍ଟର କରିବା ଦରକାର। ରାସ୍ତାରେ ଲଙ୍ଗଳା କରି ଚଳାଇବା ଦରକାର। ତା'ପରେ ଯାଇ ଏମାନେ ସାବାଡ଼୍ ହେବେ।



ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର କଥାକୁ ନେଇ ସେମାନେ ଦୁଇ ଗୋଷ୍ଠୀ ହୋଇଗଲେ। ଗୋଟିଏ ଗୋଷ୍ଠୀ ତାଳି ମାରି ଏହାକୁ ସମର୍ଥନ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ଏହାର ବିରୋଧ କରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତି ଜଣକ ଏନ୍‌କାଉଣ୍ଟର କଥା ଉଠାଇଲେ, ସେ ତା'ର କାରଣ ବି ଦର୍ଶାଇଲେ। ଡାକ୍ତରଖାନାରେ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ କେମିତି ଦହଗଞ୍ଜ ହେବାକୁ ପଡୁଛି, ତାହାର ଗୋଟି ଗୋଟି କରି ଗଣତି କରିଥିଲେ। ତାଙ୍କର ଯୁକ୍ତି ଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ।

ଏଭଳି ଲାଞ୍ଚୁଆଙ୍କ ସଂପର୍କରେ ପ୍ରତିଦିନ ଖବରକାଗଜମାନଙ୍କରେ ଖବର ବାହାରୁଛି। ଏହା ଲୋକମାନଙ୍କ ପାଇଁ ଦେହସୁହା ହୋଇଗଲାଣି ଏବଂ ଲାଞ୍ଚୁଆମାନଙ୍କୁ ବି ଫରକ ପଡୁନି। କିନ୍ତୁ ସେମାନଙ୍କ ଯୋଗୁଁ ଦେଶର ଭାବମୂର୍ତ୍ତି ବିଶ୍ୱସ୍ତରରେ ତଳ ତଳକୁ ଖସି ଚାଲିଛି। ଟ୍ରାନପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ ୨୦୨୫ରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ଥିଲା ୯୧। ୧୮୨ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ୧୦୦ ମାର୍କରୁ ଭାରତକୁ ମିଳିଛି ୩୯। ଆମ ରାଜ୍ୟରେ ମଧ୍ୟ ଦୁର୍ନୀତିର ଚେର ଚାରିଆଡ଼େ ମାଡ଼ିଗଲାଣି। ପ୍ରତିଦିନ ଭିଜିଲାନ୍ସ ଟିମ୍ ଚଢ଼ଉ କରି ନାକେଦମ। ଯେତେ ଚଢ଼ଉ ହେଉଛି, ଦୁର୍ନୀତି ସେତେ ବଢ଼ି ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ ଜାନୁଆରୀ ୨୦୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ବିରୋଧରେ ୪୧୬ଟି ମାମଲା ଧରାପଡ଼ିଥିଲା।

ତେବେ ରାଜ୍ୟରେ ଭିଜିଲାନ୍ସ ଇତିହାସରେ ଯେଉଁ କଥାଟି ସବୁଠାରୁ ବେଶି ଆଲୋଡ଼ନ ସୃଷ୍ଟି କରିଛି, ତାହାହେଲା ଜଣେ ସରକାରୀ ଅଧିକାରୀଙ୍କ ଘରୁ ୪ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହେବା ଘଟଣା। ଏହି କରିତକର୍ମା ଅଫିସର ଜଣକ ହେଉଛନ୍ତି ଖଣି ବିଭାଗର ଜଣେ ଡେପୁଟି ଡାଇରେକ୍ଟର। ଗତ ଫେବୃଆରୀ ମାସର କଥା। ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା। ଏହି ଟଙ୍କାକୁ ଏକାଧିକ ଟ୍ରଲି ବ୍ୟାଗ ଏବଂ ପଲିଥିନ ପ୍ୟାକେଟରେ ଲୁଚାଇ ରଖାଯାଇଥିଲା। ଘର ଭିତରୁ ଏତେ ପରିମାଣର ଟଙ୍କା ମିଳିବା ଥିଲା ଭିଜିଲାନ୍ସ ଇତିହାସରେ ପ୍ରଥମ ଘଟଣା। କୁହାଯାଉଛି ଯେ ୨୨ ବର୍ଷ ପୂର୍ବେ ମାସିକ ୮ ହଜାର ଟଙ୍କା ଦରମାରେ ସେ କୁଆଡ଼େ ଚାକିରି ଆରମ୍ଭ କରିଥିଲେ। ଏହି ଖବର ସେତେବେଳେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଭଳି ଲାଞ୍ଚୁଆ ଅଧିକାରୀଙ୍କୁ ନେଇ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଥିଲା। ଲୋକମାନଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ହଡ଼ପ କରୁଥିବା ଏଭଳି ଦୁର୍ନୀତିଖୋରଙ୍କୁ ପାନେ ଦେବା ପାଇଁ ସରକାର ଏମିତି କଠୋର ଆଇନ ଆଣନ୍ତୁ ଯେ ଭବିଷ୍ୟତରେ ଅନ୍ୟମାନେ ଲାଞ୍ଚ ନେବାକୁ ଭୟ କରିବେ। ଏନକାଉଣ୍ଟର କ'ଣ, ଏମାନଙ୍କୁ ଫାଶୀଦଣ୍ଡ ମିଳିଲେ ବି କମ୍।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

# ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

## କେନ୍ଦୁ
(Coromandel ebony or East Indian ebony- Diospyros melanoxylon)

ପ୍ରକୃତି-ପରିବେଶ

କେନ୍ଦୁ ଇବୋନି କିମ୍ବା ପୂର୍ବ ଭାରତୀୟ ଇବୋନି, ଭାରତ ଓ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଏକ ମଧ୍ୟମ ଆକାରର ବୃକ୍ଷ, ଯାହା୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଏବଂ ଶାଖାଗୁଡ଼ିକ ଲୋମଶ, ରଙ୍ଗ ବାଦାମୀ ହଳଦିଆ। ଏହାର ଶୁଷ୍କ ଛାଲି କଠିନ, ଧୂସର ରଙ୍ଗର, ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଲମ୍ବା। ଫୁଲଗୁଡ଼ିକ ଫିକା ନୀଳଲୋହିତ ରଙ୍ଗର। ଫଳଟିର ବାହ୍ୟ ଆବରଣ ନୀଳ-ସବୁଜ ଏବଂ ଭିତରେ ଏହା ହଳଦିଆ। ଫୁଲ ଓ ଫଳ ଧରିଥାଏ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ। ଫଳଗୁଡ଼ିକ ମଣିଷ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟଯୋଗ୍ୟ, ବିଶେଷକରି ବାଦୁଡ଼ି ଓ ହର୍ଣ୍ଣବିଲ୍ ବା ଗେଣ୍ଡାଳିଆ ଜାତୀୟ ପକ୍ଷୀ ସମୂହ ଏହି ଫଳ ଅଧିକ ଖାଇଥା'ନ୍ତି।

କେନ୍ଦୁ ଗଛକୁ ଆୟୁର୍ବେଦ ଓ ୟୁନାନୀ ଶାସ୍ତ୍ରରେ ଲିପିବଦ୍ଧ କରାଯାଇଛି ଏବଂ ବିଭିନ୍ନ ରୋଗରେ ଏହାର ବହୁମୁଖୀ ବ୍ୟବହାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି। ଏହାକୁ ଭାରତୀୟ ପାରମ୍ପରିକ ଔଷଧରେ ବହୁଳ ଭାବରେ ଡାଇରିଆ, କଲେରା, ଡିସେଣ୍ଟେରୀ, ଛାଡ଼ି ଛାଡ଼ି ହେଉଥିବା ଜ୍ୱର, ରକ୍ତସ୍ରାବ ମାଢ଼ି, ବ୍ରୋଙ୍କାଇଟିସ୍, କାର୍ବଙ୍କଲ୍ସ, କାଶ, କ୍ରାମ୍ପ, ନିମୋନିଆ, ସିଫିଲିସ୍ ବା ସଂକ୍ରମଣ ଯୌନ ବ୍ୟାଧି, ଟ୍ୟୁମର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। କେନ୍ଦୁ ଫଳରୁ ମଦ ପ୍ରସ୍ତୁତ ହୋଇପାରିବ। ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ବଜାରରେ ଗ୍ରୀଷ୍ମ ଋତୁରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଉପଲବ୍ଧ। ଫଳର ମାଂସଳ ଅଂଶ ହଳଦିଆ, ନରମ, ଅଠାଳିଆ ଓ ମିଠା। ଏହା ଶର୍କରା, ପ୍ରୋଟିନରେ ଭରପୂର ଏବଂ ଏଥିରେ ଭିଟାମିନ୍ ଏ ଓ ସି, ଫାଇବର ବା ତନ୍ତୁ ଏବଂ ବିଶୋଧକ ଶକ୍ତି ରହିଛି। ଫଳର ବି-କ୍ୟାରୋଟିନ୍, ଟେର୍ପେନୋଇଡ୍ସ, ଫ୍ଲେଭାନୋଇଡ୍ସ, ସାପୋନିନ୍ ଓ ଟାନିନ୍ ଭଳି ଅନେକ ଜୈବ ରସାୟନ ବା ଫାଇଲୋକେମିକାଲ୍ସ ଏହାର ପୁଷ୍ଟିକର ମୂଲ୍ୟକୁ ଲାଭଯୋଗ୍ୟ କରିଥାଏ। ପାଚିଲା ଫଳଗୁଡ଼ିକ ଅଲିଗୋସାକାରାଇଡ୍ସ, ଫ୍ୟୁମାରିକ୍ ଏସିଡ୍, ଗାଲିକ୍ ଏସିଡ ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ମୂଲ୍ୟବାନ ଫ୍ଲାଭୋନ୍ ଥାଏ। ପତ୍ରରେ ମିଳୁଥିବା ପେଣ୍ଟାସାଇକ୍ଲିକ୍ ଟ୍ରାଇଟରପେନ୍ସରେ ଆଣ୍ଟିମାଇକ୍ରୋବାୟଲ୍ ବା ଅଣୁଜୀବ ପ୍ରତିରୋଧୀ ଗୁଣ ଥାଏ; ଛାଲିରେ ଆଣ୍ଟିହାଇପରଗ୍ଲାଇସେମିକ୍ ବା ଉଚ୍ଚ ରକ୍ତଶର୍କରା ନିୟନ୍ତ୍ରଣ ଗୁଣ ସହିତ ଆଣ୍ଟିପ୍ଲାଜମୋଡିଆଲ୍ ପ୍ରଭାବ ଥିବା ଦେଖାଯାଏ, ଯାହା ମଶା ଦେହରେ ଥିବା ମ୍ୟାଲେରିଆ ରୋଗ ଜୀବାଣୁ ପ୍ଲାଜମୋଡିଆମ୍ ଫାଲସିପାରମ୍‌କୁ ନିପାତ କରେ।

ଗ୍ରୀଷ୍ମ ଋତୁରେ ମାଟିରୁ ବାହାରୁଥିବା ସକ୍କର ବା ଶୋଷକ ଦ୍ୱାରା ତାଜା ପତ୍ର ଉତ୍ପାଦନ ହୁଏ। କେନ୍ଦୁ ଗଛ ତଳେ ନିଆଁ ଲଗାଇ ମଧ୍ୟ ଏହାକୁ ବୃଦ୍ଧି କରାଯାଏ। କାଣ୍ଡ ଓ ଡାଳକୁ କାଟିବା ଫଳରେ ଅପେକ୍ଷାକୃତ ବଡ଼ ଏବଂ ପତଳା ପତ୍ର ଉତ୍ପାଦନକୁ ପ୍ରୋତ୍ସାହିତ କରେ, ଯଦିଓ ବାରମ୍ବାର ଏପରି କରିବା ଦ୍ୱାରା ଗଛର ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ତାଜା ପତ୍ରଗୁଡ଼ିକୁ ହାତରେ ବାଛି ପ୍ରାୟ ୧୦ ଦିନ ପାଇଁ ସୂର୍ଯ୍ୟ କିରଣ ରେ ଶୁଖାଯାଏ। ଆଦିବାସୀ ଏବଂ ଅଣ-ଆଦିବାସୀ ସ୍ଥାନୀୟ ଲୋକ କେନ୍ଦୁ ପତ୍ର ତୋଳନ୍ତି, ଯାହା ପାଇଁ ସେମାନେ ଭଲ ପାରିଶ୍ରମିକ ପାଆନ୍ତି। ପତ୍ରଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଭାରତୀୟ ବିଡ଼ି ତିଆରି କରିବା ପାଇଁ ତମାଖୁକୁ ଗୁଡ଼ାଇବା ଲାଗି ବ୍ୟବହାର କରାଯାଏ (ସ୍ଥାନୀୟ ଭାବରେ ଏହାକୁ ପାରମ୍ପରିକ ସିଗାରେଟ୍ ଭାବରେ ବିବେଚନା କରାଯାଏ)। ଏହାର ଘନ, ଗାଢ଼ କାଠ ଏହାର ସ୍ଥାୟିତ୍ୱ ଏବଂ ସୌନ୍ଦର୍ଯ୍ୟ ପାଇଁ ମୂଲ୍ୟବାନ, ଯାହା ଏହାକୁ କାରିଗରମାନଙ୍କ ମଧ୍ୟରେ ଏକ ପ୍ରିୟ କରିଥାଏ। ଝାଡ଼ଖଣ୍ଡ ଓ ଓଡ଼ିଶାର ଆଦିବାସୀମାନେ ହକି ଷ୍ଟିକ୍ ତିଆରି କରିବାରେ ମଧ୍ୟ କେନ୍ଦୁ ଗଛ ବ୍ୟବହାର କରନ୍ତି। ଏହାର ଉଚ୍ଚମାନର କାଠ ଫର୍ଣ୍ଣିଚର ଏବଂ ବାଦ୍ୟଯନ୍ତ୍ର ପାଇଁ ବ୍ୟବହୃତ ହୁଏ।

କେନ୍ଦୁର ସାଂସ୍କୃତିକ ଓ ପୌରାଣିକ ପୃଷ୍ଠଭୂମି ଉପରେ ଉଲ୍ଲେଖ ମଧ୍ୟ ଅଛି। ମୁଣ୍ଡା ଲୋକଙ୍କ ମତରେ, ପ୍ରାଚୀନ ସେଙ୍ଗେଲ ଦେଆ (ଅଗ୍ନି ବର୍ଷା କରିବାର ଏକ ଘଟଣା) ସମୟରେ ସେମାନଙ୍କ ପୂର୍ବପୁରୁଷମାନେ ଏହି ଗଛର ଖୋଳରେ ଆଶ୍ରୟ ନେଇଥିଲେ। ଏହି ଗଛକୁ ସହଜରେ ଦହନଶୀଳ ନୁହେଁ ବୋଲି ବିବେଚନା କରାଯାଏ। ତେଣୁ ଧାନ ରୋପଣ ପରେ ଜନଜାତି ଭବିଷ୍ୟତରେ ସେଙ୍ଗେଲ ଦେଆର ଯେକୌଣସି ଘଟଣାରୁ ଫସଲକୁ ରକ୍ଷା କରିବା ପାଇଁ କ୍ଷେତରେ ଏହାର ଏକ ଡାଳ ଲଗାନ୍ତି। ଗଛର ସ୍ଥାନ ଏବଂ ଉପସ୍ଥିତି ଅନୁସାରେ ଅନେକ ଗ୍ରାମ ନାମକରଣ କରାଯାଇଛି, ଯଥା କେନ୍ଦୁଝର, କେନ୍ଦୁଗୁଡ଼ା, କେନ୍ଦୁପଦର, କେନ୍ଦୁମୁଣ୍ଡା ଇତ୍ୟାଦି।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗାନ୍ଧୀମାର୍ଗରେ ତ୍ରିରଙ୍ଗା ଉଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି

ଭୁବନେଶ୍ୱର,୧୬।୮(ସମିସ): ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଜାତୀୟପତାକାଉତ୍ତୋଳନକରିବା

- ନବମ-ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ବହି
- ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି
- ହଟିବ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବାଧିକ ସୁଯୋଗ ସୀମା



ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବାକୁ ଘୋଷଣା କରିଛନ୍ତି। ଏହାସହ ସରକାରୀ ଚାକିରି ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଥିବା ସର୍ବାଧିକ ୬ଟି ସୁଯୋଗ ସୀମାକୁ ମଧ୍ୟ ହଟାଇ ଦିଆଯିବା ସହ ଆଶାୟୀମାନେ ୪୨ବର୍ଷ ବୟସ ସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇ ପାରିବେ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସୁଧାର ପାଇଁ 'ମିଶନ ପାୱାର' ମାଧ୍ୟମରେ ୨୦୨୭ ଶେଷ ସୁଦ୍ଧା ସବୁ ଗାଁକୁ ସଡ଼କ, ବିଜୁଳି ଓ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ 'କେଜିରୁ ପିଜି' ଶିକ୍ଷାକୁ ସମ୍ପୂର୍ଣ୍ଣ ନିଃଶୁଳ୍କ କରିବା ଦିଗରେ ସରକାର ଆଗେଇ ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ଗତ ଦୁଇ ବର୍ଷରେ ୨୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଉ ୪୫ ହଜାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉପାନ୍ତ ଜିଲ୍ଲାଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଓ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଯାଜପୁର, ତାଳଚେର ଓ କନ୍ଧମାଳରେ ମେଡିକାଲ କଲେଜ ସହ ଆଉ ୪ଟି ଆଧୁନିକ ମେଡିକାଲ କଲେଜ, ୭ଟି ନର୍ସିଂ କଲେଜ, ୩ଟି ଆୟୁର୍ବେଦିକ ଓ ୨ଟି ହୋମିଓପାଥିକ୍ ମେଡିକାଲ କଲେଜ ଖୋଲାଯିବ।

ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍ଖ ଭବନରେ ବିଜେଡି ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ଜାତୀୟ ପତାକା ଉତ୍ତୋଳନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୬।୮(ସମିସ): ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସମୃଦ୍ଧିକୁ ଏକତ୍ରିତ ରଖିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ପୂର୍ଣ୍ଣ ଶଙ୍ଖ ଭବନ ପରିସର ବିଭିନ୍ନ ଦେଶାତ୍ମବୋଧ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବିଧାୟକ, ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳର ଦଳୀୟ ପଦାଧିକାରୀ, ଜନପ୍ରତିନିଧି, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶମାତୃକାର ସ୍ୱାଧୀନତା ପାଇଁ ଜୀବନ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଗ୍ରାମୀ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ତ୍ୟାଗ, ସଂଘର୍ଷ ଓ ବଳିଦାନକୁ ସ୍ମୃତି ଚାରଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତାକୁ ସୁଦୃଢ଼ ରଖିବାକୁ ଉପସ୍ଥିତ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଡ. ସଂଘମିତ୍ର ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁଲତା ଦେଓ, ସୁଦାମ ମାର୍ଣ୍ଡି, ପ୍ରଦୀପ ଅମାତ୍, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ମୁନ୍ନା ଖାନ୍, ପ୍ରଣବ ବଳବନ୍ତରାୟ, ମନ୍ମଥ ରାଉତରାୟ, ରାଜେନ୍ଦ୍ର ସାହୁ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ଗୀତା ବସ୍ତିଆ, ମିନତୀ ବେହେରା, ଦୁର୍ଗା ସାମନ୍ତରାୟ, ରମାରଞ୍ଜନ ବଳିୟାରସିଂହଙ୍କ ସହ ବହୁ ଯୁବ, ଛାତ୍ର, ମହିଳା ଏବଂ ଅନ୍ୟାନ୍ୟ ନେତୃବର୍ଗ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନାଳ ଖୋଳୁଥିବା ବେଳେ...

ଅପରାଧରୁ ମିଳିଥିବା ଧନ କି ନୁହେଁ, ତାହା ନେଇ ତଦନ୍ତ ଚାଲିଛି। ଭଣ୍ଡାରର ପ୍ରକୃତ ମାଲିକ କିଏ ଏବଂ ଏହା ଉପରେ କାହାର ଆଇନଗତ ଅଧିକାର ରହିବ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଭଣ୍ଡାର ମିଳିଥିବାରୁ ଛାତ୍ରଙ୍କୁ ପୁରସ୍କାର ମିଳିବାର ଆଶା ମଧ୍ୟ ରହିଛି।

## ୧୩ ହଜାର ଫୁଟରେ...

ବୃଦ୍ଧି କରିଥିବା ଏହି ତିନି ଯୁବକଙ୍କ ସଫଳତା ସମଗ୍ର ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇପାରିଛି। ଏତେ ସଂଖ୍ୟକ ଡାଇଭର୍ ଗୋଟିଏ ବିମାନରୁ ଏକାଠି ବାହାରିବା ସାଧାରଣତଃ ଅତ୍ୟନ୍ତ ବିରଳ ଅଟେ। ବିଦେଶରେ ରହି ମଧ୍ୟ ଭାରତୀୟ ପତାକାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥିବାରୁ ଏହି ତିନି ଜଣ ପ୍ରବାସୀ ଭାରତୀୟ ସମଗ୍ର ଦେଶର ପ୍ରଶଂସା ଭାଜନ ହୋଇଛନ୍ତି। ଏହି ସଫଳତା ଭାରତୀୟ ସ୍କାଏଡାଇଭିଂ ସମାଜ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

## ଦୁଇ ଦିନ...

୧୮ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ/ ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି। ବର୍ତ୍ତମାନ ସକ୍ରିୟ ଥିବା ଲଘୁଚାପ (୧୫-୧୯ ଅଗଷ୍ଟ) ଆଭ୍ୟନ୍ତରୀଣ ଭାରତକୁ ଅତିକ୍ରମ କରିବା ପରେ ୨୦ ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ। ଏହାପରେ ମୌସୁମୀ ଟ୍ରଫ୍‌ର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁସଂଚାଳନକୁ ବୃଦ୍ଧି କରିବ। ବିଭିନ୍ନ ମଡେଲ୍‌ରୁ ଜଣାପଡୁଛି, ୨୪-୨୬ ଅଗଷ୍ଟ ମଧ୍ୟରେ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଏହା ପ୍ରଭାବରେ ୨୬-୨୮ ରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ସମ୍ଭାବ୍ୟ ନୂତନ ଲଘୁଚାପଟି ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ଗତି କରିବାର ପ୍ରାରମ୍ଭିକ ସଙ୍କେତ ରହିଛି, ଯାହା ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଏବଂ ସଂଲଗ୍ନ ଉପକୂଳ ଅଞ୍ଚଳକୁ ମୁଖ୍ୟତଃ ପ୍ରଭାବିତ କରିପାରେ। ଏହା ପ୍ରଭାବରେ ୨୫ ରୁ ୨୯ ଅଗଷ୍ଟ ମଧ୍ୟରେ ରାଜ୍ୟରେ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନର ନୂତନ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାର ପ୍ରଭାବରେ ୧୬ ରୁ ୧୯ ଅଗଷ୍ଟ ମଧ୍ୟରେ ଉପକୂଳ, କେନ୍ଦ୍ରୀୟ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବ୍ୟାପକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପ୍ରକାଶ ଥାଉକି, ଜୁନ୍ ମାସ ୧ ତାରିଖରୁ ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟରେ ହାରାହାରି ୭୫୯ ମି.ମି. ବର୍ଷା ରହିଥାଏ। କିନ୍ତୁ ଏହି ସମୟ ମଧ୍ୟରେ ଏ ବର୍ଷ ୯୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭିବକ ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି। ନବରଙ୍ଗପୁର, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ଅପେକ୍ଷାକୃତ କମ୍ ବର୍ଷା ହୋଇଛି। ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ନଚେତ୍ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ଏହି ତିନି ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସବୁ ଜିଲ୍ଲାପାଳ ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ନଦୀରେ ଜଳସ୍ରୋତ ରହିଛି, ଲୋକମାନେ ନଦୀ ବନ୍ଧରେ ପାଣି ଦେଖିବା ପାଇଁ ଭିଡ଼ ଜମାଉଛନ୍ତି, ସେମାନେ ସେସବୁ ସ୍ଥାନରେ ଫଟୋ ବା ସେଲ୍ଫି ଆଦି ନେବାର ନଜରକୁ ଆସୁଛି। ସେଥିରୁ ନିବୃତ୍ତ ରହିବା ସହିତ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

## ବିପଦ ସଙ୍କେତ...

ଦେଇ ବନ୍ୟାଜଳ ବାହାରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଯାତାୟାତ ଓ ଚାଷବାସ ପ୍ରଭାବିତ ହୋଇଛି।

ସେହିପରି ସାଳନ୍ଦୀ ନଦୀ ଓ ଏହାର ଉପନଦୀ ନାଳିଆରେ ବନ୍ୟା ଯୋଗୁଁ ଭଦ୍ରକ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଅନେକ ସ୍ଥାନରେ ରାସ୍ତାଘାଟ ଓ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ସେହିଭଳି ସାଳନ୍ଦୀ ଓ ଏହାର ଶାଖା ନଦୀ ବନ୍ୟା ପାଣି ଆସିବା ଫଳରେ ତିହିଡ଼ି ବ୍ଲକ୍‌ରେ ୩ୟ ବନ୍ୟା ଆସି ୭ ପଞ୍ଚାୟତ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ବିଶେଷକରି ବାହ୍ୟଜଗତରୁ ଗୋବିନ୍ଦପୁର, ବାରସର ପଞ୍ଚାୟତ ଆଦି ବିଚ୍ଛିନ୍ନ ହୋଇଛି। ଅନୁରୂପଭାବେ ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍‌ର ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତ ଅଧୀନ ୨୪ଟି ଗାଁରେ ପୂର୍ବର ୨ଟି ବନ୍ୟା ପ୍ରଭାବ ହ୍ରାସ ପାଇ ନ ଥିବାବେଳେ ପୁଣି ୩ୟ ବନ୍ୟା ସ୍ଥିତି ଲୋକଙ୍କୁ ନାକେଦମ୍ କରିଛି। ବିଶେଷକରି ବନ୍ୟାବିପନ୍ନଙ୍କୁ ଅବିରତ ବର୍ଷା ଅଧିକ କଲବଲ କରୁଥିବା ପରିଲକ୍ଷିତ ହୋଇଛି।

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ନିର୍ଦ୍ଦେଶାନୁସାରେ, ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ ଡ୍ୟୁଟିରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ମଧ୍ୟରେ ଏହି ପଦକ୍ଷେପ ରିଲିଫ୍, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟରେ ପୁଣି ଲଘୁଚାପ ଯୋଗୁଁ ଭାରୀ ବର୍ଷାର ଚେତାବନୀ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ସେହିଭଳି ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଝଟକା ପବନ ସହିତ ଅଶାନ୍ତ ପାଗ ରହିବାର ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଝଟକା ସହ ୬୦ କି.ମି. ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି।

## ପୂର୍ବତନ ମନ୍ତ୍ରୀଙ୍କ...

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଆଜି ସକାଳେ ବୀରଭୂମ ଜିଲ୍ଲା ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇଛି। ତାଙ୍କ ମୃତଦେହ ନିକଟରୁ ଏକ ଚିଠି ଜବତ ହୋଇଛି, ଯେଉଁଥିରେ ସେ ନିଜକୁ ନିର୍ଦ୍ଦୋଷ ଏବଂ ଦୁର୍ନୀତିମୁକ୍ତ ବୋଲି କହିଛନ୍ତି। ସେ ୨୦୦୧ ରୁ ୨୦୨୬ ପର୍ଯ୍ୟନ୍ତ କ୍ରମାଗତ ୨୫ ବର୍ଷ ଧରି ରାମପୁରହାଟରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେ ଭାରତୀୟ ଜନତା ପାର୍ଟିର ଧ୍ରୁବ ସାହାଙ୍କଠାରୁ ପରାଜିତ ହୋଇଥିଲେ। ଆତ୍ମହତ୍ୟାର ମାତ୍ର ଗୋଟିଏ ଦିନ ପୂର୍ବରୁ ଗତକାଲି ସେ ସ୍ଥାନୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମୃତଦେହ ନିକଟରୁ ମିଳିଥିବା ହାତଲେଖା ଚିଠିରେ ସେ ଲେଖିଛନ୍ତି ଯେ, ନିଜର ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ସେ କୌଣସି ପ୍ରକାର ଦୁର୍ନୀତି ସହ ଜଡ଼ିତ ନଥିଲେ। ତାରାପୀଠ ରାମପୁରହାଟ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସମୟରେ ଟେଣ୍ଡର, ଚେକ୍ ପ୍ରଦାନ କିମ୍ବା ନକ୍ସା ମଞ୍ଜୁରୀ ଭଳି କୌଣସି ନିଷ୍ପତ୍ତିରେ ତାଙ୍କର ଭୂମିକା ନଥିଲା। ତାଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଅପଚେଷ୍ଟା କରାଯାଉଛି। ରାଜନୀତିରେ ପ୍ରବେଶ କରିବା ତାଙ୍କର ବଡ଼ ଭୁଲ ଥିଲା। ରାଜନୀତିରେ ନ ଯୋଗଦେବା ଲାଗି ସେ ତାଙ୍କ ପରିବାରକୁ ପରାମର୍ଶ ଦେଇଛନ୍ତି।

ଆଶିଷଙ୍କ ଆତ୍ମହତ୍ୟା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମମତା ବାନାର୍ଜୀ। ସେ କହିଛନ୍ତି, ଆଶିଷ ଜଣେ ସଚ୍ଚୋଟ ନେତା ଥିଲେ। କିନ୍ତୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ହଇରାଣ କରାଯାଉଥିଲା। ରାଜନୈତିକ ଶତ୍ରୁତା ପାଇଁ ଜଣେ ମଣିଷ ପ୍ରତି ଏପରି ଅମାନବୀୟ ଅତ୍ୟାଚାର କରାଯିବା ଠିକ୍ ନୁହେଁ। ତେବେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆଶିଷଙ୍କ ବିରୋଧରେ କୌଣସି ପୁଲିସ ମାମଲା ନଥିଲା କି ତାଙ୍କ ଉପରେ କୌଣସି ଚାପ ନଥିଲା।

## ସୁଅ ମୁହଁରେ...

ପଠାଇଛନ୍ତି। ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଯାଜପୁର ଜିଲ୍ଲାକୁ ପି ଅନ୍ୱେଷା ରେଡ୍ଡୀଙ୍କ ସମେତ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ନେଇ ନିର୍ଦ୍ଦେଶ ଦିଆଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ବୈତରଣୀ, ବୁଢ଼ାବଳଙ୍ଗ, ଲୋୟର ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ୨୬ରୁ ୩୭ ମିମି ବର୍ଷାର ଅନୁମାନ ରହିଛି। ଲୋୟର ମହାନଦୀ ଅବବାହିକାରେ ମଧ୍ୟ ଏହି ଦୁଇ ଦିନ ୧୧ରୁ ୨୫ ମିମି ବର୍ଷା ପୂର୍ବାନୁମାନ ରହିଛି। ତେଣୁ ବର୍ଷା କେତେ ହେବ, ଉପରମୁଣ୍ଡର ବର୍ଷା ଓ ଜଳଭଣ୍ଡାରରୁ ଆସୁଥିବା ପାଣି ମିଶି ତଳମୁଣ୍ଡରେ ଜଳସ୍ତର କେତେ ବଢ଼ାଇବ ତାହା ଉପରେ ନଜର ରହିଛି। ବୈତରଣୀର ଆଖୁଆପଦା ଓ ଜଳକାର ମାଥାନିରେ ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ତଳମୁଣ୍ଡର ଅଞ୍ଚଳଗୁଡ଼ିକୁ ଏବେ ସତର୍କ ରହିବାକୁ ହେବ। ତେଣୁ ଆଗାମୀ ୨୪ରୁ ୪୮ ଘଣ୍ଟା ଓଡ଼ିଶାର ନଦୀ ଅବବାହିକା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରବିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଏବେ ସୁଦ୍ଧା ଏହି ଜିଲ୍ଲାର ୪୯ ଟି ବ୍ଲକ, ୩୩୧ ଗ୍ରାମ ପଞ୍ଚାୟତ, ୯୪୭ ଟି ଗ୍ରାମ, ୫ଟି ସହରାଞ୍ଚଳରେ ବସବାସ କରୁଥିବା ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ନିରାପଦ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ କରାଯାଇଥିବା ସୂଚନା ମିଳିଛି। ନଦୀବନ୍ଧଗୁଡ଼ିକୁ ଦିନରାତି ନିରିକ୍ଷଣ କରାଯାଉଛଥିବା ବେଳେ ଯେଉଁଠି ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି, ସେସବୁ ସ୍ଥାନକୁ ସତର୍କ ଦୃଷ୍ଟି ରଖାଯାଇଥିବା, ବାଲିବସ୍ତା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ଜଳ ସମ୍ପଦ ବିଭାଗ ତରଫରୁ ବାଲେଶ୍ୱରରେ ଜଣେ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀ ନିୟୋଜନ କରାଯାଇଛି। ସେହିପରି ଅନ୍ୟ ପ୍ରଭାବିତ ଜିଲ୍ଲାକୁ ବିଭାଗର ଜଣେ ଜଣେ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଥିବା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ ସଂପୃକ୍ତ ଜିଲ୍ଲାରେ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଛୁଟିକୁ ବାତିଲ କରାଯାଇଥିବା ସୂଚନା ମିଳିଛି।

## ୧୦୦ ମିଟର ଧସିଲା...

ରାସ୍ତାରେ ଯାତାୟାତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯାନବାହନକୁ ରାସ୍ତାର ଅନ୍ୟ ପାଶ୍ୱର୍ ଦେଇ ଚଳାଚଳ କରାଯାଉଥିବା ଜଣାପଡ଼ିଛି। ଯଜାତି କେଶରୀ ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ ଓ ମନୋରଞ୍ଜନ ମହାପାତ୍ରଙ୍କ ମାଲିକାନାରେ ଥିବା ତିନୋଟି ଟ୍ରକ୍ ଏହି ଘଟଣାରେ ଧସିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ୮୦୦ କୋଟିର ପ୍ରକଳ୍ପ ଏମିତି ଭୁଶୁଡ଼ି ପଡ଼ିବାକୁ ନେଇ ନାନା ପ୍ରଶ୍ନ ଉଙ୍କିମାରିଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୫୩କୁ ୮ ଲେନ୍ ବିଶିଷ୍ଟ ରାଜପଥରେ ସମ୍ପ୍ରସାରଣ କରାଯାଉଛି। ପ୍ରାୟ ୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଏଭଳି ଧସିବା ଘଟଣା ନିର୍ମାଣର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ରାସ୍ତାକଡ଼ରେ ମାଟି ଭର୍ତ୍ତି ଓ ସଂଘନୀକରଣ ଠିକ୍ ଭାବେ ହୋଇନଥିବାରୁ ବର୍ଷାଜଳର ପ୍ରଭାବରେ ମାଟି ଧସିଥାଇପାରେ। ରାସ୍ତା ନିର୍ମାଣରେ ପାଉଁଶ, ଜିପସମ୍ ଆଦି ସାମଗ୍ରୀ ବ୍ୟବହାର ନେଇ ମଧ୍ୟ କେତେକ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ବିଧିବଦ୍ଧ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଧସିଥିବା ଅଂଶରେ ପ୍ରାୟ ଏକ ମାସ ପୂର୍ବରୁ ପିଚୁ କାମ ହୋଇଥିଲା। ନୂଆ ପିଚୁ ରାସ୍ତାର ପାଖ ଅଂଶ ମଧ୍ୟ ଧସିଯିବା ପରେ ନିର୍ମାଣର ଗୁଣବତ୍ତା ଓ ରାସ୍ତାର ଭିତ୍ତି କାମକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଅନ୍ୟପକ୍ଷରେ, ଲଗାଣ ବର୍ଷା ହିଁ ରାସ୍ତା ଧସିବାର ପ୍ରମୁଖ କାରଣ ବୋଲି ଟ୍ରକ୍ ମାଲିକମାନେ କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରାସ୍ତା ନିର୍ମାଣ କରୁଥିବା ଏଆର୍‌ଏସ୍‌ଏସ୍ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଲୋକେ ଅଟକ ରଖି ପ୍ରତିବାଦ କରିଥିବା ଜଣାପଡ଼ିଛି। ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଧସିଥିବା ରାସ୍ତାକୁ ବୈଜ୍ଞାନିକ ଭାବେ ପୁନଃନିର୍ମାଣ କରିବାକୁ ଦାବି ହୋଇଛି। ରାସ୍ତା ଧସିବା ପଛରେ ପ୍ରକୃତ କାରଣ କ'ଣ ତାର ତଦନ୍ତ କରିବାକୁ ଦାବି ହୋଇଛି।

## ଓଡ଼ିଶାରୁ ହଜିଯିବ...

ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ଲୁହାପଥର, ବକ୍ସାଇଟ୍, କୋଇଲା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା କୁହାଯାଉଥିଲେ ମଧ୍ୟ ରାଜ୍ୟବାସୀ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଖଣି ପ୍ରକଳ୍ପଠାରୁ ଆରମ୍ଭ କରି ବୃହତ ଶିଳ୍ପ, ଖଣି ଆଦି ପାଇଁ ପାଇଁ ଦିନକୁ ଦିନ ଜଙ୍ଗଲ ଜମିର ଚାହିଦା ବଢ଼ିବାରେ ଲାଗିଛି। ଏହାର ସିଧାସଳଖ ପରିଣାମ ସ୍ୱରୂପ ରାଜ୍ୟର ସବୁଜ ଆଚ୍ଛାଦନ କମିବାରେ ଲାଗିଛି ଏବଂ ପରିବେଶୀୟ ସନ୍ତୁଳନ ସମ୍ପୂର୍ଣ୍ଣ ଭାବେ ବିଗିଡ଼ିବାରେ ଲାଗିଛି।

୧୦ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ଅର୍ଥ କେବଳ ଲକ୍ଷଲକ୍ଷ ଗଛ କଟାରେ ସୀମିତ ନାହିଁ; ଜଙ୍ଗଲ ଧ୍ୱଂସ ଯୋଗୁଁ ଜୀବଜନ୍ତୁ, ପକ୍ଷୀ, ଜଳସ୍ରୋତ ଓ ଜଳଉତ୍ସ, ମାଟିର ଉର୍ବରତା ଏବଂ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବ। ବିଶେଷକରି ଜଙ୍ଗଲ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ଥିବା ରାଜ୍ୟର ଆଦିବାସୀ ଓ ଗ୍ରାମୀଣ ସମୁଦାୟ ପାଇଁ ଜଙ୍ଗଲ କେବଳ କାଠ ବା ଗଛର ସମୂହ ନୁହେଁ; ବରଂ ଏହା ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ଜୀବନଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାରା ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ତାପମାତ୍ରା, ଭୟଙ୍କର ଜଳସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଗଭୀର ଚିନ୍ତିତ, ସେତେବେଳେ ଓଡ଼ିଶାରେ ବିପୁଳ ପରିମାଣର ଜଙ୍ଗଲ ଓ ଜଙ୍ଗଲ ଜମି ଲିଜ୍ ପରିବେଶ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି। ଏହିପରି ଭାବରେ ବିକାଶର ନାଁରେ ଯଦି ଜଙ୍ଗଲ ଉଜାଡ଼ିବା ଅବ୍ୟାହତ ରହେ, ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଶାରେ କେବଳ ଧୂଳିଝଡ଼, ଟାଙ୍ଗରା ମାଟି ଏବଂ ପ୍ରଦୂଷିତ ପରିବେଶ ବ୍ୟତୀତ ଆଉ କିଛି ରହି ନ ଥିବ ବୋଲି ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି।


**NOTICE**

By virtue of an affidavit sworn before Notary Public, Champua, dated 29.05.2026, I, **MIHIR SEN GHANA**, Address At/Po- Haladia, Via- Sukruli, P.S.- Raruan, District-Mayurbhanj, Odisha, PIN- 757039, declare that I have changed the name of my son from **KALPESH KUMAR GHANA** to **KARUNYA KALPESH GHANA.** Henceforth, he shall be known as **KARUNYA KALPESH GHANA** for all purposes.

**(MIHIR SEN GHANA)**

**LOST**

I, **Niharika Purohit,** W/o- Kalpeswar Purohit, resident at- Gayatree Mandir Lane, Mahaveer Pada, Bhawanipatana, Dist Kalahandi, Odisha - 756100, I do hereby declare that, I have lost original land Patta vide **Thana No. 165, Khatian No-171/1901** and **Khata No- 171/2699**, in favour of **Diptimayee Panda,** W/o- Late Subhendu Kumar Panda on dated - **05.08.2026 at 11 am.** That time I was going to revenue office Bhawanipatna. If anyone finds this documents, kindly contact **Niharika Purohit, Mob. No- 8249226769.**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 73 on dated 14/08/2026, I **BHANU PRADHAN**, W/o Bhaba Pradhan resident of At./Po-Damasahi, P.S: Sarankul, Dist: Nayagarh, Odisha, PIN: 752092, declare that I have changed my name from **KUNI PRADHAN (Old Name)** to **BHANU PRADHAN (New Name)**. Henceforth, I shall be known as **BHANU PRADHAN** for all purposes.

Sd- **BHANU PRADHAN**

**AFFIDAVIT**

I, Sk Sajid Ali, age 43 years, S/o- Sk Yakub Ali, Vill-Maheswarpur, Po/ps - Barhambarda, Dist-Jajpur, Odisha, declared this affidavit No-2686, dtd - 14/8/2026 now onwards I shall be known as **Sk Sajid Ali** for all future purposes

**AFFIDAVIT**
**Change of Name (Minor)**

By virtue of an affidavit before the Executive Magistrate, Keonjhar, **Dated. 12/08/2026,** I, Tutu Naik, At-Satasinga, Baniapat, P.O.-Keonjhar, Pin-758001, Dist.-Keonjhar, do hereby declare that I have changed the name of my minor daughter from Kirtika Naik to **Kritika Naik.** Henceforth, she shall be known as **Kritika Naik** for all future purposes.

**Sd/- Tutu Naik**

**AFFIDAVIT**

By Virtue of an affidavit before the Executive Magistrate, Tentulikhunti, Dtd. 31.07.2026, **No.251**, I, **KALABATI JHADIA**, W/o **JAYARAM JHADIA**, Village-Murka, P.O.-Padepadar, P.S.-Thuamul Rampur, Dist.-Kalahandi, do hereby declare that I have changed my minor sons name from **GOPINATH JHADIA** to **KISPAR JHADIA**. Henceforth, he shall be known as **KISPAR JHADIA** for all purposes.

**Sd/- KALABATI JHADIA**

**AFFIDAVIT**

By virtue of an affidavit before the Executive Magistrate, Tentulikhunti, Dist: Nabarangpur, dtd. 14.08.2026, **No.274**, I, **KUNI JANI**, Vill-Khandiaguda, Post-Tentulikhunti, Dist-Nabarangpur-764070, do hereby declare that I have changed the name my minor daughter's name from **CHUMKI JANI** to **CHUMUKI JANI**. Henceforth, she shall be known as **CHUMUKI JANI**

**Sd/- Kuni Jani**

**ପଶ୍ଚିମ ରେଳବାଇ — ରତଲାମ ମଣ୍ଡଳ**

ସଂଖ୍ୟା : W/623/NIT/1 — **ଇ-ଟେଣ୍ଡରିଂ ବିଜ୍ଞପ୍ତି** — ତାରିଖ: ୧୩.୦୮.୨୦୨୬

ମଣ୍ଡଳ ରେଳ ପ୍ରବନ୍ଧକ/ମଣ୍ଡଳ କାର୍ଯ୍ୟାଳୟ (କାର୍ଯ୍ୟଲେଖା ଶାଖା), ପଶ୍ଚିମ ରେଳବାଇ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। ବିବରଣୀ ଏହିପରି–

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-80, କାର୍ଯ୍ୟର ନାମ: ୧. Palia–ହାଇଲେଭଲ୍ ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା FOB ନିର୍ମାଣ। ୨. Ajod–HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ ଏବଂ ୩. Gautampura–HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୦,୦୩,୧୬,୦୧୭.୦୮, ବଯ଼ନା ରାଶି: ଟ. ୨୦,୦୬,୩୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-81, କାର୍ଯ୍ୟର ନାମ: Chanderiya-Ratlam Section – Mandsaur-Dalauda ଷ୍ଟେସନ ମଧ୍ୟରେ LC ନଂ. ୧୫୪ (କି.ମି. ୨୯୬/୧୩-୧୫) ବଦଳରେ ସବୱେ (RUB) ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୧,୯୨,୨୪,୦୮୨.୯୬, ବଯ଼ନା ରାଶି: ଟ. ୨୩,୮୪,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬।

କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-82, କାର୍ଯ୍ୟର ନାମ: ରତଲାମ ଡିଭିଜନ– ବିଭିନ୍ନ ସ୍ଥାନରେ ହାଇୱେ/ରାସ୍ତା ଉପରେ ଥିବା ROBଗୁଡ଼ିକର ଆପ୍ରୋଚ୍‌ରେ ସୁରକ୍ଷା ଫେନ୍ସିଂ ୱାଲ୍/କ୍ରାଶ୍ ବ୍ୟାରିଅର୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୬,୫୩,୫୫,୭୨୪.୫୪, ବଯ଼ନା ରାଶି: ଟ. ୧୩,୦୭,୧୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୧.୦୯.୨୦୨୬। କ୍ରମିକ ନଂ.: ୪, ଇ-ଟେଣ୍ଡର ନଂ.: RTM-2026-27-83, କାର୍ଯ୍ୟର ନାମ: ରତଲାମ ଡିଭିଜନ – ୧୦,୦୦୦ରୁ ଅଧିକ TVU ଥିବା LC ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ ସମ୍ବନ୍ଧରେ ରିଲେ ହଟ୍‌ର ବ୍ୟବସ୍ଥା (୩ଟି LC), ବିଦ୍ୟୁତ କାର୍ଯ୍ୟ ସମେତ। ଆନୁମାନିକ ମୂଲ୍ୟ: ଟ. ୬୯,୨୬,୯୮୯.୫୦, ବଯ଼ନା ରାଶି: ଟ. ୧,୩୮,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୦୬ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬। ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ। AK/5/1/205

Like us on: facebook.com/WesternRly | Follow us on: X.com/WesternRly

**OFFICE OF THE PRINCIPAL**
**PANCHAYAT HIGHER SECONDARY SCHOOL, PHIRINGIA**
**KANDHAMAL, ODISHA, 762011**
**Mail-pjcpprincipal@gmail.com**

**WALK –IN – INTERVIEW**

**FOR ENGAGEMENT OF GUEST/CONTRACTUAL LECTURERS & OFFICE STAFFS**

A walk in interview for engagement and empanelment of guest/contractual faculties and Office Staffs (Non-teaching) for Higher Secondary Classes (+2) of Panchayat Higher Secondary School, Phiringia, Kandhamal will be held on **Date. 31.08.26** in the premises of Panchayat Higher Secondary School, Phiringia for the session 2026-27 or till the vacancies are filled up whichever is earlier as detailed below.

| Sl.No | Date | Reporting Time | Post | Minimum Qualification |
|---|---|---|---|---|
| 1 | 31.08.26 | 11.00 A.M | Lecturer In Education, | 55% of Marks in PG (Education) degree or 50% with B. Ed |
| 2 | 31.08.26 | 11.00 Noon | Lecturer in Odia | 55% of Marks in PG degree |
| 3 | 31.08.26 | 12.00 Noon | Jr. Clerk | Any Bachelors Degree |
| 4 | 31.08.26 | 12.00 Noon | Peon | Any Bachelors Degree |

Interested Candidates may attend the interview in between **11.00 AM to 2.00 PM** with their complete Bio-data, all original certificates and Xerox copies of their qualifications from Matriculation onwards, two passport size photo copies, Experience certificate and an identity proof on the scheduled date.

No TA/DA is admissible for attending the interview. The appointments are purely temporary and the remuneration for the said posts will be consolidated. The Principal reserves all the rights to cancel part or whole of the walk in interview at any moment without assigning any reason there off.

Principal
PRINCIPAL
Panchayat Higher Secondary School
Phiringia, Kandhamal, Odisha, 762011

# ଗାଁଠୁ ସହର ସବୁଠି ଉଠିଲା ତ୍ରିରଙ୍ଗା



ଝାରସୁଗୁଡ଼ା,୧୬।୮ (ସମିସ)

ଝାରସୁଗୁଡ଼ା ମନମୋହନ ପଡିଆରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଜି ଆର ରାଘବେନ୍ଦ୍ର ଉପସ୍ଥିତ ଥିଲେ। ପୋଲିସ୍ ଆରଆଇ ଅନିଲ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପରେଡ୍‌ରେ ସମୁଦାୟ ୩୧ଟି ଦଳ ଅଂଶଗ୍ରହଣ କରିଥିଲେ। ପରେଡ୍‌ରେ ସିନିୟର ବର୍ଗରେ ଏଲ୍‌ଏନ୍ କଲେଜ (ନାଭାଲ ୱିଙ୍ଗ୍) ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ କନିଷ୍ଠ ବର୍ଗରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କନିଷ୍ଠ ବର୍ଗରେ ସେଣ୍ଟ ମେରୀସ୍ କନଭେଣ୍ଟ ସ୍କୁଲ ବିଜୟୀ ହୋଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ସଂଯୋଜନା କରିଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଡ. ପୁଷ୍ପଶ୍ରୀ ନାୟକ, ଜିଲ୍ଲା ହସ୍ତଶିଳ୍ପ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ମୋନାଲିସା ପଟେଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁମନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ଝାରସୁଗୁଡ଼ା ମୁନିସିପାଲିଟି ଚେୟାରମ୍ୟାନ ରାଣୀ ହାତୀ, ନୱଲ ଅଗ୍ରୱାଲ, ରଘୁନନ୍ଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେନ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଇତ ଜୀବନ ବି ଫାଉଣ୍ଡେସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ବୃନ୍ଦାମାଳସ୍ଥିତ ଦିବ୍ୟାଙ୍ଗ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଅନ୍ୟପକ୍ଷେ ଏମସିଏଲ ପ୍ରେକ୍ଷାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଳା ସଂସ୍କୃତି ସଂଘର ଉପ-ସଭାପତି ସୁଡ଼ଙ୍ଗ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସହକାରୀ ନିର୍ଦ୍ଦେଶିକା ମୋନାଲିସା ପଟେଲ ଏବଂ ଓଏଲଏମର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଡକ୍ଟର ପୁଷ୍ପଶ୍ରୀ ନାୟକ ଯୋଗ ଦେଇଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ପୁରୁଣାବସ୍ତିର ରିତିକା ସେନ୍ଦରିଆ ପ୍ରଥମ, ବୁରୋମାଲର ପଦ୍ମିନୀ ପ୍ରଧାନ ଦ୍ୱିତୀୟ ଏବଂ ଲଇକେରାର ସରିତା ରାୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଓଏଲଏମର ଡିପିଏମ୍ ଡକ୍ଟର ପୁଷ୍ପଶ୍ରୀ ନାୟକ, ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ବିଚାରକ ଥିଲେ। ପୁଷ୍ପାଞ୍ଜଳି ସାହୁ ଏବଂ ସୁଶ୍ରୀ ସ୍ୱେଜଲ ପ୍ରଧାନ ସଂଯୋଜନା କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ଆଲିଶ ପଟେଲ, ରାଜେଶ ସେଠ, ଧୀରଜ ରୋଶନ ପ୍ରଧାନ, ମୌସୁମ ପଟେଲ, କିଙ୍କନ ନାଏକ, ସମୀର କିଶାନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ନିହାଲ ଭୋଇ ଓ ରବୀନ୍ଦ୍ର ନିଆଲ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

**ଇବଥର୍ମାଲ:** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଓପିଜିସିଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ରାଜିବ ଗାନ୍ଧୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପିଜିସି ଡାଇରେକ୍ଟର (ଅପରେସନ୍) ଅଞ୍ଜନ ରଞ୍ଜନ ଦାଶ ପତାକା ଉତ୍ତୋଳନ କରିବା ସହ ପାରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ମୁଖ୍ୟ କାର୍ଯ୍ୟାଳୟଠାରେ ମହାପ୍ରବନ୍ଧକ ଅଓ୍ୱବଦ କିଶୋର ପାଣ୍ଡେ ପତାକା ଉତ୍ତୋଳନ କରିଥିଲେ। ଅନ୍ୟପକ୍ଷେ କୁମ୍ଭାରବନ୍ଧ ଆଞ୍ଚଳିକ ପାଞ୍ଚାୟତ କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଯୁକ୍ତ ଦୁଇ ଅଧ୍ୟକ୍ଷା ସଂଯୁକ୍ତା ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ଶିକ୍ଷାବିତ ମହେନ୍ଦ୍ର ସାହୁ, ଉମାକାନ୍ତ ପଣ୍ଡା, ପ୍ରକାଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ଗିରି, ଦୋଳଗୋବିନ୍ଦ ସା, ଉମେଶ ବାରିକ, ଡ ସୌକତତୁଲ୍ଲା ଖାନ, ପୂର୍ବତନ ସରପଞ୍ଚ ବିଦ୍ୟାଧର ନାୟକ, ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ପାଢ଼ୀ, ଲିଙ୍ଗରାଜ ବଡ଼ାଇ, ଭୋନାଥ ବଡ଼ାଇ, ଯୁକ୍ତ ତିନି ଅଧ୍ୟକ୍ଷ ରାଜକିଶୋର ବିଶ୍ୱାଳ, ଲକ୍ଷ୍ମଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରି ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।





**ତରଭା:** ସୁବର୍ଣ୍ଣପୁରସ୍ଥିତ ରାମେଶ୍ୱର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମଞ୍ଚାସୀନ ଥିଲେ। ପୁଲିସ୍ ରିଜର୍ଭ ଇନ୍ସପେକ୍ଟ ମାନସ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ପ୍ୟାରେଡ୍‌ରେ ସମୁଦାୟ ୩୯ଟି ଦଳ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପ ଜିଲ୍ଲାପାଳ ଡ. ସୋମ୍ୟରୁପା ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍କଳ ବାଳ ଆଶ୍ରମରେ ଶିଶୁଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲା ଉପ କାରାଗାର ଓ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଅନ୍ୟପକ୍ଷେ ଦିନରେ ଏକ ଫୁଟବଲ ମ୍ୟାଚ୍ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା ଯୋଗ ଦେଇଥିଲେ। ସେହିଭଳି ତରଭା ସହର ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ତରଭା ଏନଏସି ତରଫରୁ ବାଳକ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ମୁଖ୍ୟ ସମାରୋହରେ ଆଧ୍ୟକ୍ଷା ବନ୍ଦିତା ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ବିଡ଼ିଓ ଶିବାନନ୍ଦ କର୍ମୀ, ତହସିଲଦାର ଶ୍ୱେତଲିନା ମାହାଣା, ଆଇଆଇସି ଡୋଳାମଣି ନାଏକ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଳିକ, ସାଂସଦଙ୍କ ତରଭା ନଗର ପ୍ରତିନିଧି ମାନସ ସାହୁ, ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ବାଳିକା ହାଇସ୍କୁଲ, ବାଳକ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ଛାତ୍ରଛାତ୍ରୀ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାଳକ ହାଇସ୍କୁଲ ଛାତ୍ରମାନେ ପାଇଲଟଂ ଓ ଘୋଷ ବାଦନ କରିଥିଲେ। ଗତ ସିବିଏସଇ ମ୍ୟାଟ୍ରିକ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ଆଣିଥିବା ଜାମକାନି ଓଏଭି ଛାତ୍ରୀ ସୁଚେସ୍ମିତା ଦାସ ଓ ଏଚଏସସି ମ୍ୟଟ୍ରିକ ପରୀକ୍ଷାରେ ୮୭.୬୬ ପ୍ରତିଶତ ମାର୍କ ରଖିଥିବା ତରଭା ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ଛାତ୍ରୀ ପ୍ରତୀକ୍ଷାରାଣୀ ପଟ୍ଟନାୟକଙ୍କୁ ଏସଏମ ଚାରିଟେବଲ ଟ୍ରଷ୍ଟ ତରଫରୁ ପୁରସ୍କୃତ କରାଯାଇଥିଲା। ପରେଡ଼ ପ୍ରତିଯୋଗିତାର ସିନିଅର ବିଭାଗରେ ଓଏଭି ପ୍ରଥମ ଓ ଜେଏନଭି ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ଜୁନିୟର ବିଭାଗରେ ଜେଏନଭି ପ୍ରଥମ, ଗୁଡ଼ଉଇଲ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ସବ୍ ଜୁନିୟର ବିଭାଗରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ ଓ ଗୁଡ଼ଉଇଲ ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା।। ସାମ୍ବାଦିକ ମାନଭଞ୍ଜନ ମିଶ୍ର ପରିଚାଳନା କରିଥଲେ। ଏଇଏସ କ୍ରୀଡା ଶିକ୍ଷକ ସଂଜୀବ ସାହୁ ଓ ଏନଏସି କର୍ମଚାରୀ ବିଶ୍ୱରଂଜନ ମିଶ୍ର ସହଯୋଗ କରିଥିଲେ। ତେବେ ତରଭା ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷ ସରୋଜ କମ୍ପ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନଏସିରେ ଅଧକ୍ଷା ବନ୍ଦିତା ନାଏକ, ତହସିଲରେ ତହସିଲଦାର ଶ୍ୱେତଲିନା ମାହାଣା, ଆଇସିଡିଏସରେ ସିଡିପିଓ ସୁଦେଷ୍ଣା ମେହେର, ପ୍ୟାକ୍ସରେ ଉପସଭାପତି ସଂଯୁକ୍ତା ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିତେଶ ମେହେର, ଥାନାରେ ଆଇଆଇସି ଡୋଳାମଣି ନାଏକ, ବରିଷ୍ଠ ନାଗରିକ ସଂଘରେ ସଭାପତି ଦେବେନ୍ଦ୍ର ବିଜୟ ସାହୁ, ଏଫଆରସିସିରେ ସଭାପତି ଶୈଳେନ୍ଦ୍ର ସାହୁ, ଆମ୍ବେଦକର କ୍ଲବରେ ପ୍ରତିଷ୍ଠାତା ସଦସ୍ୟ ରାଜୁ ନାଏକ, ଏଇଏସ କଲେଜରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ଜେଏନଭିରେ ଅଧ୍ୟକ୍ଷ ନିଶିକାନ୍ତ ସାମକୱର, ବାଳକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସୁରଜ ସେଠୀ, ବାଳିକା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଆଶିଷ ନାଏକ, ଗୁଡ଼ଉଇଲ ପବ୍ଲିକ ସ୍କୁଲରେ ପ୍ରତିଷ୍ଠାତା ସଭ୍ୟ ବିରଞ୍ଚି ନାରାୟଣ ମାହାଣା, ଶ୍ରୀହରି ବିଦ୍ୟାନିକେତନରେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଏସଏମ ମେମୋରିଏଲ ଟ୍ରଷ୍ଟରେ ରାଜକିଶୋର ସାହୁ, ଏଚପି ପେଟ୍ରୋଲ ପମ୍ପରେ ସତୀଶ ସାହୁ, ବାପୁଜୀ କ୍ଲବ ଓ ପଦରପଡା ଅଙ୍ଗନବାଡି କେନ୍ଦ୍ରରେ ଆରତୀ ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ପୁରୁଣା ପୋଷ୍ଟ ଅଫିସ ଛକରେ ସ୍ୱାଧୀନତା ଦିବସ ପାଳନ ପାଳନ କରାଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ ମନୋଜ ମହାନ୍ତି, ନବୀନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ, ସାମ୍ବାଦିକ ପୂର୍ଣ୍ଣଚରଣ ସାହୁ, ଅନନ୍ତ ଖମାରୀ, ଦେବାଶିଷ ମଲିକ, ରଞ୍ଜନ ପଣ୍ଡା, ଗୋବର୍ଦ୍ଧନ ସାହୁ, ଚିନ୍ମୟ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମା' ସରସ୍ୱତୀ ଶିକ୍ଷାନୁଷ୍ଠାନରେ ନିର୍ଦ୍ଦେଶକ ଦେବାଶିଷ ମଲିକ ପତାକା ଉତ୍ତୋଳନ କରିଥିଲେ। ସ୍ୱେଚ୍ଛାସେବୀ ରୁଷି ରଣା, କୁନ୍ଦନ ଦନ୍ତା, କେନ୍ଦ୍ର ସଂଯୋଜକ ଶୁବାଶିଷ ମଲିକ, ସହ ସଂଯୋଜକ ଚିଣ୍ଟୁ ପାଣ୍ଡେ ଉପସ୍ଥିତ ଥିଲେ।

**ମନମୁଣ୍ଡା:** ସ୍ଥାନୀୟ ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତା, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଆଦିତ୍ୟ ଦେହୁରୀ, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ମହାପାତ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ପଞ୍ଚ ସଖା ସେତୁ ସଭାପତି ବୈଦ୍ୟନାଥ ହୋତା ଓ ସମ୍ମାନିତ ଅତିଥି ସି ଆର ସି ସି ପ୍ରଜିନା ପାଢ଼ୀ, ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀ, ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲରେ ଅଧ୍ୟକ୍ଷା ବୁଲବୁଲ ନାଏକ ଜାତୀୟ କତାକା ଉତ୍ତୋଳନ କରିଥିଲେ। ଗ୍ଲୋବାଲ ରାମାନୁଜନ୍ ଇଂଲିଶ ମିଡିଅମ ସ୍କୁଲରେ ମଧ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସେହିପରି ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ପ୍ରିୟମ୍ବଦା ନାଏକ, ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ, ଦହ୍ୟା ଜୀବନ ବିକାଶ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଶାନ୍ତ ଗୁରୁ ପତାକା ଉତ୍ତୋଳନ କରିଥିଲେ। ମନମୁଣ୍ଡା ପଞ୍ଚାୟତ ଅଫିସରେ ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା ପତାକା ଉତ୍ତୋଳନ କରିଥିଲେ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ହାଇସ୍କୁଲ ଖେଳପଡିଆରେ କଣ୍ଟାମାଳ ବ୍ଲକ୍‌ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, କଣ୍ଟାମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବୁରୁଧର କହଁର, କଣ୍ଟାମାଳ ବିଡ଼ିଓ ଜୟଶ୍ରୀ ସାମି ରେଡି, ତହସିଲଦାର ଶ୍ୱେତପଦ୍ମା ଜୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଜୟ ମହନ୍ତ ପ୍ରମୁଖ ସାମିଲ ଥିଲେ। ସେହିପରି କଣ୍ଟାମାଳ ତହସିଲରେ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବ୍ଲକରେ ବିଡ଼ିଓ ସାମି ରେଡି ଜୟଶ୍ରୀ, କଣ୍ଟାମାଳ ଥାନାରେ ଥାନା ଅଧିକାରୀ ଓମପ୍ରକାଶ ମହାନ୍ତି, ବନବିଭାଗ କାର୍ଯ୍ୟାଳୟରେ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ଜଳ ଓ ପରିମଳ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଅଜିତ ସେଠି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବରୋଦା ବ୍ୟାଙ୍କ୍ ପରିସରରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସମ୍ପାଦକ ମୁକେଶ ଭୋଇଙ୍କ ନିମନ୍ତ୍ରଣ କ୍ରମେ ସାମ୍ବାଦିକ ସଂଘ ସଭାପତି ପଦ୍ମବାଗ ଯାଦବ, ସାମ୍ବାଦିକ ଦୀନବନ୍ଧୁ ସୁନା, ଅଣାକାର ବିଶ୍ୱେଶ୍ୱର, ସଂଘ ଉପଦେଷ୍ଟା ସରୋଜ ପଧାନ, ହେମସାଗର ଦାଶ, ଗୋବିନ୍ଦ ନାଏକ, ଗୋପାଳ ସାହୁ, ନିତା ପଟେଲ, ଧିରୋଜ ସାହୁ, ସୁଦାମ ସାହୁ, ପ୍ରକାଶ ହାତୀ, ଉମାକାନ୍ତ ବାଘ, କୃଷ୍ଣ ବାଗ୍, ରବିନ୍ଦ୍ର ତ୍ରିପାଠୀ, ପ୍ରଶାନ୍ତ ସେଠ, ଉପଦେଷ୍ଟା ଯଦୁମଣି କୁଦେଇ, ଗୋପାଳ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପଠାରେ ବ୍ଲକ୍ ଅଧ୍ୟକ୍ଷା ଅହଲ୍ୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ବିଡ଼ିଓ ସଂଜୀବ ସାହୁ, ବିଇଓ ଗଣେଶ କିଷାନ, ବୀରେନ୍ଦ୍ର କଠାର, ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡ଼ିଓ ମହେଶ୍ୱର ପଧାନ, ଜିପିଓ ରଞ୍ଜନ ବେହେରା, ଏବିଇଓ ଜଗତ ମଲ୍ଲିକ ଯୋଗ ଦେଇଥିଲେ । ବିପ୍ର ଚରଣ ସାହୁ ଓ ଦୀନବନ୍ଧୁ ସୁନା ସହଯୋଗ କରିଥିଲେ। ଉଦୟନାଥ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଖେଳ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ପରେଡ ପରିଚାଳନା କରିଥିଲେ। ସେହିଭଳି ଡୁଙ୍ଗୁରିପାଲି ବାଳିକା ଉଚ୍ଚ ବିଦ୍ୟାଳୟ, ବାଳକ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲିଟିଲ ଆଞ୍ଜେଲ, ସେନ୍‌ଚୁରିଆନ ସ୍କୁଲ, ପଞ୍ଚବଟୀ ସ୍କୁଲ, ବିଶ୍ୱାତ୍ମା ବିଦ୍ୟା ମନ୍ଦିର, ଆଦର୍ଶ ବିଦ୍ୟାଳୟ ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଡୁଙ୍ଗୁରିପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୀରେନ୍ଦ୍ର କଠାର, ଥାନାରେ ଥାନା ଅଧିକାରୀ ରୋଜାଲିନ ପଟେଲ, ପୁରୁଣା କରତମିଲରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ସାହୁ, ବରୋଦା ବ୍ୟାଙ୍କ ନିକଟରେରେ ପଦ୍ମବାଗ ଯାଦବ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ୫ ଅନ୍ତେବାସୀଙ୍କ ପରିବାର ସହ ପୁନଃମିଳନ



ଝାରସୁଗୁଡ଼ା,୧୬।୮ (ସମିସ): ସ୍ଥାନୀୟ କ୍ରସ୍ କଲୋନୀସ୍ଥିତ ମିଶନ ଆଶାଲୋକରେ ଆଶ୍ରୟ ନେଇଥିବା ୫ ଜଣ ମାନସିକ ଅସୁସ୍ଥ ଅନ୍ତେବାସୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କ ନିଜ ନିଜ ପରିବାର ସହିତ ପୁନଃମିଳନ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅନ୍ତେବାସୀମାନଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ।

## ସୁବିଧା କେନ୍ଦ୍ର ଓ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

ମନମୁଣ୍ଡା,୧୬।୮ (ସମିସ): ମନମୁଣ୍ଡା ପଞ୍ଚାୟତ ପରିସରରେ ଏକ ସୁବିଧା କେନ୍ଦ୍ର ଏବଂ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସରେ ଏକ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ଏଡିଓ ରଶ୍ମିତା ପଟ୍ଟନାୟକ, ସିଆର୍‌ସିସି ପ୍ରଜିନା ପାଢ଼ୀ, ସମ୍ବିତ୍ ନନ୍ଦ, ୱାର୍ଡସଭ୍ୟ ନକୁଳ ବାଘ, କୃଷ୍ଣଚନ୍ଦ୍ର ରଥ, ସଭ୍ୟା ଧରିତ୍ରୀ ନାଏକ, ଲକ୍ଷ୍ମୀ ନାଏକ, ପୁଷ୍ପା ମହଲା, ଆଶା ଦିଦି ଗୀତାଞ୍ଜଳି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାମାଳରେ ସାଂସ୍କୃତିକ କାର୍ଯ୍ୟକ୍ରମ

କଣ୍ଟାମାଳ,୧୬।୮ (ସମିସ): ଆମ୍ବେଦକର ସୋସିଆଲ ଟ୍ରଷ୍ଟ ପକ୍ଷରୁ ପ୍ରାୟ ୫୦ରୁ ଛାତ୍ରଛାତ୍ରୀଙ୍କୁ ନେଇ କଣ୍ଟାମାଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ରାମ ତାଣ୍ଡି, ଶୁକଦେବ ମହାନନ୍ଦ, ଶିକ୍ଷକ ପ୍ରଶାନ୍ତ ବିଭାର, ଅନିଲ ବେହେରା, ଶିକ୍ଷକ ଜିତେନ୍ଦ୍ର ବେହେରା, ବିଭୁଶଙ୍କର ରାଜହଂସ, ରାଜେନ୍ଦ୍ର ବାଘ, ସୁନୀଲ ହରିପାଳ, ଲୁବଧର ସୁନା, ମୋନିତ ଭୋଇନା, ସୁଶାନ୍ତ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଚରଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

କଣ୍ଟାମାଳ,୧୬।୮ (ସମିସ): ବୌଦ୍ଧ ଜିଲ୍ଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଚରଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଣ୍ଟାମାଳ ବ୍ଲକ ପଲସାଗୋରା କଲେଜ ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ନବୀନ ମହାପାତ୍ର, ଦିବ୍ୟଶଙ୍କର ରାଉତ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଗୋପାଳ ପୁରୋହିତ, ସଞ୍ଜୀବ ପ୍ରହରାଜ, ଜୟ ମହାରଣା, ପୂର୍ଣ୍ଣଚରଣ ସାହୁ, ଅନନ୍ତ ଖମାରୀ, ଦେବାଶିଷ ମଲ୍ଲିକ, କୁନ୍ଦନ ଦନ୍ତା, ରବୀନ୍ଦ୍ର କର୍ଣ୍ଣ ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୁଧରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚରେ ନଗରପାଳ ଏକାଦଶ ବିଜୟୀ

ତରଭା,୧୬।୮ (ସମିସ): ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍‌ରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ ଓ ପୌର ପରିଷଦ ଅଧ୍ୟକ୍ଷା ତାମସୀ ତମସ୍ମିତା ନାଏକ୍ ଯୋଗ ଦେଇ ଏହି ଖେଳକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଏକାଦଶ ଦଳର କ୍ୟାପଟେନ୍ ଏସ୍‌ପି ନାରାୟଣ ନାୟକ ଟସ୍ ଜିଣି ବଲ୍ ନେଇଥିବା ବେଳେ ନଗରପାଳ ଏକାଦଶ ସାଇଡ୍ ନେଇଥିଲା। ରେଫରି ରାଜେଶ୍ ଥନାପତି ଖେଳ ପରିଚାଳନା କରିଥିଲେ। ନଗରପାଳ ଏକାଦଶ ବିଜୟୀ ହୋଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଓ କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା କରାଯାଇଥିଲା। କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଏକାଦଶ ଦଳରେ ଅଧିନାୟକ ଏସ୍‌ପି ଶ୍ରୀ ନାଏକଙ୍କ ସମେତ ଏଡିଏମ ରାଜେନ୍ଦ୍ର ମାଝୀ, ଅବକାରୀ ଅଧିକ୍ଷକ ପ୍ରବୀର ସାମଲ, ଅଗ୍ନିଶମ ବିଭାଗ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଏସିଏଫ୍, ଡିଏସଓ ଚିତ୍ତରଞ୍ଜନ ମିଶ୍ର, ପୌର ପରିଷଦ ଅଧିକାରୀ ରଷି ମାଝୀ, କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ। ନଗର ପାଳ ଏକାଦଶ ଦଳରେ ମନୋରଞ୍ଜନ ତ୍ରିପାଠୀ, ଗୋରେଖ ନାଥ ସାହୁ, କଇରୁ ସ୍ୱାଇଁ, ଲଡୁ କିଶୋର ମଲ୍ଲିକ, ଗୁରୁ ଦଳେଇ, ଚନ୍ଦନ ବେହେରା, ରଞ୍ଜୁ ସାହୁ ପ୍ରମୁଖ ଖେଳରେ ଭାଗ ନେଇ ଥିଲେ।

## ବ୍ରିଗେଡ ସ୍କୁଲରେ ପ୍ରତିଭା ବିକାଶ କାର୍ଯ୍ୟକ୍ରମ

ଜହ୍ନାପଙ୍କ,୧୬।୮ (ସମିସ): ବୌଦ୍ଧ ବ୍ଲକ ମୁଣ୍ଡାପଡାଠାରେ ଥିବା ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲରେ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଆରସିସି ପର୍ଶୁରାମ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ଓଏସବିଏସ ବଘିଆପଡ଼ାର ସମ୍ପାଦକ ଶ୍ରୀକାନ୍ତ ସାହୁ, ସହକାରୀ ଶିକ୍ଷକ ନିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ସଂଜିତ ସାହୁ ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୁନିକୁନି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜ୍ୟୋତିପ୍ରିୟା ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ, ଶିକ୍ଷକ ଦୀପକ ମହାକୁଡ ସହଯୋଗ କରିଥିଲେ।

# ସମସ୍ତେ ସ୍ୱେଚ୍ଛାରେ ରକ୍ତ ଦେଲେ



ତରଭା,୧୬।୮ (ସମିସ)

ସ୍ଥାନୀୟ ମାରୱାଡି ଧର୍ମଶାଳାରେ ରବିବାର ମାହେଶ୍ୱରୀ ସଂଗଠନ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସଂଗଠନର ତରଭା ସଭାପତି ପ୍ରଦୀପ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦ୍ୱିତୀୟ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ତରଭା ଥାନା ଆଇଆଇସି ଡୋଳାମଣି ନାଏକ ଓ ସମ୍ମାନିତ ଅତିଥିଭାବେ ଉପ ନଗରପାଳ ଗଗନ ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ମାନସ ସାହୁ, ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପଣ୍ଡିଆ, ବଲାଙ୍ଗୀର ସଂଗଠନର ସଭାପତି ଶୋଭନ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୬୩ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବଲାଙ୍ଗୀର ରକ୍ତ ଭଣ୍ଡାରର ଡାକ୍ତର ଅଶୋକ ମିଶ୍ର, ଟେକନିସିଆନ ଗଂଜନ ବରାଡ଼, ନର୍ସିଂ ଅଫିସର ଜ୍ୟୋତିର୍ମୟୀ ନାଏକ, କାଉନସେଲର ଶେଖ ଅସରଫ, ସଜ୍ଜନ ରଣା ଓ ସୁଶୀଲ ସୁନା ରକ୍ତ ସଂଗ୍ରହ କରିଥିଲେ। ଦୀନବନ୍ଧୁ ବାଗ, ବିଜ୍ଞାନ ମିଶ୍ର, ସୋମ ମିଶ୍ର, ଅମର ବାଗ, ଆଶିଷ ବାରିକ, ସତ୍ୟଜିତ ହାତୀ, ପିଣ୍ଟୁ ମେହେର, ଦିନେଶ କର୍ମୀ, ରିଙ୍କୁ ବଗର୍ତ୍ତୀ, ସୋନୁ ମେହେର, ଅଜିତ ସୁନା, ସୁନିଲ ମେହେର ଏବଂ ସର୍ଜନ ବାଗର୍ତ୍ତୀ ସହଯୋଗ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ଓ ନେତାଜୀ କ୍ଲବ ସହଲା ମିଳିତ ଆନୁକୂଲ୍ୟରେ ସହଲା କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ତତ୍ତ୍ୱବଧାନରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ଥାନା ଧିକାରୀ ରୋଜାଲିନ ପଟେଲ, ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ ଓ ସହଲା ପ୍ୟାକ୍ସ ସଭାପତି ହରିବନ୍ଧୁ ପଧାନ୍ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବରଗଡ ରକ୍ତ ଭଣ୍ଡାର ଦଳ ବବିତା ମାଝୀ, ମହେନ୍ଦ୍ର ମେହେର ଓ କୃଷ୍ଣଚନ୍ଦ୍ର ସାହୁ ରକ୍ତ ସଂଗ୍ରହ କରିଥିଲେ। ସେବା ଫାଉଣ୍ଡେସନର ସଭ୍ୟା ନିତା ପଟେଲ, ଶ୍ରଦ୍ଧାଞ୍ଜଳି ପଟେଲ, ଆରତୀ କଟୋଡ଼ିଆ, ଚିତ୍ତରଞ୍ଜନ ସାହୁ, କଲିମ୍ ଖାଁ, ସୁଶାନ୍ତ ବାରିକ ଏବଂ ନେତାଜୀ କ୍ଲବର ସମ୍ପାଦକ ତୁଫାନ ପଧାନ, ସଭ୍ୟ ସୁଶାନ୍ତ ମେହେର, ରାଜେଶ ପଧାନ, ସଞ୍ଜୀବ ପଧାନ, ରାଜୁ ନାଏକ, ପପୁନ ସାହୁ, ସମ୍ବିତ୍ ବରିହା, ବିଶ୍ୱ ଭୋଇ, ଜୟଦେବ ନାଏକ୍, କୃତିବାସ ନାଏକ୍, ଶିକୁ ଗହିର, ଭାଗ ମହଲିଙ୍ଗ, ରମେଶ ବେହେରା, ଅଭିମନ୍ୟୁ ନାଏକ, ଯୋଗାନନ୍ଦ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସର୍ଗୁଲ ଶ୍ରୀ ରାମ କମିଟି ଓ ନିଷ୍ଠା ପରିବାରର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଅଞ୍ଚଳର ଯୁବନେତା ପସଂଗ୍ରହ ହୋଇଛି। ନିଷ୍ଠା ପରିବାରର ଉପ ସଭାପତି ସଚି ପଣ୍ଡାଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ସୁନିଲ ସାହୁ, ପଞ୍ଚାୟତ କର୍ମଚାରୀ ପ୍ରମୋଦ ବାରିକ, ଚୂଡ଼ାମଣି ଦାସ ବିଶେଷ ସହଯୋଗ କରିଥିଲେ। ଦୁର୍ଯୋଧନ ସାହୁ, ଦେବାକାନ୍ତ ବଞ୍ଚୋର୍, ଦେବର୍ଚ୍ଚନ ରଣା, ଦଶରଥ ମେହେର, ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ବାରିକ, ଜୈମିନି ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଇବ୍‌ଥର୍ମାଲ:** ଝାରସୁଗୁଡ଼ା ଜିଲ୍ଲା ପୁଲିସ ତଥା ତଥା ବ୍ରଜରାଜନଗର ଉପଖଣ୍ଡ ପକ୍ଷରୁ ବନହରପାଲି ଥାନା ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର କଲ୍ୟାଣ ମଣ୍ଡରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ୬୩୩ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଥିଲା। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ଉପସ୍ଥିତିରେ ଏହି ଶିବିରକୁ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଏମସିଏଲ ଡାଇରେକ୍ଟର (ଟେକିନିକାଲ୍) ସଞ୍ଜୟ କୁମାର ଝା, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ୱବଦ କିଶୋର ପାଣ୍ଡେ , ବିସିଜିସିଏଲ୍ ପ୍ରୋଜେକ୍ଟ ମୁଖ୍ୟ ରମେଶ ସିଂହ, ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବରିଷ୍ଠ ସରକାରୀ ଓକିଲ ପ୍ରମୋଦ ସେନାପତି, ବିଜେପି ଜିଲ୍ଲା ଉପ ସଭାପତି ନଓ୍ୱଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

**ଝାରସୁଗୁଡ଼ା:** ଜିଲ୍ଲା ପ୍ରଶାସନ ଏବଂ ୟଙ୍ଗଷ୍ଟାର ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମନମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୦ ଜଣ ରକ୍ତଦାନ କରିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧୀକ୍ଷକ ଜି. ଆର୍. ରାଘବେନ୍ଦ୍ର ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ







୧୦୮ ଫୁଟ୍ ଉଚ୍ଚରେ ଉଡ଼ିଲା ତ୍ରିରଙ୍ଗା











**ବରଗଡ଼:** ବରଗଡ଼ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ବରଗଡ଼ ଜିଲ୍ଲାର ପଦ୍ମ ପୁରସ୍କାରପ୍ରାପ୍ତ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ। ସମାରୋହରେ ପଦ୍ମଶ୍ରୀ ଡ଼ ହଳଧର ନାଗଙ୍କ ସମେତ ୧୦ ଜଣ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

**ବରଗଡ଼:** ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିବାବେଳେ ସର୍ବଶ୍ରୀ ହରଦୀପ ସିଂହ, ସାଧୁଚରଣ ନେପାକ, ସରୋଜ କୁମାର ଷଡଙ୍ଗୀ, ଅନନ୍ତ ଶୟନ ପାଢ଼ୀ, ପ୍ରତାପ ଚନ୍ଦ୍ର ନାୟକ, ରବିନାରାୟଣ ପଣ୍ଡା, ଗୌରାଙ୍ଗ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବରଗଡ଼:** ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ କ୍ୟାମ୍ପସରେ ନବନିର୍ମିତ ୧୦୮ ଫୁଟ୍ ଉଚ୍ଚରେ ଜାତୀୟ ପତାକା ତ୍ରିରଙ୍ଗା ଉନ୍ମୋଚିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଏବଂ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଡି. ମୁରଲୀ କ୍ରିଷ୍ଣାଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଡାଇରେକ୍ଟର ଡି. ବିବେକ କୁମାର, କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ସିନିୟର ସେକାଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ସିଏଚ୍ଏସ୍ଇ ଅଧ୍ୟକ୍ଷ ନାରାୟଣ ରଥ, ଏସ୍. କେ. ରାଓ, ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ବରଗଡ଼:** ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ବିଦ୍ୟାଳୟରେ କ୍ରିଷ୍ଣା ବିକାଶ ସମୂହର ଚେୟାରମେନ୍ ଡି. ମୁରଲୀ କ୍ରିଷ୍ଣା ଜାତୀୟପତାକା ଉତ୍ତୋଳନ କରିଥିଲେ। ଏହିଅବସରରେ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବେଶରେ ସଜ୍ଜିତ ହୋଇ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ବିକାଶ ବିଦ୍ୟାଳୟର ଏକ୍ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଶ୍ରେଷ୍ଠ ପରେଡ୍ ଦଳ ଘୋଷଣା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ।

**ବରଗଡ଼:** ବରଗଡ଼ କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୃଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଡି. ବିବେକ ଦିଶାରୀ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡାଇରେକ୍ଟର ସମରେନ୍ଦ୍ର ପଣ୍ଡା ଯୋଗ ଦେଇଥିବାବେଳେ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ପ୍ରଶାସନ ତରଫରୁ ସ୍ଥାନୀୟ ରାଜବୋଡ଼ାସମ୍ବର (ଆର.ବି.) ହାଇସ୍କୁଲ ଖେଳ ପଡ଼ିଆଠାରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୪୫ ଗୋଟି ପ୍ଲାଟୁନ୍ ଅଂଶଗ୍ରହଣ କରି ମନୋଜ୍ଞ ପ୍ୟାରେଡ ପ୍ରଦର୍ଶନ କରିଥିଲେ।

**ସୋହେଲା:** ସୋହେଲା ବ୍ଲକ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସୋହେଲା ମିନି ଷ୍ଟାଡିଅମ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ ତଥା ଅବସର ପ୍ରାପ୍ତ ହାଇସ୍କୁଲ ଶିକ୍ଷକ ବୃନ୍ଦାବନ ପ୍ରଧାନଙ୍କୁ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାଟ୍ରିକ୍ ପରୀକ୍ଷାରେ ସୋହେଲା ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ୩ଜଣ ଛାତ୍ରଙ୍କୁ ଡା ଶିଶିର କୁମାର ସାହୁ ମେଧା ସମ୍ମାନରେ ସମ୍ମାନିତ କରିଥିଲେ।

**ବରଗଡ଼:** ବିକାଶ ହାୟର ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ମୁଖ୍ୟଅତିଥିଭାବେ ଲକ୍ଷ୍ମୀ ବିକାଶ ଗ୍ରୁପଅଫ୍ ଇନ୍‌ଷ୍ଟିଚ୍ୟୁସନର ମୁଖ୍ୟ ଡି. ନାଗେଶ୍ୱର ରାଓ ପତାକା ଉତ୍ତୋଳନ କରିଥିଲେ। ଏହି ସମାରୋହରେ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ, ଡିଗ୍ରୀ କଲେଜ୍, ଲ' ସ୍କୁଲ, ପାଲିଟେକ୍‌ନିକ୍, ନର୍ସିଂ ଓ ବିକାଶ ଫାର୍ମାସୀ କଲେଜ୍‌ର ପ୍ରତିନିଧିତ୍ୱରେ ସାମୂହିକ ପରେଡ ପ୍ରଦର୍ଶିତ ହୋଇଥିଲା। ଯାହାର ସଂଯୋଜନା ଦାୟିତ୍ୱ ଛାତ୍ରୀ ଏକତା ରଥ ଓ ଅର୍ପିତା ମିଶ୍ର କରିଥିଲେ। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ସରୋଜ ମହାପାତ୍ର ବିଚାରପତି ଭାବରେ ଯୋଗଦେଇ ଶ୍ରେଷ୍ଠ ପରେଡ୍ ଗ୍ରୁପ ଚୟନ କରିଥିଲେ ଏବଂ ଉକ୍ତ ଅବସରରେ ତାଙ୍କର ସଂକ୍ଷିପ୍ତ ଅଭିଭାଷଣ ଉପସ୍ଥାପନ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକର ଏମଇ ସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏବଂ ପରେଡରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ବିନ୍ଧ୍ୟାବାସିନୀ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଲୋହିତ କୁମାର ବାରିକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଏବିଇଓ ରାଧେଶ୍ୟାମ ମେହେର ପତାକା ଉତ୍ତୋଳନ କରିଥିଲେ। ପାଇକମାଳ ଥାନାରେ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, କଂଗ୍ରେସ ଭବନରେ ବରିଷ୍ଠ କଂଗ୍ରେସ ନେତା ବିନୋଦ କାଲିଆ ପତକା ଉତ୍ତୋଳନ କରିଥିଲେ ଏବଂ ପାଇକମାଳ ସମବାୟ ସମିତିରେ ସଭାପତି ବିଜୁ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବରପାଲି:** ବରପାଲି ହାଇସ୍କୁଲ ଖେଳପଡ଼ିଆ ପ୍ରାଙ୍ଗଣରେ ମୁଖ୍ୟ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦିନେଶ ଗହୀର ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ଯୋଗ ଗୁରୁକୃଷ୍ଣ ଚନ୍ଦ୍ର ମେହେର ପିଙ୍କି ହଂସ, ମାଟ୍ରିକ୍ ଟପ୍ପର ପ୍ରିନସି ପଧାନଙ୍କୁ ସମ୍ମାନିତ କରିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ବରଗଡ଼:** ବରଗଡ଼ ଜିଲ୍ଲା ସଂଗ୍ରାମୀ 'ସହୀଦ ଓ ସ୍ମୃତି କମିଟି' ପକ୍ଷରୁ ହଳଦିପାଲିସ୍ଥିତ ବୀର ଛକଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଝାଙ୍କର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି କେଦାର ମିଶ୍ର, 'ସହୀଦ ଓ ସ୍ମୃତି କମିଟି ଉପ ସଭାପତି ରବିନାରାୟଣ ପଣ୍ଡା, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଓ ସ୍ମୃତି ସମିତି ତରଫରୁ ସର୍ବଶ୍ରୀ ପାଣ୍ଡବ କର୍ଣ୍ଣ, ଗିରିଶ ମାଝୀ, ବିକାଶ ଅଗ୍ରୱାଲ, ପ୍ରମୁଖ ଉପସ୍ଥିତ ଥିଲେ।

**ସୋହେଲା:** ସୋହେଲା ନିକଟସ୍ଥ ସଂଗ୍ରାମୀ ପିଠ ପାଣିମୋରା ଗ୍ରାମରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପୂର୍ବରୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ତ୍ୟାଗ ଓ ବଳିଦାନ ଦେଇଥିବା ପାଣିମୋରା ଗ୍ରାମର ଅମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ସରକାରୀ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ବିଧାୟକ ସନତ କୁମାର ଗଡ଼ତୀୟା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଜେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ୟାନ୍ୟ ଅତିଥି ବୃନ୍ଦ ତଥା ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ୟାରେଡ଼ ପରେ କୃତୀ ଛାତ୍ର ଛାତ୍ରୀ ଓ ଅନୁଷ୍ଠାନ ସମୂହଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଘଟଣାରେ ଯୁବ ବ୍ୟାଙ୍କ୍ କର୍ମଚାରୀଙ୍କ ପରଲୋକ

**ପଦ୍ମପୁର, ୧୬।୮ (ସମିସ):** ଗତ ୧୫ ତାରିଖରେ ଯୁଯୁମୁରା ଠାରେ ହୋଇଥିବା ଭଲଭୋ ବସ୍ ଦୁର୍ଘଟଣାରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀ ତଥା ବିଶିଷ୍ଟ ମଞ୍ଚ ଅଭିନେତା ଦୀପକ ଦାଶଙ୍କର ପରଲୋକ ଘଟିଛି। ଖବର ପ୍ରସାରିତ ହେବାପରେ ପଦ୍ମପୁରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗତକାଲି ତାଙ୍କ ମର ଶରୀର ପହଞ୍ଚିବାପରେ ତାଙ୍କ ବାସଭବନରେ ଅନେକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବ୍ୟାଙ୍କ୍ କାମରେ ଭୁବନେଶ୍ୱର ଯାଇ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।



ପଦ୍ମପୁର ଅବର୍ଣ୍ଣଗୁଡ଼ା ନାଟ୍ୟ ସଂସଦର ସେ ସକ୍ରିୟ ସଭ୍ୟ ଥିଲେ।

● ବାରବଖରାରେ ଚାଲିଗଲା ପୁଣି ଜଣଙ୍କ ଜୀବନ

## ଗାଧୋଉଥିବା ବେଳେ ଖସିପଡ଼ି ଯୁବକଙ୍କ ମୃତ୍ୟୁ

**ବରଗଡ଼, ୧୬।୮ (ସମିସ):** ରବିବାର ଛୁଟିଦିନରେ ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ବାରବଖରା ଜଳପ୍ରପାତରେ ଗାଧୋଉଥିବା ସମୟରେ ଖସିପଡ଼ି ଜଣେ ୨୯ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ରିତେଶ ପଧାନ। ସେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସର୍କଲ ଅଞ୍ଚଳରେ ହାଇସ୍କୁଲ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁସାରେ, ରିତେଶ ତାଙ୍କ ୪ଜଣ ସାଙ୍ଗଙ୍କ ସହ ଭୋଜି କରିବା ସହ ବାରବଖରା ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଉଥିବା ବେଳେ ହଠାତ୍ ସେ ତଳକୁ ଖସିପଡ଼ିଥିଲେ। ଅଗ୍ନିଶମ ବାହିନୀ ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ରିତେଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଛୁଟିଦିନରେ ବାରବଖରାକୁ ପର୍ଯ୍ୟଟକଙ୍କ ଭିଡ଼ ବଢୁଥିବାରୁ ଜଳପ୍ରପାତ ଓ ଝରଣା ନିକଟରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ସତର୍କତା ସୂଚନା ଓ ପର୍ଯ୍ୟଟକଙ୍କ ପାଇଁ ସଚେତନତାମୂଳକ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଆନନ୍ଦପୁର ରିଂରୋଡରେ ଘାଇହେବା ଘଟଣା

# ଜଳସମ୍ପଦ ବିଭାଗ ନାମରେ ଏତଲା

ଆନନ୍ଦପୁର,୧୬।୮ (ସମିସ)




ବୈତରଣୀ ନଦୀର ଉପରେ ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରି ଜୁଲାଇ ୨୮ ତାରିଖ ବିଳମ୍ବିତ ରାତିରେ ଆନନ୍ଦପୁର ରିଂରୋଡରେ ୫୦ ଫୁଟରୁ ଅଧିକ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପୌରାଞ୍ଚଳର ୩ଟି ୱାର୍ଡ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘାଇରେ ଗାଡ଼ି ଭାସିଯାଇ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହେବାସହ ଚଳିତ ବୈତରଣୀ ବନ୍ୟା ପ୍ରଥମ ମୁଣ୍ଡ ନେଇଥିଲା। ବନ୍ଧ ଭାଙ୍ଗିବା ପରେ ଏକପ୍ରକାର ସ୍ପଷ୍ଟ ହୋଇଛି ଯେ, କେବଳ କାଗଜପତ୍ରରେ ନଦୀ ବନ୍ଧ ମରାମତି ହେଉଥିଲା ବୋଲି ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଏନେଇ ଆନନ୍ଦପୁର ଥାନାରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଏତଲା ଦେଇ ଶ୍ରୀ ସାହୁ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୨୮ ତାରିଖ ବନ୍ଧ ଭାଙ୍ଗିବା ପରେ ବିଭାଗ ଏହାର ମରାମତି ପାଇଁ ଆଦୌ ତତ୍ପର ନ ଥିଲା। ଅଗଷ୍ଟ ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ୭ ଦିନ ମଧ୍ୟରେ ଏହାର ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଘାଇସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଗତ ୫ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତୁରନ୍ତ ଘାଇ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ଘଟିବାର ୧୫ ଦିନ ପରେ ଘାଇ ମରାମତି ହୋଇ ନଥିବା କାରଣରୁ ଗତ ୧୩ ତାରିଖ ରାତି ୭ଟା ପରେ ପୁଣି ଆନନ୍ଦପୁର ସହରକୁ ବନ୍ୟା ପାଣି ପଶିଥିଲା। ଏଥିରେ ଦ୍ୱିତୀୟ ଥର ଧନ, ସମ୍ପତି ନଷ୍ଟ ହୋଇଥିଲା। ଶାସକ ଗୋଷ୍ଠି ନେତା ଙ୍କ ପ୍ରରୋଚନା ରେ ଦଳୀୟ କର୍ମୀଙ୍କ ଦ୍ୱାରା ଘାଇ ମରାମତି ମହଙ୍ଗା ପଡିଲା ଏବଂ ଏହି ଘାଇ ବିଭାଗୀୟଅଧିକାରୀ କୃତ ବୋଲି ଶ୍ରୀ ସାହୁ କଟାକ୍ଷ କରି କହିଛନ୍ତି। ପୌରାଂଚଳର ଯେଉଁ ୩ଟି ୱାର୍ଡ ଏହି ଘାଇ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ବିଭାଗୀୟ ଅଧିକାରୀଙ୍କୁ ମୌସୁମୀ ଆସିବା ଓ ବନ୍ୟା ସମ୍ପର୍କରେ ଢେର୍ ପୂର୍ବରୁ ସୂଚନା ଥିଲା। ତେବେ କାର୍ଯ୍ୟରେ ଅବହେଳା ଓ ସୂଚନାକୁ ଅଣଦେଖା କରିବା ଯୋଗୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ଧର ସୁରକ୍ଷା କଥା ଚିନ୍ତା ନକରି କାର୍ଯ୍ୟରେ ଅବହେଳା କରିଥିବାରୁ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ନିଜେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୭ ଦିନର ମହଲତ ନେଇଥିବା ବେଳେ କାର୍ଯ୍ୟ ଆଶାନୁରୂପକ ଭାବେ ଆରମ୍ଭ ହୋଇ ନଥିଲା। ଯେଉଁଥିପାଇଁ ପୁନର୍ବାର ଏଭଳି ଅବସ୍ଥା ଆନନ୍ଦପୁର ସହରବାସୀଙ୍କୁ ଭୋଗିବାକୁ ପଡ଼ିଲା। ଅପରପକ୍ଷରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଅମାନ୍ୟ କରିବା ସେମାନଙ୍କ ପାରିବାପଣିଆକୁ ପଦାରେ ପକାଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ମୋରଡା,୧୬।୮ (ସମିସ): ଲଗାଣ ବର୍ଷାରେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ବହୁ ଲୋକଙ୍କ ଘରେ ପାଣି ପଶି ଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋରଡା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପୂର୍ବତନ ବିଧାୟକ ରାଜକିଶୋର ଦାସ ମୋରଡା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ହଳଦୀପାଳ ପଞ୍ଚାୟତର ସମାଇଡ଼ିହିରେ ବହୁ ପରିବାର କେନାଲ ପାଣି ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ରାସ୍ତାରେ ପାଲ ଟାଙ୍ଗି ରହିଥିଲେ। ଶ୍ରୀ ଦାସ ସମାଇଡ଼ିହି ଗାଁକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବାବେଳେ ବିଡିଓଙ୍କୁ କହି ରନ୍ଧା ଖାଦ୍ୟ ଯୋଗାଇଛନ୍ତି। ଶ୍ରୀ ଦାସ ଙ୍କ ସହିତ କ୍ଷିତୀଶ ମହାନ୍ତ, ରାମାଇ ମାରାଣ୍ଡି, ଅମ୍ବୁଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କର୍କଟ ରୋଗୀଙ୍କ ପାଇଁ ପ୍ଲେଟଲେଟ ଦାନ

ବାରିପଦା, ୧୬।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସେ ନିଜର ପ୍ଲେଟଲେଟ ଦାନ କରିଛନ୍ତି। ଡଃ ନିର୍ମଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବେଧାନରେ ସୌଭାଗ୍ୟ ମଞ୍ଜରୀ ଦ୍ୱିବେଦୀଙ୍କ ଦ୍ୱାରା ଏହି ପ୍ଲେଟଲେଟ ସଂଗ୍ରହ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଏ ସମୟରେ କଟକର ବିଶିଷ୍ଟ ସମାଜସେବୀ ଲଳିତ ରାୟ, ଦେବୀ ପ୍ରସନ୍ନ ଜେନା ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଡଃ ପୋଥାଳଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ। ଡଃ ପୋଥାଳ ପୂର୍ବରୁ ବହୁବାର ବାରିପଦାରୁ କଟକ ଓ ଭୁବନେଶ୍ୱର ଆସି ଡେଙ୍ଗୁ, କ୍ୟାନ୍ସର ଓ ବୋନ୍-ମେରୋ ରୋଗରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ପାଇଁ ନିୟମିତ ଭାବେ ପ୍ଲେଟଲେଟ ଓ ରକ୍ତ ଦାନ କରିଆସୁଛନ୍ତି।




## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ



ରାସଗୋବିନ୍ଦପୁର, ୧୬।୮ (ସମିସ): ଲଗାଣ ବର୍ଷା ଓ ବନ୍ୟାରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ରବିବାର ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ପ୍ରଥମେ ମୋରଡ଼ା ନିର୍ବାଚନମଣ୍ଡଳୀର ମୋରଡ଼ା ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିବା ପରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚିଥିଲେ। ସାନନଦୀର ବନ୍ୟାରେ ପ୍ରଭାବିତ ସାରୁମୂଳ, ପାରୁଲିଆ, ପୁରୁଣାପାଣି, ରାଇଡିହା, ଚିଙ୍ଗଡ଼ାବନ୍ଧ ଗୋବରା ଓ ପରମା ଖାଳ ଅଞ୍ଚଳର ସମେତ ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଥିଲେ।"ସେହିପରି ଜାମ୍ବୀରା ନଦୀର ବନ୍ୟା ଯୋଗୁଁ ପ୍ରଭାବିତ ରାଘବପୁର ପଞ୍ଚାୟତର ଏକତାଳି, ଭଇରଙ୍ଗୀ, ତୁଟାପଡ଼ା ପଞ୍ଚାୟତର ହାଣ୍ଡିଧୁଆ, ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ଓ ଖୁଣ୍ଟାପାଳ ପଞ୍ଚାୟତର ଗମ୍ଭାରିଆ ଆଦି ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ଅବସରରେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାର ଓ ସ୍ଥାନୀୟ ଲୋକଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସହ ବନ୍ୟାରେ ଭାଙ୍ଗିଯାଇଥିବା ଘାଇ ଓ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କ ସମେତ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ରାସ୍ତାଘାଟ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ମନ୍ତ୍ରୀ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଉଦଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବାଲିଆପାଳଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଦାବି




ଉଦଳା,୧୬।୮ (ସମିସ): ବାଲିଆପାଳଠାରୁ ବିଜୟୱାଡ଼ା ୧୦୫୦ କିମି ନୂତନ ରେଳପଥ ନିର୍ମାଣ ନିମନ୍ତେ ଆଜି ଉଦଳା ବିଜୁ ଜନତା ଦଳ ପକ୍ଷରୁ ଉଦଳା ବିଜୁ ଜନତା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନଙ୍କ ନେତୃତ୍ୱରେ ହୋଇଥିବାବେଳେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ରେଳପଥ ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦୈତାରୀ, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି. ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ନେଇ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ କେମିତି ସମ୍ଭବପର ହେଇପାରିବ ଆଲୋଚନା କରାଯାଇଥିଲା। ଉକ୍ତ ରେଳପଥ ଦ୍ୱାରା ଆମ ରାଜ୍ୟ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ୍ ନ ଥିବା ଦୁର୍ଭାଗ୍ୟଜନକ। କେନ୍ଦ୍ରୀୟ ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ର କୂଳ)ଠାରୁ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି, ଏଆଇଆଇଏମଏସ, ଇଂଜିନିୟରିଂ କଲେଜ, ସରକାରୀ ଓ ବେସରକାରୀ +୨, +୩ କଲେଜ, ବିଶ୍ୱବିଦ୍ୟାଳୟ, ଡିପ୍ଲୋମା, ନର୍ସି କଲେଜ, ଜଙ୍ଗଲଜାତ ଦ୍ରବ୍ୟର ବଜାର, ପାହାଡ଼ ପର୍ବତମାଳା, ଝରଣା, ଖଣି, ପାଣି, ଜଙ୍ଗଲ, ବନ୍ଦର, ବିମାନ ବନ୍ଦରର ସଂଯୋଗ, ଛୋଟ ବଡ଼ ସହର ଗଢି ଉଠିବା, ଅଭୟାରଣ୍ୟ, ଜୀବ ସଂରକ୍ଷଣ ବ୍ୟବସ୍ଥା, ଜଳ ପ୍ରପାତ, ଜଳ ଭଣ୍ଡାର, ଗମନାଗମନର ସୁବିଧା ଓ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ। ତେଣୁ ବାଲିଆପାଳରୁ ବିଜୟୱାଡା ରେଳ ଲାଇନ ନିର୍ମାଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ବନ୍ୟାଞ୍ଚଳରେ ଇନରହୁଇଲ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ

ବାରିପଦା, ୧୬।୮ (ସମିସ): ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବାରିପଦା ସହରାଞ୍ଚଳର ତଳି ଅଞ୍ଚଳରେ ବାରିପଦା ଇନରହୁଇଲ କ୍ଲବ ସଦସ୍ୟା ପ୍ରଶାସନ ସହଯୋଗର ରନ୍ଧା ଖାଦ୍ୟ ସହ ପାଉଁରୁଟି, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଥିଲେ। ସଭାପତି ସୁପ୍ରୀତି ଦଳବେହେରାଙ୍କ ନେତୃତ୍ୱରେ ସଂପାଦିକା ସଂଯୁକ୍ତା ଚାନ୍ଦ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, ଉପସଭାପତି ନର୍ମଦା ନାୟକ, ଦୁର୍ଗାବତୀ ମହାପାତ୍ର, ପ୍ରାକ୍ତନ ସଭାପତି ପ୍ରଭାତି ମହାପାତ୍ର, ସଂଯୁକ୍ତା ଦାଶ, ସୁମନ ଅଗ୍ରୱାଲ, କବିତା ଦାସ ପ୍ରମୁଖ ଦେଉଳସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ବଣ୍ଟନ କରିଥିଲେ।



## ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ ବଣ୍ଟନ



ତୁରୁମୁଙ୍ଗା,୧୬।୮ (ସମିସ): ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳର ମଙ୍ଗଳପୁର, ଏରେଣ୍ଡେଇ ଓ କୁଆପଶି ଗ୍ରାମରେ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ଅନୁକମ୍ପା ଆପ୍ ମାଧ୍ୟମରେ ହାତୀପଲଙ୍କ ଦ୍ୱାରା ହୋଇଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରାଯାଇଛି। ହାତୀ ଉପଦ୍ରବ ଅଞ୍ଚଳରେ ରାତି ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଟର୍ଚ୍ଚ ଲାଇଟ୍ ଯୋଗାଇଦେବା ଦାବିରେ ଗତ ଶୁକ୍ରବାର ଉତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସେତେବେଳେ ବନ ବିଭାଗ ପକ୍ଷରୁ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ରବିବାର କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି। ସେହିପରି ହାତୀ ଆକ୍ରମଣରେ ରଜନୀ ମହାରଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ତାଙ୍କୁ ଆଶ୍ରୟ ପାଇଁ ବନ ବିଭାଗ ପକ୍ଷରୁ ପଲିଥିନ୍ ପ୍ରଦାନ କରାଯାଇଛି। ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଗୋରାଣ୍ଡିଯୋଡି ବନରକ୍ଷୀ ସାଗରିକା ବେଜ୍ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରିଥିଲେ। ହାତୀ ଉପଦ୍ରବ ଯୋଗୁଁ ଭୟଭୀତ ହୋଇ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷା ଓ ରାତ୍ରିକାଳୀନ ଯାତାୟାତରେ ଏହି ଟର୍ଚ୍ଚ ଲାଇଟ୍ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବିପଦ ସଙ୍କେତ ଉପରେ ଜମ୍ବୀରା ନଦୀ

# ପୁଣି ବନ୍ୟା ଆଶଙ୍କା, ଆତଙ୍କିତ ତଳି ଅଞ୍ଚଳବାସୀ



ରାସଗୋବିନ୍ଦପୁର,୧୬।୮ (ସମିସ): ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ପ୍ରବାହିତ ଜମ୍ବୀରା ନଦୀର ଜଳସ୍ତର ପୁଣି ବିପଦ ସଂକେତ ଉପରରେ ପ୍ରଭାବିତ ହେଉଛି। ମାଥାନୀଠାରେ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଖବର ମିଳିବା ପରେ ନଦୀକୂଳ ଓ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି। ଗତ ୧୩ ତାରିଖରେ ଜମ୍ବୀରା ନଦୀରେ ଆସିଥିବା ବନ୍ୟା ପରିସ୍ଥିତିରୁ ଲୋକେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୁକୁଳି ପାରିନଥିବା ବେଳେ ପୁଣି ଲଗାଣ ବର୍ଷା ଆରମ୍ଭ ହୋଇଛି। ଫଳରେ ତଳି ଅଞ୍ଚଳବାସୀ ପୁଣି ଏକ ବଡ଼ ବନ୍ୟାର ଆଶଙ୍କାରେ ପ୍ରମାଦ ଗଣୁଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବ ସୂଚନା ଜାରି ହୋଇଥିବା ବେଳେ ରାସଗୋବିନ୍ଦପୁର ଅଞ୍ଚଳରେ ମଧ୍ୟ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହି ବର୍ଷା ଜାରି ରହିଲେ ଜମ୍ବୀରା ନଦୀର ଜଳସ୍ତର ଆହୁରି ବଢ଼ି ଆଉ ଏକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବିଡିଓ ଅନନ୍ତ ହାଁସଦା ସୂଚନା ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା କୁହାଯାଇଛି। ଜମ୍ବୀରା ନଦୀର ଜଳସ୍ତର ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ବେଳେ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା,୧୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ମାଟି ଓ ଟାଇଲି ଘର ଭାଙ୍ଗିବା ସହବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମର ନୀର ମହାନ୍ତଙ୍କ ଟାଇଲ ଘରଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ମୁରୁସୁଆଁ ପଞ୍ଚାୟତ ଅନ୍ତର୍ଗତ ଡେଣୁଆଁ ଗ୍ରାମର ସୁରେଶ ମାଟିଆଙ୍କ ଗୁହାଳ ଘରଟି ମଧ୍ୟ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ପାଟଣା ତହସିଲ ଅଞ୍ଚଳରେ ସମୁଦାୟ ୧୮ ଟି ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଜାରି ରହିଥିବା ସହ ଆସନ୍ତା କାଲି କେନ୍ଦୁଝର ଜିଲ୍ଲାକୁ ପ୍ରବଳ ବର୍ଷା ହେବାନେଇ ପାଣି ପାଗ ବିଭାଗ ପକ୍ଷରୁ ରେଡ଼ ୱାର୍ଣ୍ଣି ଜାରି କରାଯାଇଥିବାରୁ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘରବାଡ଼ି ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସମସ୍ତ ପ୍ରକାର ସ୍ଥିତି ପାଇଁ ପ୍ରଶାସନ ସଜାଗ ହେବା ସହ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛି।



## ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ସ୍ମୃତିସଭା



ତୁରୁମୁଙ୍ଗା,୧୬।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ରବିବାର ତୁରୁମୁଙ୍ଗାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଉପସ୍ଥିତ ନେତା ଓ କର୍ମୀମାନେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମାଜସେବୀ ଅନିଲ ଚାୱାଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଜେପି କର୍ମୀ ଯୋଗଦେଇଥିଲେ।

## ବିଶୋଇ ବଜାରରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ

ବିଶୋଇ,୧୬।୮ (ସମିସ): ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ଓ କାଦୁଆଣି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ ସହିତ ଏହାର ଶୁଭ ଉଦଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସ ଅବସରରେ ବିଶୋଇ ବଜାରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶୋଇ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି ଏହି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ସୁଇଚ ଟିପି ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବି ନ୍ଦୁ ସ୍ମି ତ । ଦେଓ, ବରିଷ୍ଠ ଆ ଇ ନ ଜି ବ ୀ ସଞ୍ଜୀବ ମାହାନ୍ତି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିଶୋଇ ବଜାରକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରିବା ପାଇଁ ଜନସାଧାରଣଙ୍କ ବହୁତ ଦିନର ଦାବି ରହି ଆସୁଥିବାବେଳେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡିଙ୍କ ଉଦ୍ୟମକ୍ରମେ ପଞ୍ଚାୟତ ପାଣ୍ଠି ବିନିଯୋଗରେ ଏହି ଆଲୋକୀକରଣ ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହି ପ୍ରକଳ୍ପରର ବିଶୋଇ ବଜାର, ବିଶୋଇ ବଜାର ଠାରୁ ବିଶୋଇ ଗାଁ ମିନି ଷ୍ଟାଡିୟମ ଏବଂ ଆଦର୍ଶ ଗ୍ରାମ ମାନ୍ୟତା ପାଇଥିବା କାଦୁଆଣି ଗ୍ରାମରେ ଷ୍ଟ୍ରିଟ ଲାଇଟ ଦ୍?ାରା ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତର ଅନ୍ୟ ଗ୍ରାମ ରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯିବ ବୋଲି ସରପଞ୍ଚ କହିଛନ୍ତି।



# ବଉଳା ନାଳ ଉପରେ ବାଉଁଶ ପୋଲ ନିର୍ମାଣ କଲେ ଗାଁ ଯୁବକ

ହାଟଡ଼ିହୀ,୧୬।୮ (ସମିସ)

## ପୋଲ ନିର୍ମାଣ କରିବାରେ ଫେଲ୍ ମାରିଲା ପ୍ରଶାସନ



ଦୀର୍ଘମାସ ବିତିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ବଉଳା ନାଳ ଉପରେ ପୋଲଟିଏ ନିର୍ମାଣ ହୋଇ ନ ପାରିବାରୁ ମଲ୍ଲିପଶି ଓ ବଉଳା ଗାଁର ଉଭୟ ଯୁବଗୋଷ୍ଠୀ ମିଶି ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ପ୍ରଶାସନର ଅବହେଳାକୁ ନିନ୍ଦା କରିଛନ୍ତି। ପ୍ରତିବର୍ଷ ଏହି ବର୍ଷାଋତୁରେ ବଉଳା ନାଳ ଜଳପୂର୍ଣ୍ଣ ହୋଇଯାଏ। ବଢ଼ିଲା ନାଳରେ ପଶି ଯା'ଆସ କରିବାରେ ଗାଁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥା'ନ୍ତି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଗତ ଦୁଇବର୍ଷ ପୂର୍ବରୁ ଟେଣ୍ଡର ସରିଥିଲେ ସୁଦ୍ଧା ବନବିଭାଗର ଅନୁମତି ଅଭାବରୁ ତାହା ନିର୍ମାଣ ହୋଇପାରୁନି। ଯାହାକି, କେନ୍ଦୁଝର ଜିଲ୍ଲାର ମଲ୍ଲିପଶି ଓ ମୟୁରଭଞ୍ଜ ଜିଲ୍ଲାର ବଉଳା ଗାଁ ଲୋକେ ବିଶେଷ ଭାବେ ହଇରାଣ ହେଉଛନ୍ତି। ହାଟଡ଼ିହୀ ବ୍ଲକର ଶେଷସୀମାରେ ରହିଥିବା କେ.ବାଲିପାଳ ପଞ୍ଚାୟତର ଅପହଞ୍ଚ ଇଲାକାରେ ଏହି ମଲ୍ଲିପଶି ଗାଁ ଅବସ୍ଥିତ। ସେଠାକୁ ଯିବା ହେଲେ ଭଲ ରାସ୍ତାଟିଏ ନ ଥିବାବେଳେ ବିନା ପୋଲର ବଉଳା ନାଳ ଗାଁ ଲୋକଙ୍କ ପାଇଁ ଅସୁବିଧାର ମୁଖ୍ୟ କାରଣ ସାଜିଛି। ଏହି ମଲ୍ଲିପଶି ଗାଁରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ କୌଣସି କାର୍ଯ୍ୟନେଇ ନିଜ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ଚାହିଁଲେ ବାମପାର୍ଶ୍ୱରେ ରହିଥିବା ବଉଳା ନାଳ ଏବଂ ଦକ୍ଷିଣ ପାର୍ଶ୍ୱରେ ମାଙ୍ଗିଆଡ଼ ନାଳ ଦୁଃଖର କାରଣ ସାଜିଛନ୍ତି। ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କୁ ମେଡିକାଲ ନେବା ପାଇଁ ନାଳ ପାର କରି ଖଟିଆ ସାହାଯ୍ୟରେ ବୁହା ହୋଇ ଭଲ ରାସ୍ତାଯାଏଁ ନିଆ ହୋଇଥାଏ। ଏହା ଜଙ୍ଗଲିଆ ରାସ୍ତାରେ ଜୀବଜନ୍ତୁଙ୍କ ଭୟ ଲାଗି ରହୁଥିବା ବେଳେ ଏଭଳି ଦୁଃଖ ସେମାନଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଏଭଳି ଅସୁବିଧାକୁ ଲକ୍ଷ୍ୟକରି ଉଭୟ ଜିଲ୍ଲାର ଗାଁ ଯୁବଗୋଷ୍ଠୀଙ୍କ ମଧ୍ୟରେ କାହ୍ନା କଶିମାଳ, ପଦ୍ମଲୋଚନ ବିନିଶିଆ, ବାପି ନାଏକ, ଦେବ ବିନିଶିଆ, ଆଦିତ୍ୟ ବିନିଶିଆ, ବନ୍ଧୁଆ ନାଏକ, ସତ୍ୟବାନ ବିନିଶିଆଙ୍କ ସମେତ ଗାଁର ଅନ୍ୟ ଯୁବକମାନେ ଏହି ବଉଳା ନାଳ ଉପରେ ବାଉଁଶ ଦ୍ୱାରା ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ସେମାନଙ୍କ ପ୍ରତି ପ୍ରଶାସନର ଅବହେଳାକୁ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ଘୋର ନିନ୍ଦା କରିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ନାଳ ଉପରେ ପୋଲଟିଏ ନିର୍ମାଣ ନହେଲେ ଭୋଟ୍ ବର୍ଜନ ଭଳି ନିଷ୍ପତ୍ତି ଗ୍ରହଣ କରିବାକୁ ସେମାନେ ବାଧ୍ୟ ହେବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୮ - ହାୱାଇରେ ପ୍ରଥମ ବ୍ୟାଙ୍କ ଖୋଲାଗଲା।
- ୧୯୧୭- ଇଟାଲୀ ତୁର୍କୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୮ - ତିନିଜଣ ଆମେରିକୀୟ ହଟ୍ ଏୟାର୍ ବେଲୁନ୍‌ରେ ଆଟ୍‌ଲାଣ୍ଟିକ୍ ସାଗର ପାର୍ ହେଲେ।
- ୧୯୮୨- ସର୍ବପ୍ରଥମେ ଜର୍ମାନୀରେ ସିଡି କମ୍ପାକ୍ଟ ଡିସ୍କ ଉପଲବ୍ଧ ହେଲା।
- ୧୯୯୩- ପ୍ରଥମ ଥର ସାଧାରଣ ଲୋକଙ୍କୁ ବକିଂହାମ୍ ପ୍ୟାଲେସ୍ ଭିତରକୁ ଯିବା ପାଇଁ ଅନୁମତି ଦିଆଗଲା।

## ପୋଖରୀରେ ପାଞ୍ଚବର୍ଷ



ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲାର ୧୬ ବର୍ଷ ବୟସ୍କ ଇକବାଲ ଶେଖ୍ ଏକ ବିରଳ ରୋଗରେ ପୀଡ଼ିତ, ଯେଉଁଥିପାଇଁ ତାଙ୍କୁ ବିଗତ ପାଞ୍ଚ ବର୍ଷ ହେଲାଣି ପୋଖରୀରେ ରହିବାକୁ ପଡୁଛି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ପ୍ରବଳ ଜଳାପୋଡ଼ା ଅନୁଭୂତ ହୁଏ। ଅପରପକ୍ଷରେ ଦୀର୍ଘ ସମୟ ଧରି ସେ ପାଣିରେ ରହୁଥିବାରୁ ତାଙ୍କ ଆଙ୍ଗୁଠିଗୁଡ଼ିକ ପଚିବାକୁ ଲାଗିଲାଣି ଏବଂ ଚର୍ମ ଧଳା ପଡ଼ିଯାଇଛି। ତାଙ୍କ ପରିବାରର ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବାରୁ ଇକବାଲଙ୍କର ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ଇକବାଲ ଏକ ରୋଗ ଯୋଗୁଁ ପୋଖରୀରେ ରହିବାକୁ ବାଧ୍ୟ ହେଉଛନ୍ତି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ଅସହ୍ୟ ଜଳାପୋଡ଼ା ହୁଏ, ଯେଉଁଥିପାଇଁ ସେ ନିଜ ଘରଦ୍ୱାର ଛାଡ଼ି ପୋଖରୀ ଭିତରେ ଜୀବନ ବିତାଉଛନ୍ତି। ପାଣିରୁ ବାହାରିଲେ ତାଙ୍କର ମୃତ୍ୟୁ ହୋଇଯିବ ବୋଲି ସେ କହୁଛନ୍ତି। ଯେଉଁ ବୟସରେ ପିଲାମାନେ ସ୍କୁଲ୍ ଯାଆନ୍ତି ଏବଂ ଖେଳକୁଦ କରନ୍ତି, ସେହି ବୟସରେ ଇକବାଲ୍ ଘଣ୍ଟା ଘଣ୍ଟା ଧରି ପୋଖରୀରେ ପହଁରୁଥାନ୍ତି। ତାଙ୍କ ପରିବାର ଲୋକେ କୁହନ୍ତି ଯେ, ଯଦି ସେ ପାଣିରୁ ସାମାନ୍ୟ ମଧ୍ୟ ବାହାରକୁ ଆସେ, ତେବେ ତାଙ୍କ ଶରୀରରେ ଜଳାପୋଡ଼ା ଆରମ୍ଭ ହୋଇଯାଏ। ସେ କେବଳ ୪-୫ ଘଣ୍ଟା ନୁହେଁ, ବରଂ ସପ୍ତାହ ସାରା ପାଣି ଭିତରେ ହିଁ ରହିଥାଏ। କେହି ଗୁଣି ଗାରେଡ଼ି କରି ତାଙ୍କର ଏପରି ପରିସ୍ଥିତି କରିଥିବା ଇକବାଲ କୁହନ୍ତି। ଅନ୍ୟ ପକ୍ଷରେ ଡାକ୍ତରଙ୍କ କହିବା କଥା, ଏହା ଏକ ଗୁରୁତର ଏବଂ ବିରଳ ଚର୍ମ ରୋଗ। ୨୪ ଘଣ୍ଟା ପାଣିରେ ରହିବା ହେତୁ ଇକବାଲ୍‌ଙ୍କ ହାତ-ଗୋଡ଼ ଏବଂ ସମଗ୍ର ଶରୀରର ଚର୍ମ ପଚି ଯାଇ ଧଳା ପଡ଼ିଯାଇଛି। ଦିନରାତି ପାଣିରେ ରହିବା ଯୋଗୁଁ ତାଙ୍କର ସର୍ଦ୍ଦିକାଶ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। ଯେଉଁ ପାଣିରୁ ଗୋଟିଏ ପଟେ ତାଙ୍କୁ ଆଶ୍ୱାସନା ମିଳୁଛି, ଅନ୍ୟପଟେ ସେହି ପାଣି ହିଁ ତାଙ୍କ ପାଇଁ ସମସ୍ୟା ପାଲଟିଛି। ଏହାସତ୍ତ୍ୱେ ମଧ୍ୟ ସେ ପାଣିରୁ ସାମାନ୍ୟ ସମୟ ପାଇଁ ବି ବାହାରେ ରହିପାରୁନାହାଁନ୍ତି। ଇକବାଲ୍‌ଙ୍କ ଏହି ଖବର ଧୀରେ ଧୀରେ ଆଖପାଖ ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ଲୋକେ ତାଙ୍କୁ ଦେଖିବା ପାଇଁ ଆସୁଛନ୍ତି ଏବଂ ପୋଖରୀ ନିକଟରେ ଭିଡ଼ ଜମୁଛି। ଅନେକ ଲୋକ ତାଙ୍କୁ ଖାଇବା ପାଇଁ ଚୁଡ଼ା କିମ୍ବା ବିସ୍କୁଟ୍ ଦେଇଦିଅନ୍ତି, ଯାହାକୁ ସେ ପୋଖରୀ ଭିତରେ ଥାଇ ଖାଇଥାନ୍ତି। ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ସେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଯାଇଥିଲେ, ହେଲେ ସେଠାରେ ତାଙ୍କୁ କୌଣସି ସମାଧାନ ମିଳିଲା ନାହିଁ। ଇକବାଲ୍ କୁହନ୍ତି ଯେ, ତାଙ୍କ ଘରର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନୁହେଁ ଯେ, ସେ କୌଣସି ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସା କରାଇପାରିବେ। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଧ୍ୟ ତାଙ୍କୁ କୌଣସି ବିଶେଷ ଆଶ୍ୱାସନା ମିଳିଲା ନାହିଁ। ଏବେ କିଛି ସ୍ଥାନୀୟ ଲୋକ ତାଙ୍କୁ ସାହାଯ୍ୟ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି, ଏଥିସହିତ ପ୍ରଶାସନ ନିକଟରେ ମଧ୍ୟ ତାଙ୍କ ଚିକିତ୍ସା ପାଇଁ ଗୁହାରି କରୁଛନ୍ତି।

## ବନ୍ଦ ହୋଇନି ଭି. ଶାନ୍ତାରାମଙ୍କ ବାୟୋପିକ୍





ଗତ ବର୍ଷ ଡିସେମ୍ବରରେ ହିନ୍ଦୀ ସିନେମା ଜଗତର ଦିବଂଗତ ଫିଲ୍ମ ନିର୍ମାତା ଭି. ଶାନ୍ତାରାମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ଫିଲ୍ମର ଟାଇଟଲ୍ ରହିଥିଲା 'ଭି. ଶାନ୍ତାରାମ: ଦି ରିବେଲ୍ ଅଫ୍ ଇଣ୍ଡିଆନ୍ ସିନେମା'। ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଏଥିରେ ମୁଖ୍ୟ ଭୂମିକା ପାଇଁ ଚୟନ କରାଯାଇଥିଲା | ଏପ୍ରିଲ୍ ୨୦୨୬ ମସିହାରେ ଏହି ସିନେମାର ସୁଟିଂ ଆରମ୍ଭ ହେବାର ଥିଲା, ହେଲେ ତାହା ଏଯାବତ୍ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଫିଲ୍ମଟିକୁ ଆଉ ନିର୍ମାଣ କରାଯିବ ନାହିଁ ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏବେ ଖୋଦ୍ ନିର୍ଦ୍ଦେଶକ ଅଭିଜିତ୍ ଶିରୀଶ ଏହି ଚଳଚ୍ଚିତ୍ର ବନ୍ଦ ହୋଇଯିବା ଖବରକୁ ଖଣ୍ଡନ କରିଛନ୍ତି। ଏନେଇ ଅଭିଜିତଙ୍କ କହିବା କଥା, "ଫିଲ୍ମ ନିର୍ମାଣ ସାମାନ୍ୟ ବିଳମ୍ବ ହୋଇଛି। ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ। ଆମେ ପ୍ରଥମେ ଏପ୍ରିଲରେ ସୁଟିଂ ଆରମ୍ଭ କରିବାକୁ ଯୋଜନା କରିଥିଲୁ। ଆମର ଯୋଜନା ଥିଲା ଯେ ଯଦି ବର୍ଷା ହୁଏ, ତେବେ ଇନଡୋର ସୁଟିଂ କରିବୁ। ଆମର ଦୁଇ ମାସ ବିଳମ୍ବ ହୋଇଗଲା ଏବଂ ସମ୍ପୂର୍ଣ୍ଣ ସେଡ୍ୟୁଲ୍ ବିଗିଡ଼ିଗଲା। ଆମେ ଏକ ନୂଆ ତାରିଖରେ ଆସନ୍ତା ବର୍ଷ ସୁଟିଂ ଆରମ୍ଭ କରିବାକୁ ଯୋଜନା କରୁଛୁ।" ଏବେ ନିର୍ମାତାମାନେ ସୁଟିଂ ଆରମ୍ଭ ହେବା ମାତ୍ରେ ପ୍ରଥମେ ଆଉଟଡୋର ସୁଟିଂ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ବର୍ଷା ଦିନ ଆସିଲେ, ସେହି ସମୟରେ ଇନଡୋର ସୁଟିଂ ହେବ। ସିଦ୍ଧାନ୍ତଙ୍କ ବିପକ୍ଷରେ ଏଥିରେ ତମନ୍ନା ଭାଟିଆ ନଜର ଆସିବେ। ନିର୍ଦ୍ଦେଶକ ଏହା ମଧ୍ୟ କହିଛନ୍ତି ଯେ, ଫିଲ୍ମରେ ସିଦ୍ଧାନ୍ତ ଏବଂ ତମନ୍ନା ଭାଟିଆଙ୍କ ବ୍ୟତୀତ ଆଉ କିଛି ବଡ଼ କଳାକାର ମଧ୍ୟ ସାମିଲ ହେବେ। ତେବେ ସେ ଅନ୍ୟ କଳାକାରଙ୍କ ନାଁ ପ୍ରକାଶ କରି ନାହାନ୍ତି। ସିଦ୍ଧାନ୍ତଙ୍କ କାମ କଥା କହିବାକୁ ଗଲେ ଚଳିତ ବର୍ଷ ଫେବୃଆରୀ ମାସରେ ତାଙ୍କ ଫିଲ୍ମ 'ଦୋ ଦିୱାନେ ସହର ମେଁ' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ମୃଣାଳ ଠାକୁର ନଜର ଆସିଥିଲେ।


## ପିଲାଙ୍କ ଫୋନ୍ ନିଶା ଦୂର ପାଇଁ...



ଆଜିକାଲି କୁନି କୁନି ପିଲାମାନେ ବି ଘଣ୍ଟା ଘଣ୍ଟା ଧରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାର ଦେଖାଯାଉଛି। ପିଲାମାନଙ୍କର ଏଭଳି ଅଭ୍ୟାସ ଯୋଗୁ ଅଭିଭାବକମାନେ ବେଶ୍ ଚିନ୍ତାରେ ରୁହନ୍ତି। ସୋସିଆଲ ମିଡିଆରେ 'ଅଙ୍କଲ ଏ ଜୁନ୍' ନାମରେ ଜଣାଶୁଣା ୟାନ୍ ଝେଙ୍ଗଜୁନ୍ ଏବେ ଚୀନ୍‌ର ଅଭିଭାବକମାନଙ୍କର ପ୍ରିୟ ମଣିଷ ପାଲଟି ଯାଇଛନ୍ତି। ୟାନ୍ ନିଜର ଏକ ନିଆରା ଭିଡିଓ ସିରିଜ୍ ଯୋଗୁଁ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ୍ ହୋଇଛନ୍ତି । ସେ ପୁରୁଣା ଓଭରକୋଟ୍ ପିନ୍ଧି, ହାତରେ ଲାଉଡସ୍ପିକର୍ ଏବଂ ଏକ ଠେଲାଗାଡ଼ି ଧରି ଗଳିଗଳି ବୁଲନ୍ତି । ସେ ଲାଉଡ୍‌ସ୍ପିକର୍‌ରେ ଯେଉଁ ପିଲାମାନେ ଜିଦ୍ କରୁଛନ୍ତି, କାନ୍ଦୁଛନ୍ତି କିମ୍ବା ଘଣ୍ଟା ଘଣ୍ଟା ଧରି ମୋବାଇଲ ବ୍ୟବହାର କରୁଛନ୍ତି, ସେମାନଙ୍କୁ ସେ 'ରିସାଇକଲ୍' ପାଇଁ ନେଇଯିବେ ବୋଲି ଘୋଷଣା କରନ୍ତି। ୟାନ୍ ଯେତେବେଳେ ଏହି ଅଭିନୟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କଲେ, ତାହା ଚୀନ୍‌ର ଅଭିଭାବକମାନଙ୍କୁ ଖୁବ୍ ପସନ୍ଦ ଆସିଲା । କାରଣ ପ୍ରତ୍ୟେକ ବାପାମାଆ ନିଜ ପିଲାଙ୍କ ମୋବାଇଲ୍ ଅଭ୍ୟାସକୁ ନେଇ ଚିନ୍ତିତ ଥିଲେ । ଦେଖୁଦେଖୁ ସାରା ଦେଶରେ ବାପାମାଆମାନେ ନିଜ ପିଲାଙ୍କୁ ସୁଧାରିବା ପାଇଁ ତାଙ୍କ ଭିଡିଓ ଦେଖାଇ ଡରାଇବା ଆରମ୍ଭ କଲେ। ସମୟକ୍ରମେ ସେ ଇଣ୍ଟରନେଟ୍‌ରେ ଏକ ବଡ଼ ପ୍ୟାରେଣ୍ଟିଂ ଟ୍ରେଣ୍ଡ ପାଲଟିଗଲେ । ତାଙ୍କର ଫଲୋଅର୍ସ ସଂଖ୍ୟା ମଧ୍ୟ ବଢ଼ି ପ୍ରାୟ ୧୬ ଲକ୍ଷ ହୋଇଗଲା। ପିଲାମାନେ ତାଙ୍କୁ ନିଜର ଶତ୍ରୁ ବୋଲି ଭାବନ୍ତି। ଏହି ଉପାୟ ବାପାମାଆଙ୍କୁ ତୁରନ୍ତ ଆଶ୍ୱସ୍ତି ଦେଉଥିଲେ ମଧ୍ୟ ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ଶିକ୍ଷକମାନେ ଏହାକୁ ବିରୋଧ କରୁଛନ୍ତି । ସେମାନଙ୍କ ମତରେ, ପିଲାଙ୍କୁ ଏଭଳି ଭୟଭୀତ କରିବା ଦ୍ୱାରା ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ।

## ସ୍ୱସ୍ତି

## ସକାଳର ୭ କାମ



**ସନାତନ ଧର୍ମ ଓ ଜ୍ୟୋତିଷ ଶାସ୍ତ୍ରରେ ସକାଳ ସମୟ ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଦିନର ଆରମ୍ଭ ଯେମିତି ହୁଏ, ଏହାର ପ୍ରଭାବ ପୂରା ଦିନର ଶକ୍ତି, ଚିନ୍ତାଧାରା ଓ କାର୍ଯ୍ୟ ଉପରେ ପଡ଼ିଥାଏ। ବାସ୍ତୁ ଅନୁସାରେ, ସକାଳୁ ଉଠି କିଛି ବିଶେଷ କାମ ନିୟମିତ କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଢ଼େ ଓ ଉନ୍ନତିର ମାର୍ଗ ଖୋଲିଥାଏ।**

- ସକାଳୁ ଆଖି ଖୋଲିବା ମାତ୍ରେ ପ୍ରଥମେ ନିଜ ହାତକୁ ଦର୍ଶନ କରନ୍ତୁ। ମାନ୍ୟତା ଅଛି କର ଦର୍ଶନରେ ମା' ଲକ୍ଷ୍ମୀ, ମା' ସରସ୍ୱତୀ, ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ଏହି ଛୋଟ ପ୍ରାରମ୍ଭ ଦିନର ଆରମ୍ଭକୁ ପବିତ୍ର କରିଥାଏ। ନିୟମିତ ଏହାକୁ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଶଯ୍ୟାରୁ ଓହ୍ଲାଇ ଭୂମିରେ ପାଦ ରଖିବା ପୂର୍ବରୁ ଧରିତ୍ରୀ ମାତାଙ୍କୁ କ୍ଷମା ମାଗି ପ୍ରଣାମ କରନ୍ତୁ। ଏହା ପ୍ରକୃତି ପ୍ରତି ସମ୍ମାନର ପ୍ରତୀକ। ଏହା ଦ୍ୱାରା ଅହଂକାର କମେ ଏବଂ ଦିନ ବିନମ୍ର ଭାବ ସହିତ ଆରମ୍ଭ ହୋଇଥାଏ।
- ସ୍ନାନ ପରେ ସୂର୍ଯ୍ୟ ଦେବଙ୍କୁ ତମ୍ବା ପାତ୍ରରେ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ। ଧାର୍ମିକ ମାନ୍ୟତା ଅଛି ଯେ, ଏହା ଦ୍ୱାରା ଆତ୍ମବିଶ୍ୱାସ, ଉର୍ଜା ଓ ମାନସମ୍ମାନ ବୃଦ୍ଧି ପାଏ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସ୍ୱାସ୍ଥ୍ୟ ଲାଗି ଉତ୍ତମ।
- ଦିନର ଆରମ୍ଭ ଇଷ୍ଟ ଦେବଙ୍କ ନାଁରୁ କରିବା ଉଚିତ। କିଛି ମିନିଟ୍ ଧ୍ୟାନ ଓ ମନ୍ତ୍ର ଜପ କରିବା ଦ୍ୱାରା ମନ ଶାନ୍ତ ରହେ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ। ଏହାଦ୍ୱାରା ଅନାବଶ୍ୟକ ଚିନ୍ତା ମଧ୍ୟ କମ୍ ହୁଏ। କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୋଇଯାଏ।
- ତୁଳସୀ ଗଛକୁ ଶୁଦ୍ଧ ଓ ପବିତ୍ର ବୋଲି ବିବେଚନା କରାଯାଏ। ଘରେ ତୁଳସୀ ଗଛ ଥିଲେ ସକାଳେ ତୁଳସୀ ମାତାଙ୍କୁ ସ୍ମରଣ ପୂର୍ବକ ଜଳ ଅର୍ପଣ କରନ୍ତୁ। ଏହା ଦ୍ୱାରା ଘରେ ସୁଖ-ଶାନ୍ତି ଓ ସକାରାତ୍ମକ ପରିବେଶ ବଜାୟ ରହେ।
- ମାତା-ପିତା ଓ ଗୁରୁଙ୍କ ଆଶୀର୍ବାଦ ଜୀବନରେ ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିଥାଏ। ସକାଳୁ ଏମାନଙ୍କ ଆଶୀର୍ବାଦ ନେବା ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଆତ୍ମବିଶ୍ୱାସ ଓ କାର୍ଯ୍ୟ କ୍ଷମତା ବୃଦ୍ଧି ପାଏ।
- ସକାଳୁ କେବେ ବି ନକାରାତ୍ମକ ଚିନ୍ତାଧାରା ମନରେ ଆଣନ୍ତୁ ନାହିଁ। କ୍ରୋଧ ତଥା ବିବାଦରୁ ଦିନର ଆରମ୍ଭ କରନ୍ତୁ ନାହିଁ। ସ୍ନାନ ବିନା ପୂଜା କରନ୍ତୁ ନାହିଁ।

## କେଉଁମାନଙ୍କୁ ସୁନା ମନା



**ଜ୍ୟୋତିଷ ଶାସ୍ତ୍ରରେ ସୁନା ଧାରଣକୁ ନେଇ କିଛି ନିୟମ ଅଛି। ମାନ୍ୟତା ଅଛି ଯେ, ଏହି ନିୟମକୁ ପାଳନ କରିବା ଦ୍ୱାରା ଶୁଭ ପରିଣାମ ମିଳେ। ଜ୍ୟୋତିର୍ବିଦଙ୍କ ମତରେ, ସୁନାକୁ ଆବଶ୍ୟକତା ଓ ଲାଭ ଅନୁସାରେ ପିନ୍ଧିବା ଉଚିତ। କାରଣ ସୁନା ଶରୀର, ଚିନ୍ତାଧାରା ଓ ସ୍ୱାସ୍ଥ୍ୟକୁ ସିଧାଳସଳଖ ପ୍ରଭାବିତ କରେ।**

ଯେଉଁମାନଙ୍କ ଜାତକରେ ଗୁରୁ ଗ୍ରହ ସ୍ଥିତି ଅଶୁଭ ଓ ଖରାପ ହୋଇଥାଏ, ସେମାନଙ୍କୁ ସୁନା ଧାରଣ କରିବାକୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାରଣ କରାଯାଇଛି। ଜାତକରେ ଗୁରୁ ସ୍ଥିତି ଖରାପ ଥିଲେ ଓ ସୁନା ଧାରଣ କଲେ ଗମ୍ଭୀର ପରିଣାମ ପ୍ରାପ୍ତ ହେବା କୁହାଯାଏ। ସେହିପରି ଯେଉଁମାନେ ଲୁହା, କୋଇଲା, ଶନି ସମ୍ବନ୍ଧିତ ଜିନିଷ କାରବାର କରନ୍ତି, ସେମାନଙ୍କୁ ସୁନା ସୁଟ୍ କରି ନ ଥାଏ। ଏଭଳି ଲୋକ ସୁନା ଧାରଣରୁ ଦୂରତ୍ୱ ରକ୍ଷା କରିବା ଉଚିତ। ଏହାବାଦ୍ ସୁନାକୁ ଅଣ୍ଟାରେ ଧାରଣ କରିବା ଅନୁଚିତ। ନାଲି ସୂତାରେ ପିଲାଙ୍କୁ ସୁନା ଘୁଙ୍ଗୁର ପିନ୍ଧାଇ ହେବ। ସୁନା ଧାରଣ କରୁଥିବା ଲୋକେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ସୁନା ଧାରଣ କରୁଥିବା ବ୍ୟକ୍ତି ତାମସିକ ଜିନିଷରୁ ଦୂରେଇ ରହିବା ଉଚିତ। ସୁନା ଧାରଣ କରି ମାଂସ ତଥା ନିଶା ସେବନ କଲେ ଦେବଗୁରୁ ବୃହସ୍ପତି ଅଶୁଭ ଫଳ ପ୍ରଦାନ କରନ୍ତି।

ମେଷ, କର୍କଟ, ସିଂହ ଓ ଧନୁ ରାଶି ପାଇଁ ସୁନା ଧାରଣ ଶୁଭ। ବିଛା ଓ ମୀନ ରାଶି ବ୍ୟକ୍ତି ବିଶେଷ ସୁନା ଧାରଣ କଲେ ମଧ୍ୟମ ଫଳ ମିଳେ। ସେହିପରି ବୃଷ, ମିଥୁନ, କନ୍ୟା, କୁମ୍ଭ ରାଶିକୁ ସୁନା ସୁଟ୍ କରି ନ ଥାଏ। ତୁଳା ଓ ମକର ରାଶି ପାଇଁ ସୁନା ଧାରଣ ଭଲ ନୁହେଁ ବୋଲି କୁହାଯାଏ । ତେବେ ଯେଉଁମାନଙ୍କ ଜାତକରେ ବୃହସ୍ପତି ଅନୁକୂଳ ଥାନ୍ତି, ସେମାନଙ୍କ ପାଇଁ ସୁନା ଧାରଣ ଲାଭକାରୀ।

## ମନିପ୍ଲାଣ୍ଟ ଶୁଖି ଯାଉଥିଲେ...



**ବାସ୍ତୁ ଶାସ୍ତ୍ରରେ କିଛି ଗଛକୁ ଶୁଭ ବୋଲି କୁହାଯାଇଛି। ସେଥିରୁ ଅନ୍ୟତମ ମନିପ୍ଲାଣ୍ଟ। ତେବେ ମନିପ୍ଲାଣ୍ଟ ଶୁଖିଗଲେ ଏହାକୁ ଅଣଦେଖା କରିବା ଅନୁଚିତ। ମନପ୍ଲାଣ୍ଟ ଶୁଖିଯିବାକୁ ଶୁଭ ସଙ୍କେତ ବୋଲି କୁହାଯାଏ ନାହିଁ।**

ବାସ୍ତୁ ମାନ୍ୟତାନୁସାରେ, ଶୁଖିଲା ମନିପ୍ଲାଣ୍ଟ ଆଗାମୀ ଦିନରେ ଆର୍ଥିକ ସମସ୍ୟା ଦେଖା ଦେବାକୁ ଇଙ୍ଗିତ କରେ। ଏହାଦ୍ୱାରା ଅଯଥା ଖର୍ଚ୍ଚ ବଢ଼ିବା ଆଶଙ୍କା ଥାଏ। ବାସ୍ତୁ ଅନୁସାରେ ଶୁଖିଲା ତଥା ଝାଉଁଳି ପଡ଼ିଥିବା ମନିପ୍ଲାଣ୍ଟ ରହିବା ଭଲ ନୁହେଁ। ଏହା ଉନ୍ନତିକୁ ରୋକିଥାଏ। ଏହାସହ ବ୍ୟବସାୟ ଓ ଚାକିରିକୁ ନେଇ କିଛି ସମସ୍ୟା ଦେଖା ଦେବା ଦିଗକୁ ବି ଏହା ଇଙ୍ଗିତ କରେ। ବାସ୍ତୁ ଶାସ୍ତ୍ର ଅନୁସାରେ, ଶୁଖିଲା ମନିପ୍ଲାଣ୍ଟର ଅର୍ଥ ଆଗାମୀ ଦିନରେ ଘରେ କଳି ଝଗଡ଼ା ପରିବେଶ ବି ସୃଷ୍ଟି କରିପାରେ। ଫଳରେ ଘରେ ଚାପ ଓ ଅଶାନ୍ତିର ପରିବେଶ ସୃଷ୍ଟି ହୁଏ। ସେହିପରି ମନିପ୍ଲାଣ୍ଟର ପତ୍ର ଶୁଖିଗଲେ ଘରର ଉନ୍ନତି ଉପରେ ଏହା ବାଧା ପକାଏ ବୋଲି ଜଣାପଡ଼େ। ତେଣୁ ମନିପ୍ଲାଣ୍ଟ ଶୁଖିବାକୁ ଅଣଦେଖା କରିବା ଅନୁଚିତ।

## ବ୍ୟବସାୟରେ ବାଧା ଦୂରର ଉପାୟ



**ପ୍ରତ୍ୟେକ ବ୍ୟବସାୟୀ ନିଜ ବ୍ୟବସାୟରେ ଉନ୍ନତି ଚାହାନ୍ତି। ଏନେଇ ଅନେକ କିଛି ଉପାୟ ମଧ୍ୟ ଗ୍ରହଣ କରିଥାନ୍ତି। ସେହିପରି ବେଳେ ବେଳେ ବ୍ୟବସାୟରେ ବାଧା ମଧ୍ୟ ଦେଖା ଦିଏ। ଏହାକୁ କିଭଳି ଦୂର କରି ହେବ, ସେ ସମ୍ପର୍କରେ ଜାଣିବା।**

- ପ୍ରତି ବୁଧବାର ଗଣେଶଙ୍କ ପୂଜା କରନ୍ତୁ। ଦୋକାନ ଖୋଲିବା ପୂର୍ବରୁ ଗଣେଶ ମନ୍ତ୍ର ଜପ କରନ୍ତୁ। ୧୦୮ ଥର ମନ୍ତ୍ର ଜପକୁ ଶୁଭ ବୋଲି କୁହାଯାଏ। ଏହାସହ ବ୍ୟବସାୟରେ ବାଧା ଦୂର କରିବାର ପ୍ରାର୍ଥନା କରନ୍ତୁ।
- ପ୍ରତି ମାସ ୧ ତାରିଖରେ ମୁଖ୍ୟ ପ୍ରବେଶ ଦ୍ୱାରରେ ହଳଦୀ ତଥା ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାପରେ ଦୀପକୁ ମା' ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କ ନାମ ସ୍ମରଣ କରନ୍ତୁ। ଏହାସହ ବ୍ୟବସାୟରେ ନିରନ୍ତର ଉନ୍ନତି ହେବା ପ୍ରାର୍ଥନା କରନ୍ତୁ।
- ସକାଳୁ ଦୋକାନ ଖୋଲିବା ପରେ କର୍ପୂର ଓ ଧୂପକୁ ପୂରା ଦୋକାନ ପରିସରରେ ବୁଲାନ୍ତୁ। ଏହାଦ୍ୱାରା ସକାରାତ୍ମକ ଶକ୍ତି ସଂଚାର ହୁଏ।
- ଶନିବାର କଳା ରାଶି, ସୋରିଷ ତେଲ ଶନିଦେବଙ୍କୁ ଅର୍ପଣ କରନ୍ତୁ। ଏହାସହ ଶନିଦେବଙ୍କୁ ସ୍ମରଣ କରନ୍ତୁ।
- ପ୍ରତିଦିନ ଦୋକାନରେ ମହାଲକ୍ଷ୍ମୀଙ୍କ ମନ୍ତ୍ରର ଏକ ମାଳା ଜପ କରନ୍ତୁ। ସଚ୍ଚୋଟତା ଓ ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରନ୍ତୁ।

ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଶୀର୍ଷସ୍ଥାନ ଲାଗି ଭାରତ-ଇଂଲଣ୍ଡ ମୁକାବିଲା



ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି)

ଦୁର୍ବଳ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଭାରତ ଏଠାରେ ଶନିବାର ଆରମ୍ଭ ହୋଇଥିବା ହକି ବିଶ୍ୱକପ୍‌ର ପୁରୁଷ ବିଭାଗରେ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂ ଡବଲ ଗୋଲ ସ୍କୋର କରିଥିଲାବେଳେ ସଞ୍ଜୟ ରାଣା ଗୋଟିଏ ଗୋଲ ଦେଇଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ହୋଇନାହିଁ। ଆସନ୍ତାକାଲି ପୁଲ୍-ଡି'ରେ ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଭାରତ ଓ ଇଂଲଣ୍ଡ ପରସ୍ପର ସହ ମୁକାବିଲା କରିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପୁଲ୍‌ରେ ଶୀର୍ଷସ୍ଥାନ ହାସଲ କରିବ। କିନ୍ତୁ ନୂଆ ଫର୍ମାଟ ଅନୁଯାୟୀ ଉଭୟ ଦଳ ଯଦି ପୁଲ୍‌ରୁ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ, ତେବେ ବିଜୟୀ ଦଳର ସେମିଫାଇନାଲ ଖେଳିବା ସୁଯୋଗ ରହିବ। ନୂଆ ନିୟମ ଅନୁଯାୟୀ ବିଜୟୀ ଦଳ କ୍ରସ୍ ଓଭରରେ ଗୋଟିଏ ବିଜୟରୁ ଖେଳ ଆରମ୍ଭ କରିବ। ଅର୍ଥାତ ଦଳ କୌଣସି ମ୍ୟାଚ୍ ନ ଖେଳି ଗୋଟିଏ ବିଜୟର ପୂରା ପଏଂଟ ସହ ଖେଳିବ।

ଏଥର ପ୍ରତ୍ୟେକ ପୁଲ୍‌ରୁ ୨ଟି ଲେଖାଏଁ ଦଳ କ୍ରସ୍ ଓଭରରୁ ଯିବେ। କ୍ରସ୍ ଓଭରରୁ ଉନ୍ନୀତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯିବ। ଗୋଟିଏ ପୁଲରୁ ଯୋଗ୍ୟତା ଅର୍ଜନ କରିଥିବା ଦଳ ମଧ୍ୟରୁ ବିଜୟୀ ଦଳକୁ କ୍ରସ୍ ଓଭରରେ ଗୋଟିଏ ବିଜୟର ପୂରା ପଏଂଟରୁ ଖେଳ ଆରମ୍ଭ କରିବେ। ଏହାର ଅର୍ଥ ଭାରତ ଓ ଇଂଲଣ୍ଡ ଗୋଟିଏ ପୁଲ୍‌ରୁ ଯୋଗ୍ୟତା ଅର୍ଜନ କରିବେ। ଏମାନଙ୍କ ମଧ୍ୟରେ ହୋଇଥିବା ପୁଲ୍ ମୁକାବିଲାରେ ବିଜୟୀ ଦଳ କ୍ରସ୍ ଓଭର ଗ୍ରୁପରେ ପୂରା ପଏଣ୍ଟରୁ ଖେଳ ଆରମ୍ଭ କରିବ। ଏହି କାରଣ ଯୋଗୁଁ ଇଂଲଣ୍ଡ ବିପକ୍ଷ ମୁକାବିଲା ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ପକ୍ଷରେ ଦୀର୍ଘ ୩୨ ବର୍ଷ ହେଲା ବିଶ୍ୱକପ୍‌ରେ ଇଂଲଣ୍ଡକୁ ହରାଇ ନାହିଁ ଭାରତ। ଇଂଲଣ୍ଡ ମଧ୍ୟ ପ୍ରଥମ ରାଉଣ୍ଡରେ ପାକିସ୍ତାନକୁ ୪-୧ ଗୋଲରେ ହରାଇ ଚଳିତବର୍ଷ ୧୮ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏଣୁ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ତାହାର ଖେଳରେ ଉନ୍ନତି ଆଣିବାକୁ ହେବ। ୱେଲ୍ସ ବିପକ୍ଷରେ ଭାରତ ଗୋଲ ଦେବାକୁ ବିଶେଷ ସୁଯୋଗ ସୃଷ୍ଟି କରିପାରି ନାହିଁ। ଯଦିବି ସୁଯୋଗ ଅଭିଷେକ ଓ ସୁଖଜିତ ସୁଯୋଗ ସୃଷ୍ଟି କରିଥିଲେ ତାହାକୁ ଗୋଲରେ ପରିଣତ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ହୋଇ ନାହିଁ। ଏଭଳି ସ୍ଥଳେ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ନିଶ୍ଚିତ ଭାବେ ଉନ୍ନତ ଖେଳିବାକୁ ହେବ।

## ମହିଳା ଦଳର ଚୀନ୍ ସହ ଡ୍ର



ଆଜି ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପୁଲ-ଡି'ର ଏକ ମୁକାବିଲାରେ ଚୀନ୍ ସହ ଭାରତ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଭାରତ ପକ୍ଷରୁ ନବନୀତ କୌର ଓ ପେନାଲ୍ଟି କର୍ଣ୍ଣରରୁ ଦୀପିକା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦଳ ଆଗୁଆ ଗୋଲ କରିଥିଲେ ମଧ୍ୟ ଏହି ମୁକାବିଲାକୁ ଜିତି ପାରି ନ ଥିଲା। ଚୀନ୍ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଝାଙ୍ଗ ୟିଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ ମା ନିଙ୍ଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତା ୧୮ ତାରିଖରେ ଭାରତ ତାହାର ଦ୍ୱିତୀୟ ମୁକାବିଲା ଦକ୍ଷିଣ ଆଫ୍ରିକା ସହ ଖେଳିବ। ପୁଲ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ କ୍ରସ୍ ଓଭରକୁ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଇଂଲଣ୍ଡ ନିକଟରୁ ପାକିସ୍ତାନ ପରାସ୍ତ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦିନରେ ୪ଥରର ବିଶ୍ୱ ଚାମ୍ପିଅନ ପାକିସ୍ତାନ ୧-୪ ଗୋଲରେ ଇଂଲଣ୍ଡ ନିକଟରୁ ପରାଜିତ ହୋଇଛି। ଏହି ଦିନ ବେଲଜିୟମର ୱାଭରେଠାରେ ପୁଲ-ବି'ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ୫-୧ ଗୋଲରେ ମାଲେସିଆକୁ ଏବଂ ଆୟୋଜକ ତଥା ଟାଇଟଲ ହଟ ଫେଭରାଇଟ ବେଲଜିୟମ ୩-୨ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛନ୍ତି। ଆଜି ଦ୍ୱିତୀୟ ଦିନରେ ଖେଳାଯାଇଥିବା ପୁଲ୍-ସି'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।



■ ମହିଳା ବିଶ୍ୱକପ୍ ହକି

## ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡସର ବିଜୟ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ମହିଳା ବିଶ୍ୱକପ୍ ହକିର ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ପରି ଶକ୍ତିଶାଳୀ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଆମଷ୍ଟଲଭିନ୍‌ଠାରେ ଶନିବାର ଖେଳାଯାଇଥିବା ପୁଲ୍-ବି'ରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଜାପାନକୁ ଓ ନେଦରଲ୍ୟାଣ୍ଡସ ୨-୦ ଗୋଲରେ ଚିଲିକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୩-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଆର୍ଜେଣ୍ଟିନା ଓ ଆମେରିକା ମଧ୍ୟରେ ଖେଳ ୧-୧ ଗୋଲରେ ଡ୍ର ରହିଛି। ଆଜି ପୁଲ-ସି ଓ ଡି'ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯାଉଛି। ପୁଲ୍-ଡି'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୪-୦ ଗୋଲର ବଡ଼ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଭାରତ ସହ ଚୀନ୍ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ବେଲଜିୟମ୍‌ର ୱାଭରେଠାରେ ପୁଲ୍-ସି'ରେ ବେଲ୍‌ଜିୟମ ସହ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହ ଆୟର୍ଲାଣ୍ଡର ମୁକାବିଲା ଜୋରଦାର ହୋଇଛି।

## ଆଜିଠାରୁ ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଆରେନାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ ବା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍। ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବାକୁ ଥିବା ୭ ଦିନିଆ ପ୍ରତିଯୋଗିତା ଦୀର୍ଘ ୧୭ ବର୍ଷ ପରେ ଭାରତରେ ଅନୁଷ୍ଠିତ ହେବ। ପୁରୁଷ ବିଭାଗ ଏକକରେ ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ୩୦ ବର୍ଷୀୟ ଶି ୟୁ କି'ଙ୍କୁ ଫେଭରାଇଟ ଅଛନ୍ତି। ୨୦୨୩ର ଚାମ୍ପିଅନ ତଥା ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଥାଇଲାଣ୍ଡର କୁନ୍‌ଲାଭଟ ବିଦିତସର୍ଣ୍ଣ ତାଙ୍କୁ ଟକ୍କର ଦେବେ। ୨୪ ବର୍ଷୀୟ ଭାରତର ଲକ୍ଷ୍ୟ ସେନ୍ ମଧ୍ୟ ପଦକ ଦୌଡ଼ରେ ରହିଛନ୍ତି। ମହିଳା ଏକକରେ ପୂର୍ବତନ ବିଶ୍ୱଚାମ୍ପିଅନ ତଥା ୫ଥରର ପଦକ ବିଜେତା ଭାରତର ପିଭି ସିନ୍ଧୁ ଟାଇଟଲ ଦୌଡ଼ରେ ରହିଛନ୍ତି। ଦକ୍ଷିଣ କୋରିଆର ଡିଫେଣ୍ଡିଂ ଅଲିମ୍ପିକ୍ ତଥା ୨୦୨୩ର ବିଶ୍ୱ ଚାମ୍ପିଅନ ଆନ୍ ସେ ୟଙ୍ଗ ମଧ୍ୟ ଟାଇଟଲର ଦାବିଦାର ଅଛନ୍ତି। ୩ଥରର ବିଶ୍ୱଚାମ୍ପିଅନ ଜାପାନର ଆକାନେ ୟାମାଗୁଚି, ଚୀନ୍‌ର ଦୁଇ ଖେଳାଳି ତଥା ପୂର୍ବତନ ନଂ-୧ ଓ ଚଳିତବର୍ଷର ଅଲ୍ ଇଂଲଣ୍ଡ ଚାମ୍ପିଅନ ୱାଙ୍ଗ ଝି ୟି ଏବଂ ଗତଥରର ରନର୍ସ ଅପ୍ ଚେନ୍ ୟୁଫେଇ ମଧ୍ୟ ଟାଇଟଲ ଦୌଡ଼ରେ ରହିଛନ୍ତି। ଏହି ପ୍ରତିଯୋଗିତାର ସମସ୍ତ ୫ଟି ବିଭାଗରେ ଭାରତରୁ ୧୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ଗଲ୍ ଲଢ଼େଇ: ପାଡିକଲଙ୍କ ପ୍ରଥମ ଟେଷ୍ଟ ଶତକ



ଗଲ୍, ୧୬।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମୁକାବିଲାର କ୍ରମାଗତ ୨ୟ ଦିନରେ ବର୍ଷା ବାଧକ ସାଜିଛି। ବର୍ଷା, ଅସହ୍ୟ ଗରମ ଓ ଶ୍ରୀଲଙ୍କା ସ୍ପିନରଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ଭାରତ ୯ ୱିକେଟ୍ ହରାଇ ୪୬୦ ରନ୍‌ର ବିଶାଳ ସ୍କୋର୍ କରିଛି। ଦଳ ପକ୍ଷରୁ ନଂ-୩ରେ ବ୍ୟାଟିଂ କରିଥିବା ଦେବଦତ୍ତ ପାଡିକଲ ଟେଷ୍ଟ ଜୀବନରେ ପ୍ରଥମ ଶତକ ହାସଲ କରିବା ସହ ସର୍ବାଧିକ ୧୬୭ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍‌ର ସହାୟତା ଦେଇଛନ୍ତି।

ଅଧିନାୟକ ଶୁଭମନ ଗିଲ୍ ୨ଟି ଚୌକା ସହ ୧୬ ,ବାମହାତି ପନ୍ତ ୩୯, ଯଶସ୍ୱୀ ଜୟସ୍ୱାଲ ୩୨ ଓ ମାନବ ସୁତାର ୨୪ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଦେବଦତ୍ତ ପାଡିକଲ ୨୩୦ ବଲ୍‌ରୁ ଗୋଟିଏ ଛକା ଓ ୧୫ଟି ଚୌକା ସହ ୧୬୭ ରନ୍‌କରି ଆଉଟ୍ ହୋଇଥିଲେ।। କେ.ଏଲ୍. ରାହୁଲ ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୨ ରନ୍‌କରି ବିଦାୟ ନେଇଥିଲେ। ଧ୍ରୁବ ଜୁରେଲ ଗୋଟିଏ ଛକା ଓ ୪ଟି ଚୌକା ସହ ୫୧ ରନ୍ କରିଥିଲେ। ଶ୍ରୀଲଙ୍କାର ତାରକା ବାମହାତି ସ୍ପିନର ପ୍ରବାଥ ଜୟସୂରିୟା ୪ଟି ଓ ଡେବ୍ୟୁଟାଣ୍ଟ ଅଫ୍‌ସ୍ପିନର କେଶର ନୁୱାନ୍ତା ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଯୋଗୁଁ ପ୍ରଥମ ଦିନରେ ୭୩ ଓଭର ଖେଳ ହୋଇଥିବା ବେଳେ ୨ୟ ଦିନରେ ମାତ୍ର ୪୩ ଓଭର ଖେଳ ସମ୍ଭବ ହୋଇଛି। ପ୍ରଥମ ଦୁଇ ଦିନ ଖେଳ ଭାରତର ନିୟନ୍ତ୍ରଣରେ ରହିଛି।

## ଅଷ୍ଟ୍ରେଲିଆର ବିଶ୍ୱରେକର୍ଡ ଭାଙ୍ଗିଲା ସ୍ପେନ୍

ମାଦ୍ରିଦ୍,୧୬।୮ (ଏଜେନ୍ସି): ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ସର୍ବାଧିକ ମ୍ୟାଚ୍ ଜିତିବାରେ ସ୍ପେନ୍ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛି। ଟି-୨୦ ବିଶ୍ୱକପ୍ ୟୁରୋପ୍ ସବ୍ ରିଜିଓନାଲ କ୍ୱାଲିଫାୟରରେ ଫିନ୍‌ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରି ସ୍ପେନ୍ କ୍ରମାଗତ ୨୧ତମ ବିଜୟ ହାସଲ କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ନାମରେ ଥିବା କ୍ରମାଗତ ୨୦ତମ ବିଜୟର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ୨୦୨୩ରେ ଅଷ୍ଟ୍ରେଲିଆ ଏହି ରେକର୍ଡ ଅତିକ୍ରମ କରିଥିଲାବେଳେ ଏହିବର୍ଷଠାରୁ ସ୍ପେନ୍‌ର ଜୟଯାତ୍ରାର ରେକର୍ଡ ଆରମ୍ଭ ହୋଇଥିଲା।

## ଓଡ଼ିଶା ପୁଲିସ୍ ସୁପର କପ୍ ଚାମ୍ପିଅନ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶା ପୁଲିସ୍ ୫-୧ ଗୋଲରେ ୟଙ୍ଗ୍ ଉତ୍କଳ କ୍ଲବ୍‌କୁ ପରାସ୍ତ କରି ୨୦୨୬ ଏମ୍‌ଜିଏମ୍ ଫାଓ ସୁପର କପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବାବଦରେ ପୁଲିସ୍ ଟିମ୍‌କୁ ଟ୍ରଫି ସହ ୧ଲକ୍ଷ ଓ ରନର୍ସ ଅପ୍ ୟଙ୍ଗ୍ ଉତ୍କଳକୁ ଟ୍ରଫି ସହ ୫୦, ୦୦୦ ଟଙ୍କା ପୁରସ୍କାର ମିଳିଛି। ସେହପରି ଫାଓ ଫାଷ୍ଟ ଡିଭିଜନ ଡାଇମଣ୍ଡ ଲିଗ୍‌ରେ ସନ୍‌ରାଇଜ୍ କ୍ଲବ୍, ଗୋଲ୍ଡ ଲିଗ୍‌ରେ ମଙ୍ଗଳା କ୍ଲବ୍, ସିଲଭର ଲିଗ୍‌ରେ ଇଲେଭେନ୍ ଗନ୍ କ୍ଲବ୍ ଚାମ୍ପିଅନ ହୋଇଛି। ପୁରସ୍କାର ବାବଦରେ ଟ୍ରଫି ସହ ଯଥାକ୍ରମେ ୧ ଲକ୍ଷ, ୭୫ ହଜାର ଓ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏଥିଲାଗି ଆୟୋଜିତ ଉତ୍ସବରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି, କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ୩ ଉପସଭାପତି ବିଜୟ ଦାସ, ଦିଲୀପ ସାହୁ ଓ ସହଦେବ ରାଉତଙ୍କ ସହ ଫାଓର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୟୁନମ୍‌ରେ ତ୍ରିରଙ୍ଗା ଉଡ଼ାଇଲେ ଓଡ଼ିଶାର ମହିଳା ପର୍ବତାରୋହୀ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତରୋହୀ ଦଳ ହିମାଚଳ ପ୍ରଦେଶର ୟୁନମ ପର୍ବତ ଆରୋହଣ କରିବା ସହ ସ୍ୱାଧୀନତା ଦିବସରେ ୮୦ ଫୁଟ୍‌ର ତ୍ରିରଙ୍ଗା ଉତ୍ତୋଳନ କରି ଇତିହାସ ସୃଷ୍ଟି କରିଛନ୍ତି। ୨୦,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପର୍ବତକୁ ଓଡ଼ିଶାର ୫ଜଣ ପର୍ବତାରୋହୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫଳତା ଅର୍ଜନ କରିଛନ୍ତି। ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତ ୭ ତାରିଖରେ ଓଡ଼ିଶାରୁ ଯାତ୍ରା ଆରମ୍ଭ କରିଥିଲା। ଦଳରେ ୮ଜଣ ସଦସ୍ୟ ରହିଥିଲେ ମଧ୍ୟ ୫ଜଣ ୟୁନମ ଆରୋହଣ କରିବାରେ ସଫଳ ହୋଇଥିଲେ। ଅସୁସ୍ଥତା କାରଣରୁ ଅନ୍ୟ ୩ଜଣ ଶିଖରର ନିକଟରେ ପହଞ୍ଚିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରି ନ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସଙ୍କେତ କମ୍ୟୁନିକେସନର ସହଯୋଗରେ ଏହି ପର୍ବତାରୋହଣ ସମ୍ଭବ ହୋଇଛି। ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶୃତି ପାତ୍ରଙ୍କ ସହ ସୁବର୍ଣ୍ଣପୁରର ସୋନାଲି ଭୋଇ, ସମ୍ବଲପୁରର ପ୍ରୀତି ପୋଢ଼, କଳାହାଣ୍ଡିର ଲିଲି ସାହୁ ପାତ୍ର ୟୁନମ ପର୍ବତ ଆରୋହଣ କରିଥିଲେ।

ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍

## ଧୃତିମାନ ଦେ' ଚାମ୍ପିଅନ



ଭୁବନେଶ୍ୱର,୧୬।୮ (ସମିସ): ଫ୍ୟୁଚର ଭୁବେନଶ୍ୱର ସ୍କୁଲର ଧୃତିମାନ ଦେ' ୬ଷ୍ଠ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଉଦ୍‌ଘାଟନ କରିଥିଲାବେଳେ ଦ୍ୱାରକାମୟୀ ଆସୋସିଏଟସର ଏମ୍‌ଡି ରମାକାନ୍ତ ଆଚାର୍ଯ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧୃତିମାନ ୫ ରାଉଣ୍ଡରୁ ସର୍ବାଧିକ ୪ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା କେଟି ଗ୍ଲୋବାଲ ସ୍କୁଲ୍‌ର ଚନ୍ଦ୍ରକାନ୍ତ ପୁହାଣ ଦ୍ୱିତୀୟ, ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ, ୟୁନିଟ-୮ ଡିଏଭି ସ୍କୁଲ୍‌ର ଶୁଭମ ଷଡଙ୍ଗୀ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଓମ୍ ଶତପଥୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ମିରାଜ୍‌ଙ୍କ ୫ ୱିକେଟ୍; ଗ୍ରୀନ୍‌ଙ୍କ ଶତକ ବ୍ୟର୍ଥ

# ଅଷ୍ଟ୍ରେଲିଆରେ ବାଂଲାଦେଶର ଐତିହାସିକ ବିଜୟ

ଡାର୍‌ୱିନ, ୧୬।୮ (ଏଜେନ୍ସି)



ବିଶ୍ୱର ୧ନଂ ଟେଷ୍ଟ ଦଳ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆ ମାଟିରେ ୯ ୱିକେଟ୍‌ରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ । ୨୩ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ମାତ୍ର ତୃତୀୟ ମୁକାବିଲାରେ ବାଂଲାଦେଶ ଏହି ଟେଷ୍ଟ ବିଜୟ ହାସଲ କରିବାରେ ସଫଳ ହୋଇଛି। ବିଶେଷ କରି ଟେଷ୍ଟ ମାନ୍ୟତାରେ ୯ମ ସ୍ଥାନରେ ଥିବା ଦଳଠାରୁ ପରାଜିତ ହେବା ଅଷ୍ଟ୍ରେଲିଆ ଲାଗି ଅସମ୍ମାନଜନକ ବୋଲି କୁହାଯାଇଛି। ସେହିପରି ଭାରତ, ପାକିସ୍ତାନ ପରେ ବାଂଲାଦେଶ ତୃତୀୟ ଏସୀୟ ରାଷ୍ଟ୍ର ଭାବେ ବାଂଲାଦେଶ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆରେ ହରାଇବାରେ ସଫଳ ହୋଇଛି।

ଏଠାରେ ଖେଳାଯାଇଥିବା ଏହି ଟେଷ୍ଟର ପ୍ରଥମ ଇନିଂସରେ ବାଂଲାଦେଶ ୪୬୧ ରନ୍ କରି ୨୨୮ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସରେ କାମେରନ ଗ୍ରୀନ୍‌ଙ୍କ ୧୦୪ ରନ୍ ସତ୍ତ୍ୱେ ଦଳ ୨୮୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଆଗରେ ୫୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା ଓ ଭ୍ରମଣକାରୀ ଦଳ ତାହାକୁ ମାତ୍ର ୧ ୱିକେଟ ହରାଇ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ମେହଦୀ ହାସନ ମିରାଜ ୫ଟି ୱିକେଟ ନେଇଥି ଲେ। କିନ୍ତୁ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ହାସନ ମାମୁଦଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଅଷ୍ଟ୍ରେଲିଆ ମାଟିରେ ବାଂଲାଦେଶ ଖେଳିଥିବା ଯେ କୌଣସି ଫର୍ମାଟରେ ବାଂଲାଦେଶର ଏହା ପ୍ରଥମ ବିଜୟ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ବିଜୟ। ଯେକୌଣସି ଫର୍ମାଟରେ ଏହା ଦଳର ସର୍ବଶ୍ରେଷ୍ଠ ବିଜୟ ବୋଲି ମ୍ୟାଚ୍ ପରେ ବାଂଲାଦେଶ ଅଧିନାୟକ ନଜ୍‌ମୁଲ ହୋସେନ୍ ଶାନ୍ତ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS